# କୁବେର ସମାଜ (ପଶ୍ଚିମାଞ୍ଚଳ)

## ଓଡ଼ିଶା ଏବଂ ଛତିଶଗଡ଼

# ନିୟମାବଳୀ

## ୨୦୧୦-୧୧

# ସୂଚୀପତ୍ର


| କ୍ର.ନଂ | ନିୟମ | ଧାରା | ପୃଷ୍ଠା |
|---|---|---|---|
| ୧ | ପ୍ରସ୍ତାବନା | ..... | ୧ |
| ୨ | ସାଂଗଠନିକ ବିବରଣୀ | ୧-୧୩ | ୫ |
| ୩ | ସାମାଜିକ ସଂଗଠନ-ପରିବାର | ୧୪ | ୮ |
| ୪ | ସାଇ | ୧୫-୨୪ | ୧୦ |
| ୫ | କୋନାଲ କମିଟୀ | ୨୫ | ୧୭ |
| ୬ | ମହାସଭାର କାର୍ଯ୍ୟକାରୀ କମିଟୀ | ୨୬ | ୨୦ |
| ୭ | ସମୀକ୍ଷକ ମଣ୍ଡଳୀ | ୨୭ | ୨୧ |
| ୮ | ଆଇନ ପରାମର୍ଶଦାତା | ୨୮ | ୨୧ |
| ୯ | ବିଚାରମଞ୍ଚ | ୨୯ | ୨୧ |
| ୧୦ | ଉପଦେଷ୍ଟା ମଣ୍ଡଳୀ | ୩୦ | ୨୨ |
| ୧୧ | ଯୁବାମଞ୍ଚ | ୩୧ | ୨୨ |
| ୧୨ | ମାତୃମଞ୍ଚ | ୩୨ | ୨୪ |
| ୧୩ | ମହାସଭାର ଦାୟିତ୍ୱ | ୩୩ | ୨୬ |
| ୧୪ | ସଭାପତି | ୩୪ | ୨୮ |
| ୧୫ | ଉପସଭାପତି | ୩୫ | ୩୦ |
| ୧୬ | ସାଧାରଣ ସଂପାଦକ | ୩୬ | ୩୧ |
| ୧୭ | ସଂପାଦକ | ୩୭ | ୩୨ |
| ୧୮ | କୋଷାଧ୍ୟକ୍ଷ | ୩୮ | ୩୩ |
| ୧୯ | କାର୍ଯ୍ୟକାରୀ କମିଟୀ ସଦସ୍ୟ | ୩୯ | ୩୪ |
| ୨୦ | ଆର୍ଥିକ ସବ୍‌କମିଟୀ | ୪୦ | ୩୫ |
| ୨୧ | ଶିକ୍ଷା କମିଟୀ | ୪୧ | ୩୬ |
| ୨୨ | ବୈଷୟିକ ପରାମର୍ଶ ଦାତା କମିଟୀ | ୪୨ | ୩୬ |
| ୨୩ | ଉନ୍ନୟନ ପରାମର୍ଶଦାତା କମିଟୀ | ୪୩ | ୩୬ |
| ୨୪ | ମହାସଭାର ଆର୍ଥିକ ଦିଗ | ୪୪-୪୫ | ୩୬ |
| ୨୫ | ସାମାଜିକ ରୀତି ନୀତି- ବିବାହ | ୪୬-୪୯ | ୩୯ |
| ୨୬ | ବୈବାହିକ ସମ୍ବନ୍ଧ ସ୍ଥାପନ | ୫୦ | ୪୭ |
| ୨୭ | ନିର୍ବନ୍ଧ | ୫୧ | ୪୯ |
| ୨୮ | ବନ୍ଧୁ ନିମନ୍ତ୍ରଣ | ୫୨ | ୫୦ |

# ସୂଚୀପତ୍ର


| କ୍ର.ନଂ | ନିୟମ | ଧାରା | ପୃଷ୍ଠା |
|---|---|---|---|
| ୨୯ | ବରଧରା | ୫୩ | ୫୧ |
| ୩୦ | ବରଯାତ୍ରା | ୫୪ | ୫୨ |
| ୩୧ | ସଭାବରଣ | ୫୫ | ୫୨ |
| ୩୨ | ବରବନ୍ଦାଣ | ୫୬ | ୫୪ |
| ୩୩ | ଗୁଆଁଳି ସଭା | ୫୭ | ୫୪ |
| ୩୪ | ବିବାହ କାର୍ଯ୍ୟ | ୫୮ | ୫୫ |
| ୩୫ | ଶଳାବିଧା | ୫୯ | ୫୫ |
| ୩୬ | କନ୍ୟା ବିଦାୟ, ଜାଇରଗଡ଼ା | ୬୦-୬୧ | ୫୫ |
| ୩୭ | ମଙ୍ଗଳକୃତ୍ୟ, ମଙ୍ଗଳପାକ | ୬୨-୬୩ | ୫୬ |
| ୩୮ | କୋଇଲି ବୁଡ଼, ବିବାହ ବେଦୀ | ୬୪-୬୫ | ୫୬ |
| ୩୯ | ଗୁଆ ଓ ଏହାର ଗୁରୁତ୍ୱ | ୬୬ | ୫୬ |
| ୪୦ | ନିଷେକ | ୬୭ | ୫୮ |
| ୪୧ | ଅଷ୍ଟମଙ୍ଗଳା | ୬୮ | ୫୯ |
| ୪୨ | ଜନ୍ମପ୍ରକରଣ | ୬୯ | ୬୦ |
| ୪୩ | ମୃତ୍ୟୁ ପ୍ରକରଣ | ୭୦ | ୬୦ |
| ୪୪ | ଗୋବଧ | ୭୧ | ୬୨ |
| ୪୫ | ମାଛିଆପାତକ କର୍ମ | ୭୨ | ୬୨ |
| ୪୬ | ଜାତିଭାଇଙ୍କ ପାଳନୀୟ କର୍ତ୍ତବ୍ୟ | ୭୩ | ୬୨ |
| ୪୭ | ସଭାର ନିୟମ | ୭୪ | ୬୩ |
| ୪୮ | ସମ୍ବିଧାନ ସଂଶୋଧନ | ୭୫ | ୬୫ |
| ୪୯ | ଅଭିଯୋଗ | ୭୬ | ୬୬ |
| ୫୦ | ବାଛନ୍ଦ ବ୍ୟବସ୍ଥା | ୭୭ | ୬୬ |
| ୫୧ | ସାମାଜିକ କଳଙ୍କ-ଯୌତୁକ | ୭୮ | ୬୯ |
| ୫୨ | ଛାଡ଼ପତ୍ର | ୭୯ | ୭୦ |
| ୫୩ | କାର୍ଯ୍ୟକର୍ତ୍ତାଙ୍କ ଅପସାରଣ | ୮୦-୮୧ | ୭୨ |
| ୫୪ | କାର୍ଯ୍ୟକର୍ତ୍ତା ଚୟନ | ୮୨,୮୩,୮୪ | ୭୩ |
| ୫୫ | କୁବେରଙ୍କ ଜୀବନ ବୃତ୍ତାନ୍ତ | ...... | ୭୮ |
| ୫୬ | ଆବଶ୍ୟକୀୟ ଫର୍ମର ନମୂନା | (୧-୧୦) | ୮୦ |

# ଓଁ ଶ୍ରୀ ଶ୍ରୀ କୁବେରାୟ ନମଃ

## କୁବେର ସମାଜ, ପଶ୍ଚିମାଞ୍ଚଳ, ଓଡ଼ିଶା ଓ ଛତିଶଗଡ଼
## ନିୟମାବଳୀ ୨୦୧୦-୨୦୧୧
## ପ୍ରସ୍ତାବନା-Preface

ବୈଚିତ୍ର୍ୟ ମୟ ପୃଥିବୀ, ଭଗବାନଙ୍କ ସୃଷ୍ଟିରେ ଏକରୁ ଅନେକ ଓ ଅନେକରୁ ଏକ, ଏକ ଚିରନ୍ତନ ସତ୍ୟ । ମଣିଷ ସମାଜର ସୃଷ୍ଟି ଓ କ୍ରମ ବିକାଶ ମଧ୍ୟ ଏହି ସତ୍ୟ ଉପରେ ଆଧାରିତ । ପ୍ରଥମେ ମଣିଷ ସମାଜ ମଧ୍ୟରେ ଏତେ ବିଭିନ୍ନତା ବା ଜାତି ବିଭାଗ ନ ଥିଲା। ଭଗବାନ ନିଜେ ଏହି ମଣିଷ ସମାଜକୁ ବ୍ରାହ୍ମଣ, କ୍ଷତ୍ରୀୟ ବୈଶ୍ୟ ଓ ଶୁଦ୍ର ଏପରି ଚାରି ଭାଗରେ ବିଭକ୍ତ କରିବା କଥା ଗୀତାରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରି କହିଛନ୍ତି, "ଚତୁର୍ବର୍ଣ୍ଣଂ ମୟା ସୃଷ୍ଟଂ ଗୁଣ କର୍ମ ବିଭାଗଶଃ" । ପୂର୍ବେ କର୍ମ ଅନୁସାରେ ମଣିଷର ବର୍ଣ୍ଣ ନିର୍ଦ୍ଧାରିତ ହେଉଥିଲା । ବର୍ଣ୍ଣର ଲକ୍ଷ୍ୟଃ- ପ୍ରତ୍ୟେକ ବର୍ଣ୍ଣର ଲକ୍ଷ, ବ୍ୟକ୍ତିର ସୁରକ୍ଷା ସହିତ ସମାଜର ସୁରକ୍ଷା ଓ ବ୍ୟକ୍ତିର ପାରମାର୍ଥିକ ଲକ୍ଷ୍ୟ ପ୍ରାପ୍ତି । କର୍ମ ମାଧ୍ୟମରେ ଧର୍ମ ର ପ୍ରାପ୍ତି । ବୋଧ ହୁଏ ମଣିଷକୁ କର୍ମଠ ଓ କର୍ତ୍ତବ୍ୟ ସଚେତନ କରିବା ତଥା (Specialization of Labour) ସଂପୃକ୍ତ କର୍ମରେ ଦକ୍ଷତା ପ୍ରାପ୍ତି ନିମନ୍ତେ ଭଗବାନ ଏପରି ସମାଜ ବର୍ଗୀକରଣ ବ୍ୟବସ୍ଥା ଖଞ୍ଜି ଥିଲେ । ମାତ୍ର ସମୟର ଗତି ଅନୁସାରେ ବର୍ଣ୍ଣ ଜାତିରେ ପରିବର୍ତ୍ତିତ ହେଲା । ଏହି ଜାତି ବ୍ୟବସ୍ଥା କର୍ମ ଅନୁସାରେ ନିର୍ଦ୍ଧାରିତ ନ ହୋଇ ଜନ୍ମ ଅନୁସାରେ ନିର୍ଦ୍ଧାରିତ ହେଲା । ସେହି ଚତୁର୍ବର୍ଣ୍ଣ ବର୍ତ୍ତମାନ ଅଗଣିତ ଜାତିରେ ବିଭକ୍ତ ହୋଇ ଯାଇଛି ।

ଆମର କୁବେର ସମାଜ ମଧ୍ୟ ଏହିପରି ସୃଷ୍ଟି ହୋଇଥିବା ଏକ ଜାତି, ଯାହାକି ବୈଶ୍ୟ ବର୍ଣ୍ଣରୁ ଉଦ୍ଭବ ହୋଇଛି । ଏହାର ଅନେକ ନାମ କରଣ ରହି ଅଛି , ଯେପରି ବୈଶ୍ୟ, ସୌଦାଗର, ସାଧବ, ସାହୁ, ସାହୁକାର । ଏଗୁଡିକ ଉପାଧି ସଦୃଶ, ପ୍ରାୟତଃ ସମସ୍ତେ ତେଲି ଭାବରେ ପରିଚିତ । ବର୍ତ୍ତମାନ ଆମ ଦେଶରେ ୫୦ରୁ ଅଧିକ ପ୍ରକାରର ତେଲି ଜାତି ରହିଛନ୍ତି । ଏହି ତେଲି ଜାତି ମାନଙ୍କ ମଧ୍ୟରେ ପରସ୍ପରର ଶ୍ରେଷ୍ଠତା ପ୍ରତିପାଦନ

କରିବା ପାଇଁ କେଉଁଠି ପ୍ରତିଯୋଗିତା ଚାଲିଛି ତ ଆଉ କେତେକ ଜାଗାରେ ପରସ୍ପର ମିଶ୍ରଣ ପାଇଁ ପ୍ରଚେଷ୍ଟା ଚାଲିଛି । ଆଜି ପଶ୍ଚିମ ଓଡ଼ିଶା ତଥା ଛତିଶଗଡ ରାଜ୍ୟରେ ଯେଉଁମାନେ ନିଜକୁ କୁବେର ସମାଜ ନାମରେ ପରିଚିତ ତଥା ପ୍ରତିଷ୍ଠିତ କରିବାକୁ ଯାଉଛନ୍ତି, ତାଙ୍କର ପୂର୍ବପୁରୁଷ କଟକ ଜିଲ୍ଲାର କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରୁ ବିଶେଷ କରି ତତ୍‌କାଳୀନ ଯାଜପୁର ସବ୍‌ଡିଭିଜନ ଓ ବଡ଼ମ୍ବା ନରସିଂପୁର ଅଞ୍ଚଳରୁ ମହାନଦୀ କୂଳେ କୂଳେ ଆସି ଅବିଭକ୍ତ ବଲାଙ୍ଗୀର, ସମ୍ବଲପୁର ଓ କଲାହାଣ୍ଡି ଜିଲ୍ଲାରେ ବାସ କଲେ । ଧୀରେ ଧୀରେ କେତେକ ଛତିଶଗଡ ରାଜ୍ୟକୁ ପ୍ରସାରିତ ହେଲେ । ସେମାନେ ନିଜର ପାରମ୍ପରିକ ତୈଳ ବୃତ୍ତି ଛାଡି ହଳଦି ବ୍ୟବସାୟରେ ଲିପ୍ତ ହେଲେ । ସେଥିପାଇଁ ବୋଧ ହୁଏ ତାଙ୍କୁ ହଳଦିଆ ତେଲି ନାମରେ ନାମିତ କରାଗଲା । କାଳକ୍ରମେ ହଳଦୀ ବ୍ୟବସାୟ ପରିତ୍ୟାଗ କରି ସେମାନେ କଂସାବାସନ ଓ କପଡା ବ୍ୟବସାୟରେ ଲିପ୍ତ ହେଲେ । ଲୋକେ ତାଙ୍କୁ ମହାଜନ ବା ସାହୁ ନାମରେ ଡାକିବାରେ ଲାଗିଲେ । ପ୍ରଥମେ ପ୍ରଥମେ ସେମାନେ ନିଜର ମୂଳ ବାସସ୍ଥାନ ସହିତ ନିରବଚ୍ଛିନ୍ନ ସଂପର୍କ ରଖିଆସୁଥିଲେ, ମାତ୍ର ସମୟର ଗତି ଅନୁସାରେ ବିଭିନ୍ନ ଅଞ୍ଚଳରେ ଜମିବାଡି ନେଇ ଘରଦ୍ୱାର କରି ସ୍ଥାୟୀ ଭାବରେ ବାସ କରି ଚାଷବାସ ତଥା ଅନ୍ୟାନ୍ୟ ବ୍ୟବସାୟ କରି ଜୀବିକା ନିର୍ବାହ କରି ଆସୁଛନ୍ତି । ବୋଧ ହୁଏ ନିଜର ନିର୍ଦ୍ଦିଷ୍ଟ କୌଣସି କୌଳିକ ବୃତ୍ତିର ଅଭାବ ହେତୁ ଏବଂ ବିଭିନ୍ନ ବାଣିଜ୍ୟ ବ୍ୟବସାୟରେ ଲିପ୍ତ ରହିବାରୁ ନିଜକୁ ସମାଜ ମଧ୍ୟରେ ସାଧବ ବା ବଣିକ ଭାବରେ ପ୍ରତିଷ୍ଠିତ କରିବାପାଇଁ 'କୁବେର ସମାଜ' ଭାବରେ ନାମିତ କରିବାକୁ ଅଧିକ ପସନ୍ଦ କରୁଛନ୍ତି । ଆମ ଜାଣିବାରେ ଆଜକୁ ୧୫-୨୦ ବର୍ଷ ହେଲା ପଶ୍ଚିମ ଓଡିଶା ତଥା ଛତିଶଗଡର କେତେକ ନିର୍ଦ୍ଦିଷ୍ଟ ଜିଲ୍ଲାରେ କୁବେର ସମାଜ ନାମରେ ଏହି ଜାତି ସଂଗଠନ ପୁନର୍ଗଠିତ ହୋଇ ଆଗେଇ ଚାଲିଛି । ନିଜ ବାସସ୍ଥାନ

ତ୍ୟାଗ, ବିଭିନ୍ନ ପ୍ରକାର ପେଶା ଗ୍ରହଣ, ସ୍ଥାନୀୟ ଲୋକଙ୍କ ପ୍ରଚଳିତ ଭାଷା, ସ୍ଥାନୀୟ ସଂସ୍କୃତି ତଥା ସଭ୍ୟତାର ସମନ୍ୱୟ ଓ ପ୍ରଭାବ ହେତୁ କୁବେର୍ ସମାଜ ନିଜର ମୂଳ ସଂସ୍କୃତି, ତଥା ସଭ୍ୟତାର ଅନେକ କିଛି ଭୁଲି ଯାଇଥିଲେ ମଧ୍ୟ ଆଉ କିଛି କିଛି ବଞ୍ଚାଇ ରଖିଥିବା ବଡ଼ ଆନନ୍ଦର ବିଷୟ, ଯାହାକି ସେମାନଙ୍କୁ ଏକ ସ୍ୱତନ୍ତ୍ର ଜାତି ରୂପେ ପରିଚିତ କରାଉଛି। ନିଜର ବେଶ ପୋଷାକ, ଭାଷା, ଚାଳିଚଳନ, ତାଙ୍କର ସ୍ୱତନ୍ତ୍ର ପରିଚିତିରେ ସହାୟତା କରୁଛି । ସମାନ ନୀତି ନିୟମ, ସାମାଜିକ ରୀତିନୀତି ମାନି ଚଳୁଥିବା ଏକ ଗୋଷ୍ଠୀକୁ ଏକ ଜାତି ବା ସମାଜ ବୋଲି କୁହାଯାଏ । ଏହି ସମାଜ ବା ଜାତିକୁ ସଂଗଠିତ କରି ଯୁଗ ସହିତ ତାଳ ଦେଇ ସମୟୋପଯୋଗୀ କରି ଗଢ଼ି ତୋଳିବା ପାଇଁ ସାମାଜିକ ସଂଗଠନ ବା ଜାତି ସଭାର ଆବଶ୍ୟକତା ପଡ଼ିଥାଏ । ବିଭିନ୍ନ କାରଣରୁ ଆମର ସମାଜ (ଜାତି) ଯେତେବେଳେ ବିଶୃଙ୍ଖଳିତ ହୋଇ ନିମ୍ନଗାମୀ ହେବାକୁ ଲାଗିଲା, ଏହା ଉପଲବ୍ଧି କରି ତାକୁ ଅବକ୍ଷୟରୁ ରକ୍ଷା କରି ଏକ ଶୃଙ୍ଖଳିତ, ସଭ୍ୟ ସମାଜ ଭାବରେ ପ୍ରତିଷ୍ଠିତ କରିବା ପାଇଁ ଅଶୀ ଦଶକରେ ବଲାଙ୍ଗିର ଜିଲ୍ଲାର କାନୁଟ ନିବାସୀ ସ୍ୱର୍ଗୀୟ କାହ୍ନୁଚରଣ ପୃଷ୍ଟୀଙ୍କ ନେତୃତ୍ୱରେ ଅନ୍ୟ କେତେକ ଚିନ୍ତାଶୀଳ ଜାତିଭାଇ ମିଶି କୁବେର ସମାଜ ନାମରେ ଜାତିକୁ ସଂଗଠିତ କରିବାରେ ପ୍ରାଣ ପଣେ ଲାଗିପଡ଼ିଲେ । ତାଙ୍କରି ପ୍ରଚେଷ୍ଟାରେ କୁବେର ସମାଜ ମହାସଭା ଗଠିତ ହୋଇ ଧୀରେ ଧୀରେ ଆଗେଇ ଚାଲିଲା । ଏହି ସଂଗଠନ ଏହି ଜାତିକୁ ଦିଗ୍‌ଦର୍ଶନ କରାଇ ଆଗେଇ ନେବାର ଆଶା କରାଯାଉଥିଲା । ମାତ୍ର ସ୍ୱର୍ଗତ କାହ୍ନୁଚରଣ ପୃଷ୍ଟୀଙ୍କ ଦେହାନ୍ତ ପରେ ଏଥିରେ ଭଟ୍ଟା ପଡ଼ିଗଲା । ଏହାକୁ ଉପଲବ୍ଧି କରି ପୁନର୍ବାର କେତେକ ସ୍ୱଜାତି ପ୍ରେମୀ ସଜ୍ଜନ ତା.୨୬.୦୨.୨୦୦୧ ମସିହାରୁ ଏହି ଜାତି ସଂଗଠନ, କୁବେର ସମାଜର ପୁନଃ ପ୍ରତିଷ୍ଠା କରିଥିଲେ । ଶ୍ରୀଯୁକ୍ତ ଭରତ ଚନ୍ଦ୍ର ପୃଷ୍ଟୀ (ପ୍ରତିଷ୍ଠାତା ସଭାପତି), ଶ୍ରୀଯୁକ୍ତ ବସନ୍ତ କୁମାର ଖୁଣ୍ଟିଆ, ପ୍ରତିଷ୍ଠାତା ଉପସଭାପତି

ଶ୍ରୀଯୁକ୍ତ ଚନ୍ଦ୍ରମଣି ପୃଷ୍ଟୀ (ପ୍ରତିଷ୍ଠାତା ସଂପାଦକ), ଶ୍ରୀଯୁକ୍ତ ଅଡ୍ବ... ସାହୁ (ଘୁନୁସର), ଶ୍ରୀଯୁକ୍ତ ରାମଚନ୍ଦ୍ର ପୃଷ୍ଟୀ ଧବଳପଡ଼ା ଆଦି ମହ... ଏହାର ନେତୃତ୍ୱ ନେଇଥିଲେ । ସେମାନଙ୍କ ଅକ୍ଳାନ୍ତ ଉଦ୍ୟମରେ ... ଜାତି ସଂଗଠନ, କୁବେର ସମାଜ, ପଶ୍ଚିମାଞ୍ଚଳ ନାମରେ ଅଦ୍ୟ... ଦଶମ ବର୍ଷ ଅତିକ୍ରମ କରୁଅଛି ।

ପ୍ରତ୍ୟେକ ଜାତିର ସ୍ୱତନ୍ତ୍ର ସ୍ଥିତିକୁ ବଞ୍ଚାଇ ରଖିବା ପାଇଁ ଏକ ... ସଂଗଠନ ସହିତ ଲିଖିତ ହେଉ ବା ଅଲିଖିତ ହେଉ, କିଛି ବିଶେଷ ନିୟ... କାନୁନ୍ କୁ ମାନି ଚଳିବାକୁ ପଡ଼ିଥାଏ । ଏହି ସାମାଜିକ ନୀତିନିୟ... ଗୁଡ଼ିକୁ ଜାତି ନିୟମାବଳୀ ବା ଜାତି ସମ୍ବିଧାନ ନାମରେ ନାମି... କରାଯାଇଥାଏ । ଯାହାକି ସଂପୃକ୍ତ ଜାତିର ପ୍ରତ୍ୟେକ ବ୍ୟକ୍ତିଙ୍କ ମଧ୍ୟ... ଧନୀ, ଦରିଦ୍ର, ଶିକ୍ଷିତ, ଅଶିକ୍ଷିତ, କଳାଗୋରା, ସ୍ତ୍ରୀ ପୁରୁଷ ନିର୍ବିଶେଷ... ସାମ୍ୟବୋଧ, ସମନ୍ୱୟ ତଥା ଏକତା ପ୍ରତିଷ୍ଠାରେ ସହାୟକ ହୋଇ ଦୁର୍ବ... ଉପରେ ସବଳର ଅତ୍ୟାଚାରକୁ ନିୟନ୍ତ୍ରିତ କରିପାରିଥାଏ । ଯଦି... କୁବେର ସମାଜର ସାତଟି ଅଧିବେଶନ(ମହାସଭା) ଶେଷ ହୋଇଯାଇଥିବା ତଥା ସମସ୍ତେ ଜାତି ସଂବିଧାନର ଗୁରୁତ୍ୱ ଉପଲବ୍ଧି କରି ସାରିଥିବା ସତ୍ତ୍ୱେ ତାହା ସାକାର ହୋଇପାରିନଥିଲା । ବଡ ଆନନ୍ଦର ବିଷୟ, ଶକ୍ତିପୀଠ ଚନ୍ଦ୍ରପୁର ଠାରେ ଅନୁଷ୍ଠିତ ଏହାର ୮ମ ସାଧାରଣ ସଭାରେ ଶ୍ରୀଯୁକ୍ତ ଚୁଡାମଣି ସାହୁଙ୍କ ନେତୃତ୍ୱରେ କୁବେର ସମାଜ ଲିଖିତ ନିୟମାବଳୀ ୨୦୧୦-୨୦୧୧ ପ୍ରଣୀତ ହୋଇ ସମାଜଗଙ୍ଗୀର ଅବଗତି ତଥା ଅନୁମୋଦନ ପାଇଁ ସର୍ବ ସମକ୍ଷରେ ଉପସ୍ଥାପିତ ତଥା ପଠିତ ହୋଇ ପାରିଥିବା ଅତି ଗୁରୁତ୍ୱ ପୂର୍ଣ୍ଣ ଅଟେ ।

ଏହି ଶୁଭ ଅବସରରେ କୁବେର ସମାଜ ପଶ୍ଚିମାଞ୍ଚଳ(ମହାସଭା) ଏହି କୁବେର ସମାଜ, ପଶ୍ଚିମାଞ୍ଚଳ ଓଡ଼ିଶା-ଛତିଶଗଡ଼ ଲିଖିତ ନିୟମାବଳୀ ୨୦୧୦-୧୧ କୁ ସହର୍ଷ ସ୍ୱୀକାର ପୂର୍ବକ ଗ୍ରହଣ କଲା ।

# ଓଁ ଶ୍ରୀ ଶ୍ରୀ କୁବେରାୟ ନମଃ
## କୁବେର ସମାଜ ପଶ୍ଚିମାଞ୍ଚଳ
## (ଲିଖିତ ନିୟମାବଳୀ -୨୦୧୦-୨୦୧୧)
## ପରିଶିଷ୍ଟ(କ)
## ସାଂଗଠନିକ ବିବରଣୀ

୧-ସଂଗଠନର ନାମ-କୁବେର ସମାଜ ପଶ୍ଚିମାଞ୍ଚଳ,ଓଡିଶା ଓ ଛତିଶଗଡ଼

୨- ସଂଗଠନର ପ୍ରକାର - କୁବେର ସମାଜ ପଶ୍ଚିମାଞ୍ଚଳ ହେଉଛି ଏକ ଅଣରାଜନୈତିକ, ସ୍ୱେଚ୍ଛାସେବୀ, ସାମାଜିକ ସଂଗଠନ । ଏହାର କାର୍ଯ୍ୟକର୍ତ୍ତାମାନେ ଅବୈତନିକ ଭାବରେ କାର୍ଯ୍ୟ କରିବେ ।

୩- ସମ୍ବିଧାନର ନାମ - କୁବେର ସମାଜ, ପଶ୍ଚିମାଞ୍ଚଳ, ଓଡିଶା ଓ ଛତିଶଗଡ଼ ଲିଖିତ ନିୟମାବଳୀ ୨୦୧୦-୨୦୧୧ ।

୪- କାର୍ଯ୍ୟକ୍ଷେତ୍ରର ପରିସୀମା - ପଶ୍ଚିମ ଓଡିଶାର କଳାହାଣ୍ଡି, ନୂଆପଡା, ବଲାଙ୍ଗିର, ସୁବର୍ଣ୍ଣପୁର, ବୌଦ୍ଧ, ସମ୍ବଲପୁର, ବରଗଡ, ଝାରସୁଗୁଡା, ସୁନ୍ଦରଗଡ ତଥା ଛତିଶଗଡ ରାଜ୍ୟର ମହାସମୁନ୍ଦ ଓ ରାୟଗଡ ଜିଲ୍ଲାକୁ ନେଇ ଗଠିତ । ପଶ୍ଚିମ ଓଡିଶା ତଥା ଛତିଶଗଡ ରାଜ୍ୟର କୁବେର ସମାଜ ଅଧ୍ୟୁଷିତ ଅନ୍ୟାନ୍ୟ ପଡୋଶୀ ଜିଲ୍ଲାକୁ ମଧ୍ୟ ଏଥିରେ ସାମିଲ କରାଯାଇପାରେ ।

୫- ସଂଗଠନର ଚିହ୍ନ (Logo) - ପାଲଟଣା ନୌକା ଉପରେ ଭାଗବତ ଗ୍ରନ୍ଥ, ଭଗବାନ ଜଗନ୍ନାଥ, କୁବେର ଦେବତା ତଥା ଉଦୀୟମାନ ସୂର୍ଯ୍ୟଙ୍କ ଚିତ୍ର ରହିବ ।

୬- ସାମାଜିକ ପତାକା - ହଳଦିଆ ରଙ୍ଗର ୪:୩ ଆକାର କନାରେ ସାମାଜିକ ଚିହ୍ନ ଅଙ୍କିତ ହେବ ।

୭-ସାମାଜିକ ପତାକାର ବ୍ୟବହାର - ମହାସଭାର ବିଭିନ୍ନ କାର୍ଯ୍ୟକ୍ରମରେ ଯଥା- ବାର୍ଷିକ ବା ଦ୍ୱିବାର୍ଷିକ ସଭାରେ, ଯୁବାମଞ୍ଚର କାର୍ଯ୍ୟକ୍ରମରେ, ମାତୃମଞ୍ଚର କାର୍ଯ୍ୟକ୍ରମରେ ବା ଅନ୍ୟକୌଣସି ବିଶେଷ କାର୍ଯ୍ୟକ୍ରମରେ ସଭାପତିଙ୍କ ଦ୍ୱାରା ଉତ୍ତୋଳିତ ହେବ ।

୮. **ସାମାଜିକ ପର୍ବ :** ସାମାଜିକ ଏକତା ତଥା ନିଜ ସମାଜର ପରିଚୟ ପାଇଁ ସମସ୍ତ କୁବେର ପରିବାର କାର୍ତ୍ତିକ ପୂର୍ଣ୍ଣିମା (ବୋଇତ ବନ୍ଦାଣ ଉତ୍ସ କୁ ସାମାଜିକ ପର୍ବ ଭାବରେ ପାଳନ କରିବେ । ବିଭିନ୍ନ କାର୍ଯ୍ୟକ୍ରମ ସହି ବୋଇତ ଭସାଣି ଉତ୍ସବ ସମାରୋହରେ ପାଳିତ ହେବ । ଏହା ଗୋଟିଏ ଗ୍ରାମର ସମସ୍ତ କୁବେର ପରିବାର ଏକାଠି ପାଳନ କରି ପାର ଯଦି ସୁବିଧା ହୁଏ ଗୋଟିଏ ସାଇର ବିଭିନ୍ନ ଗ୍ରାମର ସମସ୍ତେ ମି ସମାରୋହରେ ପାଳନ କରିପାରନ୍ତି ।

୯. **ସାମାଜିକ ଧର୍ମ ପୁସ୍ତକ ଓ ତାର ବ୍ୟବହାର :** ଜଗନ୍ନାଥଦାସ କୃତ ଭାଗବତ ଗ୍ରନ୍ଥକୁ ସାମାଜିକ ଧର୍ମଗ୍ରନ୍ଥ ରୂପେ ଗ୍ରହଣ କରାଗଲା । ପ୍ରତ୍ୟେକ ସାମାଜିକ ସଭାରେ ଏହାର ପୂଜନ ଓ ପଠନ ଅନିବାର୍ଯ୍ୟ ଅଟେ । ପ୍ରତ୍ୟେକ କୁବେର ପରିବାର ନିଜ ଘରେ ଭାଗବତ ଗ୍ରନ୍ଥ ରଖି ପ୍ରତିଦିନ ନିର୍ଦ୍ଦିଷ୍ଟ ସମୟରେ ଶୁଦ୍ଧପୂତ ହୋଇ ଗୋଟିଏ ଅଧ୍ୟାୟ ପାଠ କରିବେ ।

୧୦. **କୁଳ ଦେବତା :** କୁବେର ଦେବତା, ଯାହାଙ୍କ ନାମରେ ଏ ସମାଜ ନାମିତ ତାଙ୍କୁ କୁଳ ଦେବତା ଭାବରେ ସମ୍ମାନ ଦିଆଯିବ । ପ୍ରତି ସାମାଜିକ ସଭାରେ ତାଙ୍କର ଚିତ୍ର ରଖି ଯଥାମାନ୍ୟ ପୂଜା କରାଯିବ । ପ୍ରତ୍ୟେକ ପରିବାର ଏକ ପବିତ୍ର ସ୍ଥାନରେ ବା ନିଜର ଠାକୁର ଘରେ କୁବେରଙ୍କ ଚିତ୍ର ବା ମୂର୍ତ୍ତି ରଖି ପୂଜା କରିବେ ।

୧୧. ସଂଗଠନର ମୂଖ୍ୟ କାର୍ଯ୍ୟାଳୟ : ବର୍ତ୍ତମାନ ପାଇଁ ସଂଗଠନର ମୁଖ୍ୟ କାର୍ଯ୍ୟାଳୟ ବରଗଡ଼ ଜିଲ୍ଲା ଅନ୍ତର୍ଗତ ପଦ୍ମପୁର ନଗରରେ ରହିବ ।

୧୨. **ସଂଗଠନର ପରିଚାଳନା :** ସଂଗଠନର ପରିଚାଳନା ପାଇଁ ତିନୋଟି ସୋପାନ ରହିବ (କ) ନିମ୍ନ ସୋପାନ ବା ସାଇ ସଭା (ଖ) ମଧ୍ୟ ସୋପାନ ବା କୋନାଲ କମିଟୀ (ଗ) ଉଚ୍ଚ ସୋପାନ ବା ମହାସଭା

୧୩. **ସଂବିଧାନ ପ୍ରଣୟନର ଉଦ୍ଦେଶ୍ୟ :**

୧. ସମସ୍ତ କୁବେର ଭାଇଙ୍କୁ ଏକ ଶୃଙ୍ଖଳିତ ଜାତି ଭାବରେ ସଂଗଠିତ କରିବା ।

୨. ସାମାଜିକ ସଂଗଠନର ବିଭିନ୍ନ ସ୍ତରର କର୍ମକର୍ତ୍ତାମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ସାମାଜିକ କାମକୁ ଆଗେଇ ନେବା ।

୩. ସମାଜର କଳଙ୍କ ରୂପୀ ଯୌତୁକ ପ୍ରଥା ଓ ନାରୀ ନିର୍ଯ୍ୟାତନାକୁ ଦୂର କରିବା ପାଇଁ ଚେଷ୍ଟା କରିବା ।

୪. ସାମାଜରୁ ନିରକ୍ଷରତା ଦୂର କରି ସମସ୍ତ ସଦସ୍ୟ ସଦସ୍ୟାମାନଙ୍କୁ ସାକ୍ଷର କରିବା ।

୫. ଦରିଦ୍ର ତଥା ଭିନ୍ନକ୍ଷମ ମେଧାବୀ ବିଦ୍ୟାର୍ଥୀଙ୍କ ପଠନରେ ଆର୍ଥିକ ସହାୟତା ପ୍ରଦାନ କରିବା ।

୬. ଆର୍ଥିକ ଦୁର୍ବଳ ସାଇ ଭାଇମାନଙ୍କ ଚିକିତ୍ସାରେ ଆର୍ଥିକ ସହାୟତା ପ୍ରଦାନ କରିବା ତଥା ସମ୍ଭବ ହେଲେ ସେମାନଙ୍କ ସନ୍ତାନମାନଙ୍କ ବିବାହରେ ସାହାଯ୍ୟ କରିବା ।

୭. ଗଣ ବିବାହର ବ୍ୟବସ୍ଥା କରି ବିବାହ ଜନିତ ଖର୍ଚ୍ଚ ହ୍ରାସ କରିବା ।

୮. ସମାଜର ବିଭିନ୍ନ ସ୍ତରରେ ରହିଥିବା ବିଭିନ୍ନ ପ୍ରକାର ବିବାଦର ସମାଧାନ କରିବା ।

୯. ସମାଜରୁ ବେକାରୀ ଦୂର ହୋଇ ଜାତିଭାଇମାନେ ସମସ୍ତେ ଯେପରି ଆତ୍ମନିର୍ଭରଶୀଳ ହୋଇ ଆର୍ଥିକ ଦିଗରୁ ସ୍ୱଚ୍ଛଳ ହୋଇ ପାରିବେ ତତ୍ ପ୍ରତି ଧ୍ୟାନ ଦେବା ।

୧୦. ସମାଜକୁ କୁସଂସ୍କାର ମୁକ୍ତ କରିବା ।

୧୧. ସମାଜରେ ନୈତିକ ମୂଲ୍ୟବୋଧର ବୃଦ୍ଧି, ଧର୍ମଭାବ ଓ ଆଧ୍ୟାତ୍ମିକ ଚେତନା ବୃଦ୍ଧି କରିବା ।

୧୨. ସମସ୍ତ ଜାତି ଭାଇଙ୍କ ମଧ୍ୟରେ ନିଜ ଜାତି ତଥା ନିଜ ଦେଶପ୍ରତି ପ୍ରେମ ଓ ଭକ୍ତି ଭାବ ଜାଗ୍ରତ କରିବା

୧୩. ପ୍ରାକୃତିକ ବିପର୍ଯ୍ୟୟ ତଥା ଦୈବୀଦୁର୍ବିପାକ ସମୟରେ ନିଜର ସ୍ୱଜାତୀୟ ପରିବାର ତଥା ସମ୍ଭବ ହେଲେ ଅନ୍ୟ ଜାତିର ପଡ଼ୋଶୀ ପରିବାରକୁ ଉପଯୁକ୍ତ ସହାୟତା ପ୍ରଦାନ କରିବା ।

୧୪. ସଂଗଠନକୁ ଦଳୀୟ ରାଜନୀତିରୁ ଉର୍ଦ୍ଧରେ ରଖିବା ।

୧୫. ସମାଜରେ ରହିଥିବା ଉଚ୍ଚ ନୀଚ, ଧନୀ ଦରିଦ୍ର, ଶିକ୍ଷିତ ଅଶିକ୍ଷିତ ଆଦି ଭେଦଭାବ ଦୂରକରି ସାମ୍ୟ ଓ ମୈତ୍ରୀ ପ୍ରତିଷ୍ଠା କରିବା ।

୧୬. କୁବେର ସମାଜର ସର୍ବାଙ୍ଗୀନ ଉନ୍ନତି କରି ଏହାକୁ ପରମ ବୈଭବଶାଳୀ ସମାଜ ରୂପେ ପ୍ରତିଷ୍ଠିତ କରିବା ।

## (ପରିଶିଷ୍ଟ 'ଖ')

### ସାମାଜିକ ସଂଗଠନ :

**୧୪-ପରିବାର :** ଯେ କୌଣସି ଜାତି, ସମାଜ ବା ଦେଶରେ ପରିବାରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହା ହେଉଛି ସମାଜର ପ୍ରାଥମିକ ତଥା ସର୍ବଶିକ୍ଷା ଅନୁଷ୍ଠାନ। ପରିବାରକୁ ସମାଜର ଭିତ୍ତିଭୂମି ବା ମୂଳଦୁଆ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହାକୁ କେହି ଗଠନ କରି ନାହିଁ । ଏହା ଆପେ ଆପେ ସୃଷ୍ଟି ହୋଇଥିବା ସ୍ୱୟଂ ସୃଷ୍ଟ ଭଗବତ ଦତ୍ତ ଅନୁଷ୍ଠାନ । ଯେଉଁ ଜାତିର ପରିବାର ଗୁଡ଼ିକ ଯେତେ ସଂଗଠିତ ତଥା ଉନ୍ନତ, ସେହି ସମାଜ ସେତେ ଉନ୍ନତ । କୌଣସି ସମାଜକୁ ସମୁନ୍ନତ ଓ ପ୍ରଗତିଶୀଳ କରି ଗଢ଼ିବାକୁ ହେଲେ ସେହି ସମାଜର ପ୍ରତ୍ୟେକ ପରିବାରକୁ ଉପଯୁକ୍ତ ଭାବରେ ଗଢ଼ିବାକୁ ପଡ଼ିବ ।

କୁବେର ସମାଜରେ ପରିବାର କହିଲେ ସାଧାରଣତଃ ଯୌଥପରିବାରକୁ ବୁଝାଇଥାଏ । ଏହି ପରିବାରରେ ତାର ସଦସ୍ୟ ସଦସ୍ୟାମାନେ ଦୃଢ଼ ପାରିବାରିକ ବନ୍ଧନରେ ଆବଦ୍ଧ ହୋଇ ଏକାନ୍ନବର୍ତ୍ତୀ ଭାବରେ ଅନେକ ପୀଢ଼ି ପର୍ଯ୍ୟନ୍ତ ଏକାଠି ରହିଥାନ୍ତି । ଏପରି କି ୫/୬ ପୀଢ଼ି ବା ତହିଁରୁ ଅଧିକ କାଳ ପର୍ଯ୍ୟନ୍ତ ଏହି ପରିବାର ରହିଥିବା ଦେଖାଯାଏ । ବର୍ତ୍ତମାନ ପାଶ୍ଚାତ୍ୟ ଅପ ସଂସ୍କୃତିର ପ୍ରଭାବରେ ଆମର ଏହି ପରିବାର ଗୁଡ଼ିକରେ ଅବକ୍ଷୟ ଦେଖାଦେଇ ଯୌଥପରିବାର ଗୁଡ଼ିକ ଭାଙ୍ଗିବାରେ ଲାଗିଛି ଏବଂ ଏକକ ପରିବାର ସୃଷ୍ଟି ହେଉଛି । ଯାହାକି ସମାଜର ସାମୂହିକ ସ୍ୱାର୍ଥ ତଥା ସର୍ବାଙ୍ଗୀନ ଉନ୍ନତିରେ ଅନ୍ତରାୟ ସୃଷ୍ଟି

କରୁଛି । ଆମର ପରିବାର ବ୍ୟବସ୍ଥା ଯେପରି ଆହୁରି ଉନ୍ନତ ହୋଇ ପାରିବ ସେଥିପ୍ରତି ଆମକୁ ସମ୍ୟକ୍ ଦୃଷ୍ଟି ଦେବାକୁ ପଡ଼ିବ । ପରିବାରକୁ ଉନ୍ନତ ତଥା ପ୍ରଗତିଶୀଳ କରିବାକୁ ପଡ଼ିବ । ପ୍ରତି ପରିବାରରେ କୁଳଦେବତା କୁବେରଙ୍କ ଫଟୋ ବା ମୂର୍ତ୍ତି ସ୍ଥାପନ କରି ପ୍ରତ୍ୟହ ପୂଜା କରିବାକୁ ପଡ଼ିବ । ପ୍ରତି ପରିବାରରେ ପ୍ରତ୍ୟହ ଭାଗବତ ପୂଜନ ଓ ପଠନ ହୋଇ ନୈତିକ ମୂଲ୍ୟବୋଧ ତଥା ଧର୍ମ ଭାବନା ଓ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ପାଇଁ ଦୃଷ୍ଟି ଦେବାକୁ ପଡ଼ିବ । ପ୍ରତି ପରିବାରରେ ସାମୂହିକ ସହ ଭୋଜନ ହେବାର ବ୍ୟବସ୍ଥା ହେବା ବିଧେୟ । ପରିବାରର ସମସ୍ତେ ଏକାଠି ବସି ଖାଇବା ଦ୍ୱାରା ସମସ୍ତଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ, ସମନ୍ୱୟ ରକ୍ଷା, ପରିବାରର ବିଭିନ୍ନ କାର୍ଯ୍ୟର ଅଗ୍ରଗତିର ସମୀକ୍ଷା ହୋଇ ପରିବାରର ବିଭିନ୍ନ କାର୍ଯ୍ୟ ସହଜ ଓ ସୁଗମ ହୋଇଥାଏ । ଯଦି ବିଭିନ୍ନ ପ୍ରକାର କାର୍ଯ୍ୟ ବ୍ୟସ୍ତତା ଯୋଗୁ ପ୍ରତ୍ୟହ ସାମୂହିକ ସହ ଭୋଜନ ସମ୍ଭବ ହେଉ ନ ଥାଏ ତେବେ ଅତି କମରେ ସପ୍ତାହରେ ଥରେ ନିର୍ଦ୍ଦିଷ୍ଟ ସମୟରେ ପରିବାରର ସମସ୍ତେ ଏକାଠି ବସି ମନ ଆନନ୍ଦରେ ଭୋଜନ କରି ପାରିବେ । ସାମାଜିକ ରୀତି ନୀତି, ଚାଲିଚଳଣି ଗୁଡ଼ିକ ଯେପରି ନିଜ ନିଜର ପରିବାର ସ୍ତରରେ ଠିକ ଭାବରେ କାର୍ଯ୍ୟକାରୀ ହୁଏ ପ୍ରତ୍ୟେକ ପରିବାରର ମୁଖ୍ୟ ତାହା ଦେଖିବା ଉଚିତ । ଯେଉଁ ପରିବାରରେ ଶିଶୁ ଓ ବୃଦ୍ଧ ବୃଦ୍ଧା ଯେତେ ସୁରକ୍ଷିତ, ଅର୍ଥାତ ଯେଉଁ ସମାଜର ପରିବାର ଗୁଡ଼ିକ ନିଜର ଶିଶୁମାନଙ୍କ ପ୍ରତି ଉପଯୁକ୍ତ ଯତ୍ନ ଓ ସୁରକ୍ଷା ଯୋଗାଇବା ସଙ୍ଗେ ସଙ୍ଗେ ନିଜର ବୟୋବୃଦ୍ଧ ତଥା ଶାରୀରିକ ଦୁର୍ବଳ ପିତାମାତାଙ୍କୁ ଭକ୍ତିର ସହିତ ଉପଯୁକ୍ତ ସେବା ଯୋଗାଇ ଥାନ୍ତି ତଥା ଯେଉଁ ସମାଜର ପରିବାର ଗୁଡ଼ିକରେ ମାତୃଜାତି ପ୍ରତି ଉପଯୁକ୍ତ ସମ୍ମାନ ଦିଆଯାଇଥାଏ ସେହି ସମାଜ ସେତେ ଉନ୍ନତ ଓ ପ୍ରଗତିଶୀଳ ହୋଇ ଅନ୍ୟମାନଙ୍କର ଆଦର୍ଶ ସ୍ଥାନୀୟ ହୋଇଥାଏ । ଏଥିପ୍ରତି ମଧ୍ୟ ସମାଜର ସମସ୍ତେ ଉପଯୁକ୍ତ ଧ୍ୟାନ ଦେବାକୁ ହେବ । ପ୍ରତ୍ୟେକ ପରିବାରର ଶିଶୁମାନେ

ଯେପରି ସୁଶିକ୍ଷିତ ହୁଅନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ ହେବ କୌଣସି ପରିବାର ବା ପରିବାରର କୌଣସି ସଦସ୍ୟ ସଦସ୍ୟାଙ୍କ କାର୍ଯ୍ୟଦ୍ୱାରା ଯେପରି କୁବେର ସମାଜର ପ୍ରତିଷ୍ଠାରେ ଆଞ୍ଚ ନ ଆସେ ସେଥିପ୍ରତି ସମସ୍ତଙ୍କୁ ସଚେତନ ହେବାକୁ ପଡ଼ିବ ।

**୧୫. ସାଇ**

କୁବେର ସମାଜର ଦ୍ୱିତୀୟ ସଂଗଠନ ହେଉଛି ସାଇ । ଏହା ସମାଜର ସଚେତନ ବ୍ୟକ୍ତିମାନଙ୍କ ଦ୍ୱାରା ସମାଜର ଉନ୍ନତି ପାଇଁ ଗଠିତ ପ୍ରଥମ ସାମାଜିକ ସଂଗଠନ ।

ଏହି ସାଇ ସଂଗଠନ ଗୋଟିଏ ଗ୍ରାମର ବା ଏକାଧିକ ଗ୍ରାମର ସ୍ୱଜାତୀୟ କେତେକ ପରିବାରକୁ ନେଇ ଗଠିତ ହୋଇଥାଏ । ସାଇର ଆକାର ସ୍ଥାନୀୟ ସୁବିଧା ବା ଭୌଗୋଳିକ ସ୍ଥିତିକୁ ଦେଖି ନିର୍ଦ୍ଧାରଣ କରାଯାଇ ଥାଏ । ଏହା ଅତି ଛୋଟ ହେବ ନାହିଁ ବା ଅତି ବଡ଼ ହେବ ନାହିଁ । ଗୋଟିଏ ସାଇର ସର୍ବନିମ୍ନ ପରିବାର ସଂଖ୍ୟା ୭ ହେବ । ୭ ଟି ପରିବାରରୁ କମ୍ ହେଲେ ସାଇ ମାନ୍ୟତା ମିଳିବ ନାହିଁ । ବିଶେଷ ପରିସ୍ଥିତିରେ ମହାସଭା ତରଫରୁ ଏହାର ବିଚାର କରାଯିବ । ସାଇରେ ସର୍ବୋଚ୍ଚ ପରିବାର ସଂଖ୍ୟାର କଟକଣା ରହିବ ନାହିଁ ।

**୧୬. ସାଇ ସଦସ୍ୟତା :** କୁବେର ସମାଜର ସାମାଜିକ ରୀତି ନୀତିକୁ ମାନି ଚଳୁଥିବା ତଥା ସାଇର ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଭାଗ ନେଉଥିବା ପରିବାର ଗୁଡ଼ିକର ସଦସ୍ୟମାନେ ସ୍ତ୍ରୀ ପୁରୁଷ ନିର୍ବିଶେଷରେ ସାଇ ସଦସ୍ୟ ଭାବରେ ଗଣା ହେବେ । ଉକ୍ତ ପରିବାର ବା ତାର ସଦସ୍ୟମାନେ ସାଇକୁ ଉପଯୁକ୍ତ ସମ୍ମାନ ଜଣାଇବା ସଙ୍ଗେ ସଙ୍ଗେ ବିଭିନ୍ନ ପ୍ରକାର ସାମାଜିକ ଦେୟ ଯଥା-ସାଇ ସଦସ୍ୟତା ଶୁଳ୍କ ଓ ସାଇର ଅନ୍ୟାନ୍ୟ ନିର୍ଦ୍ଧାରିତ ଦେୟ ତଥା ମହାସଭାର ବିଭିନ୍ନ ଦେୟ ନିୟମିତ ରୂପେ ପଇଠ କରୁଥିବେ । ଏହାର ସ୍ମାରକ ସଦୃଶ ସଂପୃକ୍ତ ପରିବାରମାନେ ସାଇ ସଭାରେ ଭାଇଗୁଆ ପାଇବାକୁ ଯୋଗ୍ୟ ହେବେ । ସାଇର ଆଗୁଆ ଅନୁମତି ନ ନେଇ ଯେଉଁ ଭାଇମାନେ ଜାଣିଶୁଣି ସାଇ

ସଭାରେ ବାରମ୍ବାର ଅନୁପସ୍ଥିତ ରହିବେ ସେମାନେ ଭାଇଗୁଆ ପାଇବାରୁ ବଞ୍ଚିତ ହେବେ । ସଂପୃକ୍ତ ସାଇ ନିଜ ସାଇର ଶୃଙ୍ଖଳା ରକ୍ଷା ପାଇଁ ଏପରି ସଦସ୍ୟଙ୍କ ପ୍ରତି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରନ୍ତି ।

**୧୭-ସାଇ ସଂଗଠନର ଡାଞ୍ଚା :** ସାଇ ସଂଗଠନକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଏକ ପରିଚାଳନା କମିଟୀ ରହିବ । ଏହାକୁ ସାଇ କମିଟୀ କୁହାଯିବ । ଏହା ଅତି କମ୍‌ରେ ପାଞ୍ଚ ଜଣିଆ ହେବ । ସାଇର ଆକାର ଓ ଅବସ୍ଥିତିକୁ ଦେଖି ଏହାର ସଦସ୍ୟ ସଂଖ୍ୟାରେ ପରିବର୍ତ୍ତନ କରାଯାଇପାରେ । ଏହି କମିଟୀରେ ଉଭୟ ପୁରୁଷ ଓ ମହିଳାଙ୍କ ସଦସ୍ୟତା ରହିବ । ଏହି କମିଟୀରେ ନିମ୍ନ ମତେ ପଦାଧିକାରୀ ରହିବେ ।

୧) ସଭାପତି- ୧ ଜଣ
୨) ସଂପାଦକ ଓ କୋଷାଧ୍ୟକ୍ଷ - ୧ଜଣ
୩) ଆବଶ୍ୟକ ମତେ ସଭ୍ୟ (ପୁରୁଷ ଓ ମହିଳା)
(ଏଣୁ ଏଣିକି ସାଇରେ ଥାନି ବା ବେହେରା ପଦବୀ ରହିବ ନାହିଁ )

**୧୮.(କ) ସାଇ କମିଟୀର କାର୍ଯ୍ୟକାଳ :** ଏହି କମିଟୀର କାର୍ଯ୍ୟକାଳ ୪ (ଚାରି) ବର୍ଷ ହେବ । ପ୍ରତି ୪ ବର୍ଷରେ ଥରେ ସାଇ କମିଟୀ ବସି ସାବାଳକ ଭୋଟ ପ୍ରଥାରେ ସାଇ କମିଟୀର ସଭାପତି ଓ ସଂପାଦକଙ୍କୁ ତଥା ସଦସ୍ୟ/ ସଦସ୍ୟା ମାନଙ୍କୁ ନିର୍ବାଚିତ କରିବେ ।

**୧୮(ଖ) ସାଇ ସଭାପତିଙ୍କ ଯୋଗ୍ୟତା :** ୧- ସେ ସାଇ ର ଜଣେ ସଦସ୍ୟ ହୋଇଥିବେ ୨-ତାଙ୍କର ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ହେଲା ସେ ସ୍ଥାନୀୟ ଭାଷାରେ ଲେଖି ପଢ଼ି ଜାଣୁଥିବେ । ୩-ସମାଜ କାମରେ ତାଙ୍କର ଆଗ୍ରହ ଥିବ । ୪- ସେ ସମାଜକାମ ପାଇଁ ସମୟ ଦେଇ ପାରୁଥିବେ । ୫-ଯେ କୌଣସି ପରିସ୍ଥିତିରେ ସେ ନିରପେକ୍ଷ ନିଷ୍ପତ୍ତି ନେଇ ପାରୁଥିବେ ।

**୧୮ (ଗ) ସାଇ ସଭାପତିଙ୍କ ଦାୟିତ୍ୱ :** ୧- ପ୍ରତ୍ୟେକ ସାଇ
ବୈଠକରେ ସେ ଅଧ୍ୟକ୍ଷତା କରିବେ ୨-ସାଇ ବୈଠକ ଡାକିବା
ସଂପାଦକଙ୍କୁ ନିର୍ଦ୍ଦେଶ ଦେଇ ପାରିବେ । ୩- ସାଇ କମିଟୀରେ
ପ୍ରସ୍ତାବରେ ତଥା ଅନ୍ୟାନ୍ୟ କାଗଜାତରେ ସେ ସ୍ୱାକ୍ଷର କରିବେ ।
ନିଜ ସାଇର କୌଣସି ସଦସ୍ୟଙ୍କୁ ବାଛନ୍ଦ କରାଗଲେ ତା
ସଦସ୍ୟଙ୍କୁ ନିଜ ସାଇରେ ଗ୍ରହଣ କରିବା ପାଇଁ ମହାସଭାର ଅ
ପାଇଁ ମହାସଭାକୁ ଅନୁରୋଧ କରି ପାରିବେ । ୫- ସାଇ କମିଟୀର
A/C ର ଜଣେ ପରିଚାଳକ ଭାବରେ ଦାୟିତ୍ୱ ତୁଲାଇବେ ।

**୧୯ (କ) ସାଇ ସଂପାଦକଙ୍କ ଯୋଗ୍ୟତା :**

ସାଇ ସଂପାଦକଙ୍କ ଯୋଗ୍ୟତା ସାଇ ସଭାପତିଙ୍କ ପରି ହେବ ।

**୧୯ (ଖ) ସାଇ ସଂପାଦକଙ୍କ ଦାୟିତ୍ୱ :** ୧) ସାଇ କମିଟୀର ସଂପାଦ
ସାଇ କମିଟୀର ସମସ୍ତ ରେକର୍ଡ ପତ୍ର ରଖିବେ । ୨) ସେ ସଭାପତି
ଆଦେଶ କ୍ରମେ ସାଇ ସଭାର ବୈଠକ ଡାକି ପାରିବେ । ୩) ସେ ସହ
ସଂପାଦକ ଓ କୋଷାଧ୍ୟକ୍ଷଙ୍କ ଦାୟିତ୍ୱ ତୁଲାଇବେ । ୪) ସେ ସାଇର
A/C ର ଜଣେ ପରିଚାଳକ ଦାୟିତ୍ୱ ତୁଲାଇବେ । ୫) ସାଇ ସଭା
ସମସ୍ତ ଆୟ ବ୍ୟୟର ହିସାବ ରଖିବେ ଏବଂ ସାଇର ବାର୍ଷିକ ସଭାରେ
ଆୟ ବ୍ୟୟର ବିବରଣୀ ଉପସ୍ଥାପନ କରିବେ । ୬) ବାର୍ଷିକ ସଭାରେ
ଆଗାମୀ ବର୍ଷର ବଜେଟ ଉପସ୍ଥାପନ କରି ସାଇ ସଭାର ଅନୁମୋଦନ
କରାଇ ନେବେ । ୭) ମହାସଭାର ସମସ୍ତ ଦେୟ ଆଦାୟ କରି
ମହାସଭାର କୋଷାଧ୍ୟକ୍ଷଙ୍କ ପାଖରେ ଜମାଦେବେ । ୮) ମହାସଭା
ଦ୍ୱାରା ମଗାଯାଉଥିବା ଆବଶ୍ୟକ ବିବରଣୀ ସବୁ ସଂଗ୍ରହ କରି
ଜମାଦେବେ ।

**୨୦ ସାଇକମିଟୀର ବୈଠକ :**

୧. ସାଇରେ ଅନୁଷ୍ଠିତ ହେଉଥିବା କୁବେର ସମାଜର ପ୍ରତ୍ୟେକ ବିବାହ
ବା ଶୁଦ୍ଧିକ୍ରିୟାରେ ସଂପୃକ୍ତ ପରିବାରରେ ସାଇ ସଭାର ବୈଠକ ଅନୁଷ୍ଠିତ

ହେବ । ଝିଅ ବିବାହରେ କନ୍ୟାପିତାଙ୍କ ଘରେ ବରଆଗମନ ସମୟରେ ଓ ପୁଅ ବିବାହରେ ଚଉଠୀ ଦିନ ବରପିତାଙ୍କ ଘରେ ସାଇ ସଭା ଅନୁଷ୍ଠିତ ହେବ । ସେହି ସମୟରେ ବରକନ୍ୟା ସଭାକୁ ଆସି ସଭାକୁ ଉପଯୁକ୍ତ ସମ୍ମାନ ଜଣାଇ ଆବଶ୍ୟକ ଆଶୀର୍ବାଦ ଭିକ୍ଷା କରିବେ ଏବଂ ବିବାହ ପଞ୍ଜୀକରଣ ରେଜିଷ୍ଟରରେ ସ୍ୱାକ୍ଷର କରିବେ । ମୃତାହ କାର୍ଯ୍ୟରେ ଶୁଦ୍ଧିକ୍ରିୟା ଦିନ ସଂପୃକ୍ତ ଗୃହକର୍ତ୍ତାଙ୍କ ଘରେ ସାଇସଭା ଅନୁଷ୍ଠିତ ହେବ । ଉକ୍ତ ସଭାରେ ପରିବାରର ସଦସ୍ୟମାନେ ତଥା ଉପସ୍ଥିତ ବନ୍ଧୁବାନ୍ଧବ ମାନେ ଉପସ୍ଥିତ ରହିବେ । ସେ ଦିନ ଶୋକସଭା ଅନୁଷ୍ଠିତ ହୋଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା ଅନୁଷ୍ଠିତ ହେବ । ପରିବାରର ସଦସ୍ୟମାନେ ସାଇକୁ ଉପଯୁକ୍ତ ସମ୍ମାନ ଜଣାଇ ସାଇର ଆଶୀର୍ବାଦ ଭିକ୍ଷା କରିବେ । ସାଇ ସଭାପତି ବା ଅନ୍ୟ କେହି ବରିଷ୍ଠ ସଦସ୍ୟ ଆଶୀର୍ବାଦ ପ୍ରଦାନ ପୂର୍ବକ ପରିବାରକୁ ସମବେଦନା ଜଣାଇ ଦୁଇପଦ ଶାନ୍ତ୍ୱନା ଦେବେ ।

୨) ବର୍ଷକୁ ଥରେ ସାଇର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇ ସାଇର ବିଭିନ୍ନ ବିଷୟ ଆଲୋଚନା, ଆୟବ୍ୟୟ ସମୀକ୍ଷା, ଆଗାମୀ ବର୍ଷ ପାଇଁ ବଜେଟ ଉପରେ ଆଲୋଚନା, ମହାସଭାର ଆଦେଶ, ନିର୍ଦ୍ଦେଶ ଉପରେ ଆଲୋଚନା କରାଯିବ । ଉନ୍ନୟନ ମୂଳକ କିଛି ନୂତନ ପ୍ରସ୍ତାବ ଗ୍ରହଣ କରାଯାଇ ପାରେ ।

୩) ବିଶେଷ ପରିସ୍ଥିତିରେ ସାଇ ସଭାପତିଙ୍କ ଅନୁମତି କ୍ରମେ ଜରୁରୀ ବୈଠକ ଡକାଯାଇ ପାରେ ।

ପ୍ରତ୍ୟେକ ସାଇ ସଭାରେ ଯେପରି ଅଧିକରୁ ଅଧିକ ଯୁବକ ଓ ମହିଳା ଯୋଗ ଦିଅନ୍ତି ସେଥିପ୍ରତି ଦୃଷ୍ଟି ଦିଆଯିବ ।

**୨୧- ସାଇ ବୈଠକ ବିଧି :** ସାଇର ଯେ କୌଣସି ବୈଠକ ଅନୁଷ୍ଠିତ ହେଲେ ସେହି ବୈଠକରେ କୁଳଦୀପ ପ୍ରଜ୍ୱଳନ ପୂର୍ବକ, ଭାଗବତ ପୂଜନ କରାଯାଇ ଏକ ଆଧ୍ୟାୟ ଭାଗବତ ପଠନ କରାଯିବ । ଉକ୍ତ ସଭାରେ କୁବେର ଦେବତାଙ୍କ ଫଟୋ ରଖି ଉପଯୁକ୍ତ ସମ୍ମାନର ସହିତ ପୂଜା କରି

ତାଙ୍କର ଜୟଧ୍ୱନୀ କରାଯିବ । ଯଦ୍ଦ୍ୱାରା ସାଇର ସଦସ୍ୟ ସଦସ୍ୟା ନିଜକୁ କୁବେର ସନ୍ତାନ ବୋଲି ଅନୁଭବ କରିବେ । ସଭାରେ ସାଇର ବିଭିନ୍ନ ସମସ୍ୟା ଆଲୋଚିତ ହୋଇ ସଭାବହିରେ ଲିପିବଦ୍ଧ ହେବ । ସଭାରେ ଉପସ୍ଥିତ ସମସ୍ତେ ସଭାବହିରେ ସାକ୍ଷର କରିବେ । ସଭା ଶେଷ ପୂର୍ବରୁ ବିବାହ ଆଦି ମାଙ୍ଗଳିକ କାର୍ଯ୍ୟରେ ରେ ଗୁଆ ବଣ୍ଟନ କରାଯିବ ।

**୨୨. ସାଇ ସଭାର କାର୍ଯ୍ୟ :**

୧) ସାଇର ସମସ୍ତ ସଦସ୍ୟ ଯେପରି ସାଇ ବୈଠକରେ ଯୋଗଦେଇ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରନ୍ତି ତାହା ଦେଖିବା ହେଉଛି ସାଇ ସଭାର କାର୍ଯ୍ୟ ।

୨) ସାଇର ସମସ୍ତେ ଯେପରି ସମାଜର ନୀତି ନିୟମ ଗୁଡ଼ିକୁ ଆନ୍ତରିକତାର ସହିତ ପାଳନ କରନ୍ତି ସେଥିପ୍ରତି ଉପଯୁକ୍ତ ଧ୍ୟାନ ଦେବେ ।

୩) ଉଚ୍ଚ ଶିକ୍ଷିତ ନ ହେଲେ ବି ସମାଜର ସମସ୍ତେ ଯେପରି ସାକ୍ଷର ହୋଇ ପାରିବେ ସାଇ ସଭା ସେଥିପ୍ରତି ଧ୍ୟାନ ଦେବାକୁ ହେବ ।

୪) ସାଇବୈଠକ ଗୁଡ଼ିକରେ ମାତୃଜାତିର ପ୍ରତିନିଧିତ୍ୱ ଓ ଉପସ୍ଥାନ ବୃଦ୍ଧି ପ୍ରତି ବିଶେଷ ଧ୍ୟାନ ଦେବା ଓ ତାଙ୍କ ମନରେ ସଚେତନତା ସୃଷ୍ଟି କରିବାକୁ ହେବ ।

୫) ସାଇର ଆର୍ଥିକ ଦୁର୍ବଳ ଓ ଭିନ୍ନକ୍ଷମ ମେଧାବୀ ବିଦ୍ୟାର୍ଥୀଙ୍କ ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହାୟତାର ବ୍ୟବସ୍ଥା କରିବା ।

୬) ସାଇର ଦରିଦ୍ର ଅସହାୟ ବ୍ୟକ୍ତିଙ୍କ ଚିକିତ୍ସା ପାଇଁ ଆର୍ଥିକ ସାହାଯ୍ୟ ବ୍ୟବସ୍ଥା ।

୭) ଜାତି ନିୟମାବଳୀର ନୀତିନିୟମ ଗୁଡ଼ିକ ଯେପରି ସାଇ ସ୍ତରରେ ଠିକ୍ ଭାବରେ ପାଳିତ ହୁଏ ସେଥିପ୍ରତି ଧ୍ୟାନ ଦେବେ ।

୮) ମହାସଭାର ବିଭିନ୍ନ ଦେୟ ଆଦାୟ କରି ତଥା ବିଭିନ୍ନ ବିବରଣୀ ସଂଗ୍ରହ କରି ମହାସଭାରେ ଜମାଦେବା ।

୯) ନିଜ ସାଇର ବାର୍ଷିକ ବୈଠକ କରି ସାଇର ବିଭିନ୍ନ ସମସ୍ୟା, ସାଇର ଉନ୍ନତି ପାଇଁ ନେବାକୁ ଥିବା ବିଭିନ୍ନ ପଦକ୍ଷେପ, ସାଇର ଗତ ବର୍ଷର ଆୟବ୍ୟୟ ଓ ଆଗାମୀ ବର୍ଷର ବଜେଟ ଉପରେ ଆଲୋଚନା କରାଯାଇ ପଦକ୍ଷେପ ଗ୍ରହଣ କରିବା ।

୧୦)ମହାସଭାରେ ଯେପରି ନିଜ ସାଇର ଅଧିକରୁ ଅଧିକ ପ୍ରତିନିଧି ଯୋଗଦିଅନ୍ତି ସେଥିପ୍ରତି ଦୃଷ୍ଟି ଦେବା ।

୧୧) ଚାରିବର୍ଷରେ ଥରେ ଅନୁଷ୍ଠିତ ନିର୍ବାଚନରେ ଭାଗନେଇ ନିଜ ସାଇ ସଭାର କର୍ମକର୍ତ୍ତାଙ୍କୁ ନିର୍ବାଚିତ କରିବା ।

୧୨) କୌଣସି ନୂତନ ସଦସ୍ୟ ଅନ୍ୟ ସାଇରୁ ଆସି ନିଜ ସାଇରେ ମିଶିବାକୁ ଚାହିଁଲେ ତାଙ୍କ ଠାରୁ ଉପଯୁକ୍ତ ଜାତି ପ୍ରମାଣ ପତ୍ର (ପୂର୍ବ ସାଇର) ତଥା ସାଇ ମାନ୍ୟ ରଖି ତାଙ୍କର ଦରଖାସ୍ତକୁ ମହାସଭାର ଅନୁମୋଦନ ପାଇଁ ପଠାଇବା ।

୧୩) ସାଇର କୌଣସି ସଦସ୍ୟ ସାଇ ଛାଡ଼ି ଅନ୍ୟ ସାଇରେ ମିଶିବାକୁ ଚାହୁଁଥିଲେ ତାଙ୍କ ଠାରୁ ଉପଯୁକ୍ତ ଦରଖାସ୍ତ ରଖି ତାଙ୍କୁ ଜାତି ପ୍ରମାଣ ପତ୍ର ଦେବା ।

୧୪) ସାଇ ସଂଗଠନର ଶୃଙ୍ଖଳା ରକ୍ଷା ଦୃଷ୍ଟିରୁ ସାମାଜିକ ନୀତି ନିୟମକୁ ବେଖାତିର କରି ସମାଜରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ସଦସ୍ୟ/ ପରିବାର ପ୍ରତି ଶୃଙ୍ଖଳା ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପାରିବେ । ଏପରି କି ଗୁରୁତର ଦୋଷ ପାଇଁ ମହାସଭାର ଅନୁମୋଦନ କ୍ରମେ କଠିନ ରୁ କଠିନ ସାମାଜିକ ଦଣ୍ଡର ବ୍ୟବସ୍ଥା କରି ପାରିବେ ।

**ସଦସ୍ୟ ସଦସ୍ୟାମାନଙ୍କ ଯୋଗ୍ୟତା :**

**୨୩(କ) ସାଇ କମିଟୀର ସଦସ୍ୟ ସଦସ୍ୟାମାନଙ୍କ ଯୋଗ୍ୟତା :**

୧) ସାଇ କମିଟୀର ସଦସ୍ୟ/ ସଦସ୍ୟାମାନଙ୍କ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ହେଉଛି, ସେମାନେ ଅତିକମ୍‌ରେ ସାକ୍ଷର ହୋଇଥିବେ ।

୨) ସାମାଜିକ ରୀତି ନୀତି ପ୍ରତି ତାଙ୍କର ଆଗ୍ରହ ତଥା ଅଭିଜ୍ଞତା ଥିବ ।

୩)ସେ ସମାଜ ସେବା ପାଇଁ ଆଗ୍ରହୀ ଥିବେ ଓ ଏଥିପାଇଁ ସମୟ ଦେଇ ପାରୁଥିବେ ।

୪) ସେ ନିରପେକ୍ଷ ନିଷ୍ପତ୍ତି ନେଇ ପାରୁଥିବେ ।

**୨୩ (ଖ) ସାଇ କମିଟୀ ସଦସ୍ୟଙ୍କ ଦାୟିତ୍ୱ :**

୧) ପ୍ରତ୍ୟେକ ସାଇ ସଭାର ବୈଠକରେ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରୁଥିବେ ।

୨) ସାଇ ସ୍ତରରେ ଯେପରି ସାମାଜିକ ରୀତି ନୀତି ଠିକ ଭାବରେ ଲାଗୁ ହୁଏ ସେଥିପ୍ରତି ଦୃଷ୍ଟି ଦେବେ ।

୩) ନୂତନ ସଦସ୍ୟଙ୍କୁ ସାଇଭୁକ୍ତ କରାଇବାରେ ସାହାଯ୍ୟ କରିବେ ।

୪) ସାଇ ତଥା ମହାସଭାର ଦେୟ ନିଜେ ଦେବା ସଙ୍ଗେ ସଙ୍ଗେ ଅନ୍ୟମାନେ ଯେପରି ଦିଅନ୍ତି ସେଥିପ୍ରତି ଦୃଷ୍ଟି ଦେବେ ।

୫) ମହାସଭାର ବାର୍ଷିକ ଅଧିବେଶନରେ ଅଧିକରୁ ଅଧିକ ଯୁବକ ଓ ମହିଳାଙ୍କ ଯୋଗଦାନକୁ ପ୍ରୋତ୍ସାହିତ କରିବେ ।

## ସାଇ କମିଟୀର ଆୟବ୍ୟୟ

ସାଇ କମିଟୀର ବିଭିନ୍ନ ପ୍ରକାର ଖର୍ଚ୍ଚର ଭରଣାପାଇଁ ସାଇ ତରଫରୁ ନିମ୍ନମତେ ପାଣ୍ଠି ସଂଗ୍ରହ କରାଯିବ । ସଂଗୃହିତ ପାଣ୍ଠକୁ ନିକଟବର୍ତ୍ତୀ ଡାକଘର ବା ବ୍ୟାଙ୍କରେ ଏକ ଯୁଗ୍ମ A/C ରେ ସଭାପତି ଓ ସଂପାଦକଙ୍କ ନାମରେ ଜମା କରାଯିବ । ସଂପାଦକ ନିଜ ହାତରେ ଟ.୫୦୦/- ରୁ ଅଧିକ ଟଙ୍କା ରଖିବେ ନାହିଁ । ଅଧିକ ଟଙ୍କାକୁ ସଙ୍ଗେ ସଙ୍ଗେ A/C ରେ ଜମା କରିଦିଆଯିବ । ଯଦି ଖର୍ଚ୍ଚ ପାଇଁ ଅର୍ଥ ଆବଶ୍ୟକ ହୁଏ ତେବେ ସାଇ କମିଟୀର ପ୍ରସ୍ତାବ ମତେ ସଭାପତି ଓ ସଂପାଦକ A/C ରୁ ଟଙ୍କା ଉଠାଇ ଖର୍ଚ୍ଚ କରିବେ ।

**୨୪ (କ) ଆୟ :**

ସାଇ କମିଟୀ ଦ୍ୱାରା ନିମ୍ନମତେ ବିଭିନ୍ନ ସୂତ୍ରରୁ ପାଣ୍ଠି ସଂଗ୍ରହ କରାଯିବ ।

୧. ବାର୍ଷିକ ସଭ୍ୟ ଚାନ୍ଦାରୁ ।

୨. ସାଇ ସଦସ୍ୟମାନଙ୍କ ପୁତ୍ର କନ୍ୟାଙ୍କ ବିବାହରୁ ।

୩. ମୃତାହ କାର୍ଯ୍ୟରୁ ।

୪. ବଦାନ୍ୟ ବ୍ୟକ୍ତିଙ୍କ ଦାନରୁ ।
୫. କାର୍ଯ୍ୟକ୍ରମର ବଳକାରୁ ।
୬. ଆନ୍ୟାନ୍ୟ ସୂତ୍ରରୁ (ମହାସଭାର ଅନୁମୋଦନ କ୍ରମେ)

**୨୪ (ଖ) ବ୍ୟୟ :**

୧. ଦୁଃସ୍ଥ ଓ ଦରିଦ୍ର ବ୍ୟକ୍ତିଙ୍କ ଚିକିତ୍ସା ସହାୟତାରେ ।
୨. ଦରିଦ୍ର, ଭିନ୍ନକ୍ଷମ, ମେଧାବୀ ବିଦ୍ୟାର୍ଥୀଙ୍କ ଶିକ୍ଷା ସହାୟତାରେ ।
୩. ବାର୍ଷିକ ଅଧିବେଶନରେ ।
୪. ବିଭିନ୍ନ କାର୍ଯ୍ୟକ୍ରମରେ ।
୫. ବିଭିନ୍ନ ପ୍ରତିଯୋଗିତାରେ ।
୬. କାର୍ଯ୍ୟାଳୟ ପରିଚାଳନାରେ ।
୭. ଆନ୍ୟାନ୍ୟ ।

୨୪ (ଗ) ସାଇର ବାର୍ଷିକ ବୈଠକରେ ସାଇ ସଂପାଦକ ସାଇର ଆୟବ୍ୟୟ ବିବରଣୀ ପ୍ରସ୍ତୁତ କରି ସମସ୍ତଙ୍କ ଜ୍ଞାତବ୍ୟ ପାଇଁ ବୈଠକରେ ଉପସ୍ଥାପିତ କରିବେ । ଆଗାମୀ ବର୍ଷର ବଜେଟ ମଧ୍ୟ ଉପସ୍ଥାପିତ କରି ଅନୁମୋଦନ କରାଇ ନେବେ । ଆୟ ବ୍ୟୟ ବିବରଣୀ ତଥା ବଜେଟ ର ନକଲ ମହାସଭାକୁ ପଠାଇବେ ।

## ଜୋନାଲ କମିଟୀ

୨୫. (କ) କୁବେର ସମାଜକୁ ଅଧିକ ସଂଗଠିତ ଓ ଜାତିସଂଗଠନକୁ ଅଧିକ ଫଳପ୍ରଦ କରିବା ପାଇଁ ସାଇ ସଂଗଠନ ଓ କେନ୍ଦ୍ର ବୋର୍ଡ (ମହାସଭା) ମଝିରେ ଏକ ଜୋନ ସ୍ତରୀୟ କମିଟୀ ରହିବ । ଉକ୍ତ କମିଟୀ ମହାସଭା ଓ ସାଇ କମିଟୀ ମଧ୍ୟରେ ଯୋଗସୂତ୍ର ଭଳି କାର୍ଯ୍ୟ କରିବ । ପରିଚାଳନା ଗତ ସୁବିଧା ତଥା ଯୋଗାଯୋଗ ଦୃଷ୍ଟିରୁ ସମଗ୍ର ପଶ୍ଚିମାଞ୍ଚଳ ଓ ଛତିଶଗଡ଼କୁ ୩ଟି (ତିନୋଟି) ଜୋନରେ ବିଭକ୍ତ କରାଯିବ । ପ୍ରଥମ

କୋନ୍‌ରେ ଛତିଶଗଡ ରାଜ୍ୟର ରାୟଗଡ଼, ମହାସମୁନ୍ଦ ଓ ଜାଞ୍ଜଗୀର ଚ୍ମ୍ପା ଜିଲ୍ଲା ଓ ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲା ରହିବ । ଦ୍ୱିତୀୟ କୋନରେ ଓଡ଼ିଶାର ସମ୍ବଲପୁର, ବରଗଡ଼, ବୌଦ୍ଧ ଓ ସୁବର୍ଣ୍ଣପୁର ଜିଲ୍ଲା ରହିବ । ତୃତୀୟ କୋନ୍‌ରେ କଳାହାଣ୍ଡି, ବଲାଙ୍ଗିର ଓ ନୂଆପଡ଼ା ଜିଲ୍ଲା ରହିବ ।

**୨୫ (ଖ)** ଏହି କୋନ୍ ଅଞ୍ଚଳରେ ସାମାଜିକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ କୋନାଲ କମିଟୀ ନାମରେ ଏକ କମିଟୀ ରହିବ । ଏହି କମିଟୀ ପାଇଁ ସ୍ୱତନ୍ତ୍ର ନିର୍ବାଚନ କରି ସଭ୍ୟ/ସଭ୍ୟା ବାଛିବାକୁ ପଡ଼ିବ ନାହିଁ । ସଂପୃକ୍ତ କୋନ୍ ଅଞ୍ଚଳରୁ :

୧) ମହାସଭା ପାଇଁ ନିର୍ବାଚିତ ଉପ-ସଭାପତି, ଉକ୍ତ କମିଟୀର ସଭାପତି ଦାୟିତ୍ୱରେ ରହିବେ ।

୨) ସେହି କୋନ୍‌ରୁ ନିର୍ବାଚିତ ସଂପାଦକ ଉକ୍ତ କୋନାଲ କମିଟୀର ସଂପାଦକ କାର୍ଯ୍ୟ ତୁଲାଇବେ ।

୩) ସଂପୃକ୍ତ କୋନରୁ ନିର୍ବାଚିତ ମହାସଭାର କାର୍ଯ୍ୟକାରୀ କମିଟୀ ସଦସ୍ୟ/ ସଦସ୍ୟାମାନେ ତଥା

୪) ଉକ୍ତ ଅଞ୍ଚଳରେ ସାଇ ସଭାପତି ଓ ସଂପାଦକମାନେ ଉକ୍ତ କୋନାଲ କମିଟୀର ସଦସ୍ୟ ଭାବରେ ରହିବେ ।

୫) ମହାସଭା ଯୁବାମଞ୍ଚର ସଭାପତି ପ୍ରତ୍ୟେକ କୋନ୍ ପାଇଁ ଉକ୍ତ ଅଞ୍ଚଳରୁ ଜଣେ ଲେଖାଏଁ ଯୁବା ମଞ୍ଚ ସଂଯୋଜକ ମନୋନୀତ କରିବେ । ସେ ସଂପୃକ୍ତ କୋନ ଅଞ୍ଚଳରେ ଯୁବାମଞ୍ଚର ଦାୟିତ୍ୱ ବୁଝିବେ

(୬)ସଂପୃକ୍ତ କୋନ୍ ଅଞ୍ଚଳରେ ମାତୃ ମଞ୍ଚର କାର୍ଯ୍ୟକୁ ସୁଦୃଢ଼ କରିବା ପାଇଁ ଉକ୍ତ କମିଟୀରେ ଜଣେ ଲେଖାଏଁ ମାତୃମଞ୍ଚ ସଂଯୋଜିକା ରହିବେ । ଯାହାଙ୍କୁ ମହାସଭା ମତୃମଞ୍ଚର ସଭାନେତ୍ରୀ ମନୋନିତ କରିବେ ।

(୭)ଉକ୍ତ କୋନ୍ ପାଇଁ ମହା ସଭା ତରଫରୁ ଜଣେ ଲେଖାଏଁ ପର୍ଯ୍ୟବେକ୍ଷକ ନିଯୁକ୍ତ ହେବେ । ସେମାନଙ୍କୁ ମହାସଭାର ସଭାପତି ମନୋନୀତ କରିବେ ।

୨୫(ଗ) ଉକ୍ତ କୋନାଲ କମିଟୀର କାର୍ଯ୍ୟକାଳ ମହାସଭାର କାର୍ଯ୍ୟକାଳ ପରି ୪ (ଚାରି) ବର୍ଷ ହେବ ।

**୨୫(ଘ) କୋନାଲ କମିଟୀର ଦାୟିତ୍ୱ :** (୧) ଉକ୍ତ କୋନାଲ କମିଟୀ ସମ୍ପୃକ୍ତ କୋନ୍‌ରେ ଉକ୍ତ କୋନ୍‌ର ମହାସଭାର ଉପ-ସଭାପତିଙ୍କ ନେତୃତ୍ୱରେ କୁବେର ସମାଜ ସଂଗଠନକୁ ମଜବୁତ୍ କରିବାର ଦାୟିତ୍ୱ ନେଇ କାର୍ଯ୍ୟ କରିବ ।

(୨)ମହାସଭାର ନୀତିନିୟମ ତଥା ବିଭିନ୍ନ କାର୍ଯ୍ୟକ୍ରମ ଯେପରି ସାଇ ସ୍ତରରେ ସୁଚାରୁ ରୂପେ କାର୍ଯ୍ୟକାରୀ ହୁଏ ସେଥି ପ୍ରତି ସମ୍ୟକ ଧ୍ୟାନ ଦେବ । (୩)ମହାସଭା ସହିତ ସାଇ ମାନଙ୍କ ଯୋଗା ଯୋଗ ରକ୍ଷା କରିବ । (୪)ମହାସଭାର ନୀତି ନିର୍ଦ୍ଦେଶ ସାଇ କୁ ଜଣାଇବ । (୫) ସାଇ ମାନଙ୍କ ଠାରୁ ମହାସଭାର ବିଭିନ୍ନ ଦେୟ ଯେପରି ଠିକ୍ ସମୟରେ ଆଦାୟ ହୋଇ ଜମାହୁଏ ଏବଂ ଆବଶ୍ୟକ ବିବରଣୀ ସବୁ ଠିକ୍ ସମୟରେ ସଂଗୃହୀତ ହୁଏ ସେଥିପ୍ରତି ଦୃଷ୍ଟି ଦେବ । (୬) ସାଇ ମାନଙ୍କ ସହିତ ପରାମର୍ଶ କରି ସାଇର ବିଭିନ୍ନ ସମସ୍ୟା ତଥା ସାଇ ଦ୍ୱାରା ଗୃହୀତ ବିଭିନ୍ନ ଉନ୍ନୟନ ମୂଳକ ପଦକ୍ଷେପର ସୂଚନା ମହାସଭାରେ ଉପସ୍ଥାପନ କରିବ ।

**୨୫(ଙ) କୋନାଲ କମିଟୀର ବୈଠକ :** ସୁବିଧା ମତେ କୋନାଲକମିଟୀର ବୈଠକ ବର୍ଷକୁ ୨ଥର ଅନୁଷ୍ଠିତ ହେବ ।

(୧)ପ୍ରଥମ ବୈଠକ ମହାସଭା ସାଧାରଣ ଅଧିବେଶନର ୩ମାସ ପରେ ଓ (୨) ଦ୍ୱିତୀୟ ବୈଠକ ମହାସଭା ବାର୍ଷିକ ଅଧିବେଶନର ୩ମାସ ପୂର୍ବରୁ ଅନୁଷ୍ଠିତ ହେବ ।

ପ୍ରଥମ ବୈଠକରେ ମହାସଭା ଦ୍ୱାରା ଗୃହୀତ ପ୍ରସ୍ତାବ ଗୁଡିକ ସାଇ ସ୍ତରରେ କିପରି କାର୍ଯ୍ୟକାରୀ ହେଉଛି ଏବଂ ସାଇ ଗୁଡିକରେ କିକି ସମସ୍ୟା ଦେଖା ଯାଉଛି । ସେବୁ ଆଲୋଚିତ ହୋଇ ଉଚିତ୍ ପଦକ୍ଷେପ ନିଆଯିବ ।

ଦ୍ୱିତୀୟ ବୈଠକରେ ସାଇ ସ୍ତରରେ ଦେଖାଯାଉଥିବା ବିଭିନ୍ନ ସାମାଜିକ ସମସ୍ୟା ଗୁଡିକ ଆଲୋଚିତ ହୋଇ ପ୍ରସ୍ତାବ ଆକାରରେ ମହାସଭାରେ ଉପସ୍ଥାପନ ପାଇଁ କାର୍ଯ୍ୟକାରୀ କମିଟୀରେ ଉପସ୍ଥାପିତ କରାଯିବ ।

କୋନାଲ କମିଟୀ ବୈଠକରେ ମହାସଭା ତରଫରୁ ନିଯୁକ୍ତ ପର୍ଯ୍ୟବେକ୍ଷକ, ମହାସଭାର ସଭାପତି ନିଜେ, ମହାସଭାର ସାଧାରଣ ସଂପାଦକ ବା ସଭାପତିଙ୍କ ଦ୍ୱାରା ଆଦେଶ ପ୍ରାପ୍ତ ଅନ୍ୟ ଯେ କୌଣସି କାର୍ଯ୍ୟକର୍ତା ଯୋଗ ଦେଇ ପାରନ୍ତି । ପ୍ରଥମ ଅବସ୍ଥାରେ ଏହି କୋନାଲ କମିଟୀ ବ୍ୟବସ୍ଥାକୁ ପରୀକ୍ଷା ମୂଳକ ଭାବରେ କାର୍ଯ୍ୟକାରୀ କରାଯିବ । ଯଦି ଏହା ଉପଯୁକ୍ତ ତଥା ଫଳପ୍ରଦ ବୋଲି ଅନୁଭବ କରାଯାଏ ନିୟମାବଳିରେ ଆବଶ୍ୟକୀୟ ସଂଶୋଧନ କରି ଏହାକୁ ସାବାଳକ ନିର୍ବାଚନ ପଦ୍ଧତିରେ ଗଠନ କରାଯାଇ ପାରେ ।

## -ରାଜ୍ୟ ସ୍ତରୀୟ ସଂଗଠନ-

## କୁବେର ସମାଜ ପଶ୍ଚିମାଞ୍ଚଳ, (କେନ୍ଦ୍ର ବୋର୍ଡ)

## -(ମହାସଭା)-

୨୬(କ) କୁବେର ସମାଜ ପଶ୍ଚିମାଞ୍ଚଳ (ମହାସଭା) ସାମାଜିକ ସଂଗଠନର ପରିଚାଳନା ପାଇଁ ଏକ (କେନ୍ଦ୍ର ବୋର୍ଡ) କାର୍ଯ୍ୟକାରୀ କମିଟୀ ରହିବ । ଏହି କାର୍ଯ୍ୟକାରୀ କମିଟୀର କର୍ମ କର୍ତ୍ତା ମାନେ ପ୍ରତି ୪(ଚାରି)ବର୍ଷରେ ଥରେ ମହାସଭାର ବାର୍ଷିକ ସାଧାରଣ ଅଧିବେଶନରେ ସାବାଳକ ନିର୍ବାଚନ ପ୍ରକ୍ରିୟାରେ ଉପସ୍ଥିତ ସଦସ୍ୟମାନଙ୍କ ଦ୍ୱାରା ବହୁ ମତରେ ନିର୍ବାଚିତ ହେବେ ।

୨୬(ଖ)ଏହି କମିଟୀରେ ନିମ୍ନମତେ କାର୍ଯ୍ୟକର୍ତ୍ତା ରହିବେ ।

(୧)ସଭାପତି- ୧ଜଣ

(୨)ଉପ ସଭାପତି- ୩ଜଣ(ପ୍ରତି କୋନରୁ ୧ଜଣ)

(୩) ସାଧାରଣ ସଂପାଦକ- ୧ଜଣ
(୪) ସଂପାଦକ ୩ଜଣ(ପ୍ରତି କୋନରୁ ୧ଜଣ)
(୫)କୋଷାଧ୍ୟକ୍ଷ ୧ଜଣ
(୬) କାର୍ଯ୍ୟକାରୀ କମିଟୀର ସଦସ୍ୟ - ୧୨ଜଣ (ପ୍ରତି କୋନରୁ ୩ଜଣ ପୁରୁଷ ଓ ୧ଜଣ ମହିଳା)
(୭)ଯୁବାମଞ୍ଚ ସଭାପତି (ଏକ୍ସ ଅଫିସିଓମେମ୍ବର) ୧ଜଣ ମନୋନୀତ
(୮)ମାତୃମଞ୍ଚ ସଭାନେତ୍ରୀ (ଏକ୍ସ ଅଫିସିଓମେମ୍ବର) ୧ଜଣ ମନୋନୀତ
(୯)ମୋଟ ସଭ୍ୟ ସଂଖ୍ୟା ୨୩ଜଣ

୨୬(ଗ)ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟୀରେ ପ୍ରତ୍ୟେକ ସାଇର ସଭାପତି ମାନେ ନିମନ୍ତ୍ରିତ ସଦସ୍ୟ ଭାବରେ ଯୋଗ ଦେଇ ପାରିବେ ।

**୨୭- ସମୀକ୍ଷକ ମଣ୍ଡଳୀ :** ମହା ସଭାର ଆୟ୍ ବ୍ୟୟର ସମୀକ୍ଷା ପାଇଁ ଏକ ଦୁଇ ଜଣିଆ ସମୀକ୍ଷକ ମଣ୍ଡଳୀ ରହିବ । ସଭାପତି କାର୍ଯ୍ୟକାରୀ କମିଟୀର ପରାମର୍ଶ କ୍ରମେ ଏହାର ସଦସ୍ୟ ମାନଙ୍କୁ ମନୋନୀତ କରିବେ ।

**୨୮- ଆଇନ ପରାମର୍ଶ ଦାତା-** ମହାସଭା ସ୍ତରରେ ଦେଖାଦେଉଥିବା ବିଭିନ୍ନ ଆଇନ ଗତ ସମସ୍ୟାର ସମାଧାନ ପାଇଁ ମହାସଭାର ସଭାପତି ଏକ ଜଣ ଅଧିବକ୍ତାଙ୍କୁ (Advocate) ଆଇନ ପରାମର୍ଶ ଦାତା ରୂପେ ମନୋନୀତ କରିବେ ।

**୨୯- ବିଚାର ମଞ୍ଚ-** ବିଭିନ୍ନ ସାଇ ତଥା ସାଇଭାଇମାନଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ବିଚାର ପାଇଁ ଏକ ନଅ ଜଣିଆଁ ବିଚାରକ ମଣ୍ଡଳୀ ରହିବ । ଏହାକୁ **ମହାସଭା ବିଚାର ମଞ୍ଚ କୁହାଯିବ** । ଏହାର ସଦସ୍ୟ ମାନେ ପ୍ରତି ୪ (ଚାରି)ବର୍ଷରେ ଥରେ ସଭାପତିଙ୍କ ଦ୍ୱାରା ମନୋନୀତ ହେବେ । ମହାସଭାର ସାଧାରଣ ଅଧିବେଶନ ସମୟରେ ବା ଆବଶ୍ୟକ ସ୍ଥଳେ ଅନ୍ୟ ସମୟରେ ମଧ୍ୟ ବିଚାର ମଞ୍ଚର ବୈଠକ ବସି ଆପତ୍ତି

ଅଭିଯୋଗର ବିଚାର କରି ନିଷ୍ପତ୍ତି ଗ୍ରହଣ କରିପାରିବେ । ଯାହାକି ମହାସଭା କାର୍ଯ୍ୟକାରୀ କମିଟୀର ଅନୁମୋଦନ ପରେ କାର୍ଯ୍ୟକାରୀ ହେବ। ବିଚାର ମଞ୍ଚରେ ୭ଜଣ ପୁରୁଷ ଓ ୨ ଜଣ ମହିଳା ସଦସ୍ୟା ରହିବେ ।

**ବି:ଦ୍ର:-** ସାଇ ସଦସ୍ୟ ମାନଙ୍କ ଆପତ୍ତି ଅଭିଯୋଗର ଦରଖାସ୍ତ ଗୁଡିକ ସାଇ ମାଧ୍ୟମରେ ସାଇ ସଭାପତିଙ୍କ ମନ୍ତବ୍ୟ ସହ ମହାସଭାକୁ ଆସିଲେ ଯାଇଁ ବିଚାର ପାଇଁ ଗ୍ରହଣ କରାଯିବ । ଦରଖାସ୍ତକାରୀ ଦରଖାସ୍ତ ସହିତ ଟ୧୦୧-(ଏକଶତ ଏକଟଙ୍କା) ମାତ୍ର ଫିକ୍ ମହା ସଭାର ସଂପାଦକ ବା କୋଷାଧ୍ୟକ୍ଷଙ୍କ ପାଖରେ ଜମା ଦେବେ ।

ମହାସଭା ଅଧିବେଶନ ବ୍ୟତୀତ ଅନ୍ୟ ସମୟରେ ବିଚାର ମଞ୍ଚର ଜରୁରୀ ବୈଠକ ଅନୁଷ୍ଠିତ ହେଲେ ଦରଖାସ୍ତକାରୀ ବା ଉଭୟ ପକ୍ଷ ବିଚାର ମଞ୍ଚର ସଦସ୍ୟ ମାନଙ୍କ ଗସ୍ତ ବ୍ୟୟ ଓ ଭୋଜନ ଖର୍ଚ୍ଚ ବହନ କରିବେ ।

**୩୦- ଉପଦେଷ୍ଟା ମଣ୍ଡଳୀ-** ଏହି ମହାସଭାରୂପୀ ସାମାଜିକ ସଂଗଠନକୁ ଆବଶ୍ୟକ ସ୍ଥଳେ ଉପଯୁକ୍ତ ଦିଗ୍‌ଦର୍ଶନ କରାଇ ଉପଯୁକ୍ତ ମାର୍ଗରେ ପରିଚାଳିତ କରିବାପାଇଁ ସମାଜର ଜ୍ଞାନୀ ଗୁଣି ଓ ଅଭିଜ୍ଞ ବ୍ୟକ୍ତିମାନଙ୍କୁ ନେଇ ଏକ ପାଞ୍ଚ ଜଣିଆ ଉପଦେଷ୍ଟା ମଣ୍ଡଳୀ ରହିବ । ଏଥିରେ ୩ଜଣ ପୁରୁଷ ଓ ୨ଜଣ ମହିଳା ସଦସ୍ୟା ରହିବେ । ଏହି ଉପଦେଷ୍ଟା ମଣ୍ଡଳିର ସଭ୍ୟ ମାନେ ୪(ଚାରି)ବର୍ଷ ପାଇଁ ସଭାପତିଙ୍କ ଦ୍ୱାରା ମନୋନୀତ ହେବେ ।

**୩୧(କ) ଯୁବାମଞ୍ଚ-** ଯୁବକ ମାନେ ହେଉଛନ୍ତି ସମାଜର ଅଭିଚ୍ଛେଦ୍ୟ ତଥା ଗୁରୁତ୍ୱ ପୂର୍ଣ୍ଣ ଅଙ୍ଗ । ସମାଜର ପରିବର୍ତ୍ତନ ତଥା ଉତଥାନରେ ସେମାନଙ୍କ ବିଶେଷ ଭୂମିକା ରହିଅଛି । କୁବେର ସମାଜର ଯୁବାପୀଢିକୁ ଜାଗ୍ରତ ତଥା ଯୁଗୋପଯୋଗୀ କରି ଗଢି ତୋଳିବାକୁ କୁବେର ସମାଜ ଯୁବାମଞ୍ଚ ନାମରେ ଏକ ଯୁବଶାଖା ରହିବ । ନିମ୍ନ ମତେ ଏହାର ଏକ ସବ୍ କମିଟୀ ରହିବ ।

୧ - ସଭାପତି- ୧ଜଣ
୨ - ସଂପାଦକ- ୧ଜଣ
୩ - ସଦସ୍ୟ- ୬ଜଣ
ମୋଟ ୮ଜଣ

୩୧(ଖ)ଯୁବାମଞ୍ଚରେ ୧୮ ବର୍ଷରୁ ୪୫ ବର୍ଷର ଯୁବକ ମାନଙ୍କୁ ସଦସ୍ୟ ଭାବରେ ଗ୍ରହଣ କରାଯିବ । ଏହାର ସଦସ୍ୟ ମାନେ ଅତିକମ୍‌ରେ ଲେଖିପଡ଼ି ଜାଣିଥିବେ ।

୩୧(ଗ) ଏଥିପାଇଁ କିଛି ସଦସ୍ୟତା ଶୁଳ୍କ ରଖାଯିବ । ଶୁଳ୍କ ପରିମାଣ ମହାସଭା ସ୍ଥିର କରିବ ।

୩୧(ଘ)ଯୁବାମଞ୍ଚର ସଭାପତିଙ୍କୁ ମହାସଭାର ସଭାପତି କାର୍ଯ୍ୟକାରୀ କମିଟୀର ପରାମର୍ଶ କ୍ରମେ ମନୋନୀତ କରିବେ । ଯୁବାମଞ୍ଚର ସଭାପତି ଏହାର ସମ୍ପାଦକ ଓ ପ୍ରତି ଜୋନ୍‌ରୁ ୨ଜଣ କରି ୬ଜଣ ସଦସ୍ୟଙ୍କୁ ମନୋନୀତ କରିବେ ଏବଂ ମହାସଭାର କାର୍ଯ୍ୟକାରୀ କମିଟୀ ଦ୍ୱାରା ଅନୁମୋଦନ କରାଇନେବେ ।

୩୧(ଙ) ଯୁବାମଞ୍ଚର କାର୍ଯ୍ୟକାଳ ୪(ଚାରି) ବର୍ଷ ହେବ ।

୩୧(ଚ) ମହାସଭାର ଅନୁମୋଦନ କ୍ରମେ ଯୁବାମଞ୍ଚ ବିଭିନ୍ନ ପ୍ରକାର ସେବା ମୂଳକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହାତକୁ ନେବ । କାର୍ଯ୍ୟକ୍ରମ ସରିଲାପରେ ତାର ସବିଶେଷ ବିବରଣୀ ଓ ଆୟବ୍ୟୟର ହିସାବ ରଖିବ ଏବଂ ତାର ନକଲ ମହାସଭାର ଅନୁମୋଦନ ପାଇଁ ପଠାଇବ । ମହାସଭାର ସାଧାରଣ ସଭାରେ ଯୁବାମଞ୍ଚର ସଂପାଦକ ନିଜ ଯୁବଶାଖାର ବିବରଣୀ ପାଠ କରିବେ । ଆଗାମୀ ବର୍ଷ ପାଇଁ ନେବାକୁ ଥିବା କାର୍ଯ୍ୟକ୍ରମ ଓ ତାର ବଜେଟ ମଧ୍ୟ ସଭାର ଅନୁମୋଦନ ପାଇଁ ଉପସ୍ଥାପିତ କରିବେ ।

୩୧(ଛ)ଯୁବକ ମାନଙ୍କ ମଧ୍ୟରେ ସଚେତନତା ତଥା ସେବା ମନୋବୃତ୍ତି ସୃଷ୍ଟି ପାଇଁ ନିମ୍ନମତେ ବିଭିନ୍ନ ସେବା ମୂଳକ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ହାତକୁ ନିଆଯାଇପାରେ ।

(୧)ମେଳା ମହୋତ୍ସବରେ ତଥା ଖରାଦିନେ ରାସ୍ତା କଡରେ ଜଳ ଛତ୍ରର ବ୍ୟବସ୍ଥା ।

(୨) ଯାନି ଯାତ୍ରା ସମୟରେ ସୂଚନା କେନ୍ଦ୍ର ତଥା ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା ।

(୩) ରକ୍ତ ବର୍ଗ ଚିହ୍ନଟ ଶିବିର ଓ ରକ୍ତଦାନ ବ୍ୟବସ୍ଥା ।

(୪) ଦରିଦ୍ର ଅସହାୟ ରୋଗୀଙ୍କ ସହାୟତା ।

(୫) ଦୈବୀ ଦୁର୍ବିପାକ ସମୟରେ ସ୍ୱେଚ୍ଛାସେବୀ କାର୍ଯ୍ୟ ।

(୬) ବିଭିନ୍ନ ପ୍ରକାର ଖେଳକୁଦ ପ୍ରତିଯୋଗିତାର ବ୍ୟବସ୍ଥା ।

(୭) ବକ୍ତୃତା, ସଂଗୀତ, ଅଭିନୟ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାର ବ୍ୟବସ୍ଥା ।

(୮) ପ୍ରତିଯୋଗିତା ଗୁଡିକରେ ବିଜୟୀ ପ୍ରତିଯୋଗୀ ମାନଙ୍କୁ ଉପଯୁକ୍ତ ପୁରସ୍କାର ପ୍ରଦାନର ବ୍ୟବସ୍ଥା ।

## -ମାତୃମଞ୍ଚ-

ସମାଜ ଗଠନରେ ପୁରୁଷ ସହିତ ନାରୀର ମଧ୍ୟ ସମାନ ଅଧିକାର ଓ ଦାୟିତ୍ୱ ରହିଛି । ଏହା କେହି ଅସ୍ୱୀକାର କରିପାରିବେ ନାହିଁ । ମାତ୍ର ଦୁଃଖର ବିଷୟ ଏ କ୍ଷେତ୍ରରେ ନାରୀ ଉପଯୁକ୍ତ ସୁବିଧା ସୁଯୋଗ ପାଇପାରୁନାହିଁ । ସମାଜ ନାରୀକୁ ଏପର୍ଯ୍ୟନ୍ତ ଉପଯୁକ୍ତ ସମ୍ମାନ ଦେଇ ପାରି ନାହିଁ ।ଏଥି ପାଇଁ ପୁରୁଷ ସମାଜ ଯେତିକି ଦାୟୀ ସ୍ତ୍ରୀ ସମାଜ ମଧ୍ୟ ତତୋଧିକ ଦାୟୀ । ନାରୀମାନଙ୍କ ମଧ୍ୟରେ ଉପଯୁକ୍ତ ସଚେତନା ସୃଷ୍ଟି ନହେବା ପର୍ଯ୍ୟନ୍ତ ଏହା ଠିକ୍ ଭାବରେ କାର୍ଯ୍ୟକାରୀ ହୋଇ ପାରିବ ନାହିଁ । ନାରୀ ମାନଙ୍କ ମଧ୍ୟରେ ଉପଯୁକ୍ତ ଜାଗରଣ ସୃଷ୍ଟି କରାଯାଇ ସେମାନଙ୍କୁ ତାଙ୍କ ନ୍ୟାଯ୍ୟ ଅଧିକାର ଓ କର୍ତ୍ତବ୍ୟ ପ୍ରତି ସଚେତନ କରାଇବାକୁ ପଡିବ । ଏଥିପାଇଁ ମହାସଭାରେ କୁବେର ସମାଜ ମାତୃମଞ୍ଚ ନାମରେ ଏକ ମହିଳା ଶାଖା ରହିବ । ଏହା ମହିଳାମାନଙ୍କ ମଧ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରିବ ।

୩୨(କ) ଏଥିପାଇଁ ନିମ୍ନମତେ ଏକ ୮(ଆଠ) ଜଣିଆଁ ସବ୍‌କମିଟୀ ରହିବ ।
(୧)ସଭାନେତ୍ରୀ- ୧ଜଣ
(୨)ସଂପାଦିକା- ୧ଜଣ
(୩)ସଦସ୍ୟା- ୬ଜଣ

ମୋଟ ୮(ଆଠ) ଜଣ

୩୨(ଖ) ଏହି କମିଟୀର କାର୍ଯ୍ୟକାଳ ୪(ଚାରି)ବର୍ଷ ହେବ । ପ୍ରତି ୪ବର୍ଷରେ ଥରେ ଏହାର ପୁନର୍ଗଠନ ହେଉଥିବ । ୧୮ ବର୍ଷରୁ ଉର୍ଦ୍ଧ ବୟସର ମାଆ ଭଉଣୀ ମାନେ ଏଥିରେ ସଦସ୍ୟା ହୋଇ ପାରିବେ ।

୩୨(ଗ )ଏହାର ସଭାନେତ୍ରୀଙ୍କୁ ମହାସଭାର ସଭାପତି କାର୍ଯ୍ୟକାରୀ କମିଟୀର ପରାମର୍ଶ କ୍ରମେ ମନୋନୀତ କରିବେ । ମାତୃମଞ୍ଚର ସଭାନେତ୍ରୀ ଏହାର ସଂପାଦିକା ଓ ପ୍ରତି ଜୋନ୍‌ରୁ ୨ଜଣ କରି ମୋଟ ୬ଜଣ ସଦସ୍ୟାଙ୍କୁ ମନୋନୀତ କରିବେ ଏବଂ ମହାସଭାର କାର୍ଯ୍ୟକାରୀ କମିଟୀ ଦ୍ୱାରା ଅନୁମୋଦମ କରାଇ ନେବେ ।

୩୨(ଘ) ଏଥିପାଇଁ କିଛି ସଦସ୍ୟତା ଶୁଳ୍କ ରହିବ । ଯାହା ମହାସଭା ସ୍ଥିର କରିବ ।

୩୨(ଙ) ମାତୃଜାତିକୁ ସମାଜର ଅବିଚ୍ଛେଦ୍ୟ ଅଙ୍ଗ ରୂପେ ପ୍ରତିଷ୍ଠିତ କରି ସମାଜ ଗଠନରେ ପ୍ରତ୍ୟକ୍ଷ ଭାବରେ ନିୟୋଜିତ କରିବା ପାଇଁ ସେମାନଙ୍କ ମଧ୍ୟରେ ମାତୃମଞ୍ଚ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯିବ ।

(୧)ସାଇ, ଜୋନ୍ ତଥା ମହାସଭା ସ୍ତରରେ ମଝିରେ ମଝିରେ ମାତୃମଞ୍ଚର ବିଶେଷ ବୈଠକ ମାନ ଅନୁଷ୍ଠିତ ହେବ ।

(୨)ମାଆ ଭଉଣୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ବ୍ୟବସ୍ଥା ଯଥା- ଝୋଟିକଟା, ସିଲେଇ କାମ, ରୋଷେଇ କାମ ଆଦି କରାଯିବ ।

(୩)ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତା ତଥା ଖେଳକୁଦ ଆଦିର ବ୍ୟବସ୍ଥା ଓ ପୁରସ୍କାର ବିତରଣର ବ୍ୟବସ୍ଥା କରାଯିବ ।

(୪)ନାରୀ ସଶକ୍ତି କରଣ ଉପରେ ବିଶେଷ ତାଲିମ ବ୍ୟବସ୍ଥା, ନିଜ ସମାଜର ନାରୀ ମାନଙ୍କ ମଧ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ଓ ବିଭିନ୍ନ ପ୍ରକାର ଶିଳ୍ପ ବ୍ୟବସାୟର ତାଲିମ ବ୍ୟବସ୍ଥା ।

(୫)ନିଜନିଜ ମଧ୍ୟରେ ସହଯୋଗ ମୂଳକ ଶିଳ୍ପ ତଥା ବ୍ୟବସାୟ ପ୍ରତିଷ୍ଠାନ ବା ଆର୍ଥିକ ପ୍ରତିଷ୍ଠାନ ପ୍ରତିଷ୍ଠା ପାଇଁ ଦିଗ୍‌ଦର୍ଶନ ତଥା ପ୍ରୋହନ ବ୍ୟବସ୍ଥା କରିବାକୁ ପଡିବ ।

୩୨(ଙ)ମାତୃମଞ୍ଚ ଉପରେ ନିମ୍ନମତେ ସମାଜର ବିଭିନ୍ନ ଦାୟିତ୍ୱ ଦିଆଯାଇପାରେ ।

(୧)ମାତୃମଞ୍ଚର ସଭାପତି, ସମ୍ପାଦକ ଓ ସଦସ୍ୟା ମାନେ ସମାଜରେ ପ୍ରଚଳିତ ଘୃଣ୍ୟ ଯୌତୁକ ପ୍ରଥା ଓ ନାରୀ ନିର୍ଯ୍ୟାତନା ଦୂରୀକରଣ ପାଇଁ ବ୍ୟକ୍ତିଗତ ତଥା ସାମୂହିକ ପ୍ରଚେଷ୍ଟା କରିବେ । ଏହି ସାମାଜିକ କଳଙ୍କ ବିରୁଦ୍ଧରେ ନାରୀ ସମାଜ ମଧ୍ୟରେ ସଚେତନତା ସୃଷ୍ଟି କରିବେ ।

(୨)ବିଚାର ମଞ୍ଚରେ ଆଗତ ନାରୀ ନିର୍ଯ୍ୟାତନା ସମ୍ବନ୍ଧୀୟ ଅଭିଯୋଗର ସତ୍ୟା ସତ୍ୟ ଅନୁସନ୍ଧାନରେ ଆବଶ୍ୟକ ସହଯୋଗ କରିବେ ।

(୩)ସାମାଜିକ ରୀତି ନୀତି ପାଳନ ପାଇଁ ମାତୃଜାତି ମଧ୍ୟରେ ଆବଶ୍ୟକ ଆଗ୍ରହ ସୃଷ୍ଟି କରାଇବେ ।

(୪)ନାରୀ ଶିକ୍ଷାର ପ୍ରସାର ତଥା ନିରକ୍ଷରତା ଦୂରୀକରଣରେ ସାହାଯ୍ୟ କରିବେ ।

(୫)କୁବେର ସମାଜ ସାଧାରଣ ଅଧିବେଶନରେ ଯେପରି ଅଧିକରୁ ଅଧିକ ମାଆ ଭଉଣୀ ଯୋଗ ଦେଇ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରନ୍ତି ସେଥିପ୍ରତି ବିଶେଷ ଧ୍ୟାନ ଦେବେ ।

(୬)ସାଇ, ଜୋନ, ତଥା ମହାସଭା ସ୍ତରରେ ନାରୀ ଜାତି ସଂପର୍କୀତ ବିଭିନ୍ନ ଆବଶ୍ୟକ ବିବରଣୀ ସଂଗ୍ରହ କରି ରଖିବେ ।

**(୩୩)କୁବେର ସମାଜ, ପଶ୍ଚିମାଞ୍ଚଳ, (ମହାସଭା)ର ଦାୟିତ୍ୱ-**

(୧)ନିଜ କାର୍ଯ୍ୟ ପରିସରରେ ବାସକରୁଥିବା ସ୍ତ୍ରୀ ପୁରୁଷ ନିର୍ବିଶେଷରେ ସମସ୍ତ ଜାତି ଭାଇଙ୍କ ସାମୂହିକ ଉନ୍ନତି ପାଇଁ ପଦକ୍ଷେପ ନେବା ।

(୨)ବିଭିନ୍ନ ସମୟରେ ସାଇ ସାଇ ମଧ୍ୟରେ ତଥା ସାଇଭାଇ ଓ ସାଇ ଏବଂ ସାଇଭାଇମାନଙ୍କ ନିଜନିଜମଧ୍ୟରେ ଉପୁଜୁଥିବା ବିଭିନ୍ନ ସାମାଜିକ ସମସ୍ୟାର ସମାଧାନ କରିବା ।

(୩)ନୂତନ ସାଇକୁ ମହାସଭା ଭୁକ୍ତ କରିବା ।
(୪)କୌଣସି ଅନିବାର୍ଯ୍ୟ କାରଣ ବଶତଃ ସାଇ ବିଭାଜନ ଦରକାର ପଡିଲେ ତାର ଉପଯୁକ୍ତ ବିଚାର ପୁର୍ବକ ଉପଯୁକ୍ତ ମଣିଲେ ସ୍ୱୀକୃତି ଦେବା ।
(୫)କାର୍ଯ୍ୟକାରୀ କମିଟୀ ବୈଠକ କରି ସାଂଗଠନିକ ତଥା ଜାତିଗତ ବିଭିନ୍ନ ସମସ୍ୟାର ସମାଧାନ କରିବା ।
(୬)ବାର୍ଷିକ ବା ଦ୍ୱିବାର୍ଷିକ ସାଧାରଣ ସଭା (ମହାସଭା)ବୈଠକର ବ୍ୟବସ୍ଥା କରିବା ।
(୭)ନିର୍ଦ୍ଦିଷ୍ଟ ସମୟରେ ନିରପେକ୍ଷ ନିର୍ବାଚନ କରି କାର୍ଯ୍ୟକର୍ତ୍ତା ନିଯୁକ୍ତିର ବ୍ୟବସ୍ଥା କରିବା ।
(୮)କୁବେର ନିଧିର ଆୟବ୍ୟୟ ସମୀକ୍ଷା ପୂର୍ବକ ସମୀକ୍ଷା ବିବରଣୀ ସମସ୍ତଙ୍କ ଜ୍ଞାତବ୍ୟ ପାଇଁ ସାଧାରଣ ଅଧିବେଶନରେ ଉପସ୍ଥାପନ କରିବା ।
(୯)ମହାସଭାର ବିଭିନ୍ନ ବିଭାଗର ପରିଚାଳନା ତଥା ବିଭିନ୍ନ ଉନ୍ନୟନ ମୂଳକ ପଦକ୍ଷେପ ପାଇଁ ପାଣ୍ଠି ସଂଗ୍ରହ କରିବା ।
(୧୦)ଯୁବାମଞ୍ଚ ଓ ମାତୃମଞ୍ଚର ବିଭିନ୍ନ ପଦକ୍ଷେପ ପାଇଁ ପ୍ରୋହନର ବ୍ୟବସ୍ଥା କରିବା ।
(୧୧)ସମ୍ଭବ ହେଲେ ନିଜ ଜାତି ଭାଇଙ୍କ ଆର୍ଥିକ ଉନ୍ନତି ପାଇଁ ବିଭିନ୍ନ ବ୍ୟବସ୍ଥା କରିବା ।
(୧୨)ଜାତି ଭାଇଙ୍କ ମଧ୍ୟରେ ଶିଳ୍ପ ବାଣିଜ୍ୟର ଉନ୍ନତିର ବ୍ୟବସ୍ଥା କରିବା ।
(୧୩)ଅନ୍ୟାନ୍ୟ ଉନ୍ନତ ଜାତି ମାନଙ୍କ ପରି ଜାତି ଭାଇଙ୍କ ମିଳିତ ପ୍ରଚେଷ୍ଟାରେ (କୁବେର ଗ୍ରୁପ ଅଫ୍ ଇଣ୍ଡଷ୍ଟ୍ରିଜ୍)ର ପ୍ରତିଷ୍ଠା କରାଯାଇପାରେ । ଆର୍ଥିକ ଉନ୍ନତି ପାଇଁ (Kuber Bank )ର ପ୍ରତିଷ୍ଠା କରାଯାଇପାରେ ।
(୧୪)ସାମାଜିକ କୁରୀତି, କୁସଂସ୍କାର, ଯୌତୁକପ୍ରଥା, ନିରକ୍ଷରତା ଆଦିର ଦୂରୀକରଣ ପାଇଁ ବିଭିନ୍ନ ପଦକ୍ଷେପ ନେବା ।

(୧୫)ଦରିଦ୍ର, ବିକଳାଙ୍ଗ, ମେଧାବୀ ବିଦ୍ୟାର୍ଥୀ ମାନଙ୍କ ଉଚ୍ଚଶିକ୍ଷାରେ ସହାୟତା କରିବା ।

(୧୬)ଗରିବ ଜାତି ଭାଇଙ୍କ ସନ୍ତାନମାନଙ୍କ ବିବାହର ସୁବିଧା ପାଇଁ ଗଣ ବିବାହର ବ୍ୟବସ୍ଥା କରିବା ।

(୧୭)ନିଜ ସମାଜ ସଂସ୍କୃତିର ପ୍ରଚାର ପାଇଁ ସ୍ମରଣିକା ପ୍ରକାଶନର ବ୍ୟବସ୍ଥା କରିବା ।

(୧୮)ସର୍ବୋପରି କୁବେର ସମାଜକୁ ଏକ ସମୁନ୍ନତ ପ୍ରଗତିଶୀଳ ସମାଜ ରୂପେ ଗଢିତୋଳିବାରେ ସାହାଯ୍ୟ କରିବା ।

**କୁବେର ସମାଜ ପଶ୍ଚିମାଞ୍ଚଳ (ମହାସଭା)ର କାର୍ଯ୍ୟକର୍ତ୍ତାମାନଙ୍କ ଯୋଗ୍ୟତା ଓ ଦାୟିତ୍ୱ ।**

**୩୪(କ)ସଭାପତିଙ୍କ ଯୋଗ୍ୟତା-** ମହାସଭାର ସଭାପତିଙ୍କ ନିମ୍ନଲିଖିତ ଯୋଗ୍ୟତା ସବୁ ରହିବ ।

(୧)ସେ ମହାସଭା ଅନ୍ତର୍ଭୂକ୍ତ ଯେ କୌଣସି ସାଇର ଜଣେ ଯୋଗ୍ୟ ସଦସ୍ୟ ହୋଇଥିବେ ।

(୨)ତାଙ୍କର ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ହେଉଛି ସେ ଲେଖିପଢି ଜାଣିଥିବେ ।

(୩)ଜଣେ କାର୍ଯ୍ୟକର୍ତ୍ତା ଭାବରେ ସମାଜ କାମରେ ତାଙ୍କର ରୁଚି ଥିବ ।

(୪)ତାଙ୍କର ସବୁଠାରୁ ମହତ୍ୱପୂର୍ଣ୍ଣ ଯୋଗ୍ୟତା ହେଉଛି ସେ ସଂଗଠନ ପାଇଁ ସମୟ ଦେଇ ପାରୁଥିବେ ।

(୫)ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ସଂଗଠନକୁ ସୁଚାରୁ ରୂପେ ଆଗକୁ ବଢାଇ ନେବାରେ ତାଙ୍କର ଆଗ୍ରହ ତଥା ଦକ୍ଷତା ଥିବ ।

(୬)ସେ ନିରପେକ୍ଷ ନିଷ୍ପତ୍ତି ନେଇପାରୁଥିବେ ।

**୩୪(ଖ)ସଭାପତିଙ୍କ ଦାୟିତ୍ୱ-**

(୧)ସେ ମହାସଭାର ସାଧାରଣ ଅଧିବେଶନରେ ଅଧ୍ୟକ୍ଷତା କରିବେ । କାର୍ଯ୍ୟକାରୀ କମିଟୀ ବୈଠକର ମଧ୍ୟ ଅଧ୍ୟକ୍ଷତା କରିବେ ।

(୨)ମହାସଭାର ପ୍ରତ୍ୟେକ କାର୍ଯ୍ୟର ତଦାରଖ କରିବେ ।
(୩) ମହାସଭାର ପ୍ରତ୍ୟେକ କାଗଜାତରେ ସ୍ୱାକ୍ଷର କରିବେ ।
(୪)ସଭାର ସମସ୍ତ କାର୍ଯ୍ୟକ୍ରମ ତାଙ୍କ ଅନୁମତିରେ ଚାଲିବ ।
(୫)ସଭାପତିଙ୍କ ନିଷ୍ପତ୍ତି ମହାସଭାର ଚୂଡାନ୍ତ ନିଷ୍ପତ୍ତି ଅଟେ ।
(୬)ତାଙ୍କ ଅନୁମତିରେ ମହାସଭାର ସମସ୍ତ ଖର୍ଚ୍ଚର ବ୍ୟବସ୍ଥା କରାଯାଇପାରିବ ।
(୭)ସେ କୁବେର ନିଧିର ଯୁଗ୍ମ A/C ର ଜଣେ ପରିଚାଳକ ଦାୟିତ୍ୱ ତୁଲାଇବେ ।
(୮)ନିଜ ପାଖରେ କୌଣସି ପ୍ରକାର ସାଂଗଠନିକ ଅର୍ଥ ଜମା କରି ରଖିବେ ନାହିଁ ବା ନିଜେ ସିଧା ସଳଖ କୌଣସି ପ୍ରକାରର ଖର୍ଚ୍ଚ କରିବେ ନାହିଁ ।
(୯)ଅନ୍ୟ କୌଣସି ସାମାଜିକ ସଭାରେ ସେ ନିଜେ ଯୋଗ ଦେଇ ପାରିବେ ବା ପ୍ରତିନିଧି ପଠାଇ ପାରିବେ ।
(୧୦)ସେ ଚାହିଁଲେ ସାଇମାନଙ୍କର ଯେ କୌଣସି ସାମାଜିକ କାର୍ଯ୍ୟକ୍ରମରେ ଭାଗ ନେଇ ପାରନ୍ତି । ସେହି ସମୟରେ ସଂପୃକ୍ତ ସାଇ ତରଫରୁ ତାଙ୍କୁ ଉପଯୁକ୍ତ ସମ୍ମାନ ଦିଆଯିବ ।
(୧୧)ସେ କାର୍ଯ୍ୟକାରୀ କମିଟୀର ପରାମର୍ଶ କ୍ରମେ ମହାସଭା ବିଚାର ମଞ୍ଚର ସଦସ୍ୟ ସଦସ୍ୟା ଉପଦେଷ୍ଟା ମଣ୍ଡଳିର ସଦସ୍ୟ/ସଦସ୍ୟା, ସମୀକ୍ଷକ ମଣ୍ଡଳୀର ସଦସ୍ୟ, ଆଇନ ପରାମର୍ଶ ଦାତା, ଯୁବାମଞ୍ଚର ସଭାପତି ଓ ମାତୃମଞ୍ଚର ସଭାନେତ୍ରୀଙ୍କୁ ମନୋନୀତ କରିବେ ।
(୧୨)ମହାସଭାର କୌଣସି କାର୍ଯ୍ୟକର୍ତ୍ତା ଯଦି ସାମାଜିକ ନିୟମର ବିରୁଦ୍ଧାଚରଣ କରନ୍ତି ବା ତାଙ୍କ ନାମରେ କୌଣସି ଅଭିଯୋଗ ଆସେ ତେବେ ସଭାପତି ତାର ସତ୍ୟା ସତ୍ୟ ଅନୁସନ୍ଧାନ ପୂର୍ବକ ଉପଯୁକ୍ତ ମନେକଲେ କାର୍ଯ୍ୟକାରୀ କମିଟୀର ଅନୁମୋଦନ କ୍ରମେ ତାଙ୍କୁ ଅପସାରିତ କରିପାରନ୍ତି ।

(୧୩)ଯଦି ଆକସ୍ମିକ ଭାବରେ କୌଣସି କାରଣରୁ କୌଣସି ପଦବୀ ଖାଲିପଡେ ତେବେ ଆଗାମୀ ନିର୍ବାଚନ ପର୍ଯ୍ୟନ୍ତ ସେହିପଦବୀରେ ଜଣକୁ ନିଯୁକ୍ତି ଦେଇପାରିବେ ।

## -ଉପ ସଭାପତି-

**୩୫(କ)ଯୋଗ୍ୟତା-**ଉପ ସଭାପତିଙ୍କ ଯୋଗ୍ୟତା ମଧ୍ୟ ସଭାପତିଙ୍କ ପରି ହେବ ।

**୩୫(ଖ)ଉପ ସଭାପତିଙ୍କ ଦାୟିତ୍ୱ-**

(୧)ସଭାପତିଙ୍କ ଅନୁପସ୍ଥିତିରେ ମହାସଭାର ୩ଜଣ ଉପସଭାପତିଙ୍କ ମଧ୍ୟରୁ ଉପସ୍ଥିତ ବରିଷ୍ଠ ଉପସଭାପତି ମହାସଭାର ସାଧାରଣ ଅଧିବେଶନ କାର୍ଯ୍ୟକାରୀ କମିଟୀ ବୈଠକ ବା ମହାସଭା ସଂମ୍ପର୍କିତ ଅନ୍ୟ ଯେ କୌଣସି ବୈଠକରେ ଅଧ୍ୟକ୍ଷତା କରିବେ ।

(୨)ଯଦି କୌଣସି କାରଣରୁ ସଭାପତି ପଦ ଖାଲି ପଡେ ତେବେ କାର୍ଯ୍ୟକାରୀ କମିଟୀ ଉପ ସଭାପତିମାନଙ୍କ ମଧ୍ୟରୁ ଜଣକୁ କାମଚଳା ସଭାପତି ରୂପେ ନିଯୁକ୍ତି କରିବ । ଯିଏକି ସଭାପତିଙ୍କ ନିର୍ବାଚନ ପର୍ଯ୍ୟନ୍ତ ଉକ୍ତ ପଦବୀରେ ରହିବେ ।

(୩)ମହାସଭା ବିଚାର ମଞ୍ଚ ବୈଠକରେ ଜଣେ ଉପସଭାପତି ସଭାପତିଙ୍କ ଆଦେଶ କ୍ରମେ ଅଧ୍ୟକ୍ଷତା କରିବେ ।

(୪)ନିଜ ଅଞ୍ଚଳର ଜୋନ ସ୍ତରୀୟ ବୈଠକରେ ଉକ୍ତ ଅଞ୍ଚଳର ଉପସଭାପତି ଅଧ୍ୟକ୍ଷତା କରିବେ ।

(୫)ନିଜ ଜୋନ୍ ଅଧୀନସ୍ଥ ସମସ୍ତ ସାଇ ଯେପରି ମହାସଭାର ନୀତିନିୟମ ତଥା ନିର୍ଦ୍ଦେଶକୁ ଠିକ୍ ଭାବରେ କାର୍ଯ୍ୟକାରୀ କରୁଛନ୍ତି ତାହା ଦେଖିବେ । ଏହିକାର୍ଯ୍ୟରେ ସେହି ଜୋନ୍‌ର ମହାସଭା ସଂପାଦକ ତାଙ୍କୁ ସାହାଯ୍ୟ କରିବେ ।

(୬) ନିଜ କୋନ୍ ଅଞ୍ଚଳରୁ ଯେପରି ସମସ୍ତ ସାଇରୁ ମହା ସଭାର ଦେୟ ଓ ଆବଶ୍ୟକ ବିବରଣୀ ଠିକ୍ ସମୟରେ ସଂଗୃହୀତ ହୋଇ ମହା ସଭାରେ ଜମା ହୁଏ ସେଥିପ୍ରତି ସମ୍ୟକ୍ ଦୃଷ୍ଟି ଦେବେ ।

(୭)ମହାସଭାର ଖବର ସାଇକୁ ଓ ସାଇର ବିଭିନ୍ନ ସମସ୍ୟା ମହାସଭାକୁ ଜଣାଇ ସାଇ ଓ ମହାସଭା ମଧ୍ୟରେ ସଂଯୋଗ ସେତୁଭଳି କାର୍ଯ୍ୟ କରିବେ ।

(୮)ନିଜ କୋନରେ ଯୁବାମଞ୍ଚ, ମାତୃମଞ୍ଚ ଆଦିର ବିସ୍ତାର ଓ ସେ ଗୁଡିକର ବୈଠକ ତଥା ବିଭିନ୍ନ କାର୍ଯ୍ୟକ୍ରମରେ ଦିଗ୍‌ଦର୍ଶନ କରାଇବେ ।

## ସାଧାରଣ ସଂପାଦକ

**୩୬(କ)ସାଧାରଣ ସଂପାଦକଙ୍କ ଯୋଗ୍ୟତା** - ମହାସଭାର ସାଧାରଣ ସଂପାଦକ ଜଣେ ସଫଳ କାର୍ଯ୍ୟକର୍ତ୍ତା ହୋଇଥିବେ । ସଭାପତିଙ୍କ ପରି ତାଙ୍କର ସମସ୍ତ ଯୋଗ୍ୟତା ଥିବ । ସଂଗଠନ ପରିଚାଳନାରେ ସେ ମୁଖ୍ୟ ଭୂମିକା ନିର୍ବାହ କରିପାରୁଥିବେ ।

**୩୬(ଖ) ସାଧାରଣ ସଂପାଦକଙ୍କ ଦାୟିତ୍ୱ**- କୌଣସି ଏକ ସାମାଜିକ ସଂଗଠନରେ ସଂପାଦକ ମୁଖ୍ୟ ଭୂମିକା ନିର୍ବାହ କରିଥାନ୍ତି । ତାଙ୍କର କାର୍ଯ୍ୟକୁଶଳତା ଉପରେ ଉକ୍ତ ସାମାଜିକ ସଂଗଠନର ଭବିଷ୍ୟତ ନିର୍ଭର କରିଥାଏ । କୁବେର ସମାଜ ମହାସଭାର ସାଧାରଣ ସଂପାଦକ ନିମ୍ନମତେ ବିଭିନ୍ନ ଦାୟିତ୍ୱ ସଂପାଦନ କରିଥାନ୍ତି ।

(୧)ସେ ମହାସଭାର କାର୍ଯ୍ୟାଳୟ ପରିଚାଳନା କରିବା ସଂଗେ ସଂଗେ ସଂଗଠନର ସମସ୍ତ ରେକର୍ଡ ପତ୍ର ରକ୍ଷଣା ବେକ୍ଷଣ ଓ ପରିଚାଳନା କରିବେ ।

(୨)ସଭାପତିଙ୍କ ନିର୍ଦ୍ଦେଶକ୍ରମେ ମହାସଭାର ବିଭିନ୍ନ ବୈଠକ ଡକାଇ ପାରିବେ ।

(୩)ମହାସଭାର ଆୟ ବ୍ୟୟର ହିସାବ ରଖିବେ ।

(୪)ମହାସଭାର ପାଣ୍ଠି ସଂଗ୍ରହରେ କୋଷାଧ୍ୟକ୍ଷଙ୍କୁ ସହଯୋଗ କରିବେ ।

(୫)ମହାସଭା ତଥା କାର୍ଯ୍ୟକାରୀ କମିଟୀ ବୈଠକର ବିବରଣୀ ପ୍ରସ୍ତୁତ କରି ସଭାରେ ପାଠ କରିବେ ।

(୬)କୁବେର ନିଧି ଯୁଗ୍ମ ହିସାବର ସେ ଜଣେ ପରିଚାଳକ ଭାବରେ କାର୍ଯ୍ୟ କରିବେ ।

(୭)କାର୍ଯ୍ୟାଳୟ ପାଇଁ ଦରକାରୀ ଜିନିଷପତ୍ର ସଭାପତିଙ୍କ ଅନୁମୋଦନ କ୍ରମେ କ୍ରୟ କରିବେ ।

(୮)ଦରକାର ପଡିଲେ ମହାସଭାର ବିଭିନ୍ନ କାର୍ଯ୍ୟରେ ସହଯୋଗ କରିବା ପାଇଁ ସଂପାଦକ ମାନଙ୍କ ସାହାଯ୍ୟ ନେଇପାରିବେ ।

(୯)କୋଷାଧ୍ୟକ୍ଷଙ୍କ ଦ୍ୱାରା ପ୍ରସ୍ତୁତ Cash Book ନିୟମିତ ଭାବରେ ତନଖି କରିବେ । ନିଜେ ମଧ୍ୟ ଏକକିତା Cash Book ପ୍ରସ୍ତୁତ କରିପାରିପାରନ୍ତି ।

## ସଂପାଦକ

୩୭(କ) ସଂପାଦକ ଙ୍କ ଯୋଗ୍ୟତା: ସାଧାରଣ ସଂପାଦକଙ୍କ ପରିହେବ

(ଖ) (୧) ସଂପାଦକଙ୍କ ଦାୟିତ୍ୱ: ବହିଷ୍କାର, ଇସ୍ତଫା, ଅକର୍ମଣ୍ୟତା ଯୋଗୁଁ ବା ଅନ୍ୟ କୌଣସି କାରଣରୁ ସାଧାରଣ ସଂପାଦକ ପଦବୀ ଶୂନ୍ୟ ରହିଲେ ସଂପାଦକ ମଣ୍ଡଳୀର ଯୋଗ୍ୟତମ ସଂପାଦକଙ୍କୁ ସଭାପତି କାର୍ଯ୍ୟକାରୀ କମିଟୀର ଅନୁମୋଦନ କ୍ରମେ ସାଧାରଣ ସଂପାଦକ ଭାବରେ ମନୋନିତ କରିବେ । ଯିଏକି ସାଧାରଣ ସଂପାଦକଙ୍କ ନିର୍ବାଚନ ପର୍ଯ୍ୟନ୍ତ ଏହି ଦାୟିତ୍ୱରେ ରହିବେ ।

(୨) ସାଧାରଣ ସଂପାଦକଙ୍କ ଦ୍ୱାରା ନ୍ୟସ୍ତ କରାଯାଇଥିବା ଯେକୌଣସି ଦାୟିତ୍ୱ ତୁଲାଇବେ ।

(୩) ସାଧାରଣ ସଂପାଦକଙ୍କୁ କାର୍ଯ୍ୟରେ ସହଯୋଗ କରିବେ ।

(୪)କାର୍ଯ୍ୟକର୍ତ୍ତା ମାନଙ୍କ ଗସ୍ତବ୍ୟୟ ତନଖିକରି ସାଧାରଣ ସଂପାଦକଙ୍କ ପାଖକୁ ପଠାଇବେ ଯାହାକୁ ସଂପାଦକ ସଭାପତିଙ୍କ ଅନୁମୋଦନ ପାଇଁ ଉପସ୍ଥାପିତ କରିବେ ।

(୫)ନିଜ ଜୋନ୍‌ର ଜୋନାଲ କମିଟୀର ସଂପାଦକ ଦାୟିତ୍ୱ ତୁଳାଇବେ ।
(୬)ନିଜ ଜୋନ୍‌ର ସାଇ ସଂଗଠନ ଗୁଡ଼ିକର ଦୃଢ଼ୀକରଣ ଓ ଉନ୍ନତି ପାଇଁ ଉପସଭାପତିଙ୍କ ନେତୃତ୍ୱରେ କାର୍ଯ୍ୟକରିବେ ।
(୭) ବିଚାର ମଞ୍ଚର ନିଷ୍ପତ୍ତିକୁ ଲିପିବଦ୍ଧ କରି ମହାସଭାରେ ପାଠ କରିବେ । (ସଭାପତିଙ୍କ ଦ୍ୱାରା ଦାୟିତ୍ୱ ନ୍ୟସ୍ତ ସମ୍ପାଦକ)
(୮) ମହାସଭା ସାଧାରଣ ଅଧିବେଶନର ଧାରା ବିବରଣୀ ଲିପିବଦ୍ଧ କରିବେ ।
(୯) ନିଜ ଜୋନ୍‌ରେ ଯୁବାମଞ୍ଚ ଓ ମାତୃମଞ୍ଚର ବିସ୍ତାର ଓ ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମରେ ସହଯୋଗ କରିବେ ।
(୧୦) ନିଜ ଜୋନ୍ ଅଞ୍ଚଳର ସାଇ ଗୁଡ଼ିକରୁ ବିଭିନ୍ନ ପ୍ରକାର ମହାସଭା ଦେୟ ଓ ଆବଶ୍ୟକ ବିବରଣୀ ଗୁଡ଼ିକ ସଂଗୃହୀତ ହୋଇ ଯେପରି ମହାସଭାରେ ଜମା ହେବ ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବେ ।
(୧୧) ନିଜ ଜୋନ୍‌ର ଜୋନାଲ କମିଟୀ ବୈଠକ ପରିଚାଳନା କରିବେ ।

## କୋଷାଧ୍ୟକ୍ଷ

**୩୮ କ)କୋଷାଧ୍ୟକ୍ଷଙ୍କ ଯୋଗ୍ୟତା:-** କୁବେର ସମାଜ ସଂଗଠନର ଜଣେ କାର୍ଯ୍ୟକର୍ତ୍ତାର ସମସ୍ତ ଯୋଗ୍ୟତା ତାଙ୍କ ପାଖରେ ଥିବ । ଏତତ୍ ବ୍ୟତୀତ ହିସାବ ରକ୍ଷାରେ (Account Keeping ରେ) ତାଙ୍କର ଦକ୍ଷତା ଥିବ ।

**ଖ) କୋଷାଧ୍ୟକ୍ଷଙ୍କ ଦାୟିତ୍ୱ :-** (୧) ମହାସଭାର ସମସ୍ତ ଆୟ ତାଙ୍କ ପାଖରେ ଜମା ହେବ ।
(୨) ସେ ମହାସଭାର ଆୟବ୍ୟୟର ହିସାବ ରଖିବେ, ଏହି ହିସାବ Cash Book ରେ ଲିପିବଦ୍ଧ ହେବ ।
(୩) ସେ ମହାସଭା ପାଣ୍ଠି (କୁବେର ନିଧି)ର ଯୁଗ୍ମ A/C ର ଜଣେ ଅଂଶୀଦାର ଭାବରେ କାର୍ଯ୍ୟ କରିବେ ।
(୪) ପ୍ରତି ତିନି ମାସରେ ଥରେ ସାଧାରଣ ସଂପାଦକଙ୍କ ଦ୍ୱାରା (Cash Book) କେଶ୍ ବୁକ୍ ତନଖି କରାଇ ସଭାପତିଙ୍କ ଠାରୁ ଅନୁମୋଦନ କରାଇ ତାଙ୍କର ଅନୁମୋଦନ ସୂଚକ ସ୍ୱାକ୍ଷର କରାଇ ନେବେ ।

(୫) ସଂଗୃହୀତ ଅର୍ଥକୁ ଅଧିକ ସମୟ ନିଜ ହାତରେ ନ ରଖି ନିଜ ପାଖରେ ପହଞ୍ଚିବାର ୭ ଦିନ ମଧ୍ୟରେ କୁବେର ନିଧି A/C ରେ ଜମା କରାଇ ଦେବେ ।

(୬) ନିଜ ପାଖରେ ଟ.୫୦୦/- (ପାଞ୍ଚ ଶହ ଟଙ୍କା)ମାତ୍ରରୁ ଅଧିକ ପଇସା ରଖିବେ ନାହିଁ ।

(୭) ସମସ୍ତ ପ୍ରକାର ଆୟବ୍ୟୟର ହିସାବ ସମୀକ୍ଷକ ମଣ୍ଡଳୀଦ୍ୱାରା ସମୀକ୍ଷା କରାଇ ସମୀକ୍ଷା ରିପୋର୍ଟ ମହାସଭାର କାର୍ଯ୍ୟକାରୀ କମିଟି ବୈଠକରେ ଉପସ୍ଥାପିତ କରି ଅନୁମୋଦନ କରାଇ ନେବେ । ପରେ ସମସ୍ତଙ୍କ ଅବଗତି ପାଇଁ ମହାସଭା ସାଧାରଣ ଅଧିବେଶନରେ ଉପସ୍ଥାପିତ କରିବେ ।

(୮) ମହାସଭାର ସମସ୍ତ ରସିଦ୍ ବହି ମହାସଭାର ଷ୍ଟକ୍ ବହିରେ ଜମା କରିବେ ଏବଂ ତାର ବଣ୍ଟନ ବ୍ୟବସ୍ଥାର ହିସାବ ମଧ୍ୟ ରଖିବେ ।

(୯) ଅର୍ଥ ହିଁ ଅନର୍ଥର ମୂଳ ଏଣୁ ସବୁବେଳେ ସନ୍ଦେହର ଉର୍ଦ୍ଧ୍ୱରେ ରହି କାର୍ଯ୍ୟ କରିବା ର ବ୍ୟବସ୍ଥା କରିବେ ।

(୧୦) ସଂପାଦକଙ୍କ ସହିତ ସମନ୍ୱୟ ରକ୍ଷା କରି ଆୟ ବ୍ୟୟର ହିସାବ ରଖିବେ ।

(୧୧) ମହାସଭା ଦ୍ୱାରା ଅର୍ଥ ସମ୍ବନ୍ଧୀୟ ଯେକୌଣସି ଦାୟିତ୍ୱ ୧ ଦିଆଗଲେ ତାକୁ ବିନା ଦ୍ୱିଧାରେ ସମାପନ କରିବାର ଦାୟିତ୍ୱ ନେବେ ।

**କାର୍ଯ୍ୟକାରୀ କମିଟୀ ସଦସ୍ୟମାନଙ୍କ ଯୋଗ୍ୟତା ଓ ଦାୟିତ୍ୱ ।**

**୩୯ କ)ଯୋଗ୍ୟତାଃ-** ମହାସଭା କାର୍ଯ୍ୟକାରୀ କମିଟୀର ସଦସ୍ୟ/ସଦସ୍ୟାମାନେ ଜଣେ ଜଣେ ସଫଳ କାର୍ଯ୍ୟକର୍ତ୍ତା ହୋଇଥିବେ । ସାମାଜିକ ସଂଗଠନର କାର୍ଯ୍ୟରେ ତାଙ୍କର ରୁଚିଥିବ ଓ ସେ ସେଥିପାଇଁ ସମୟ ଦେଇ ପାରୁଥିବେ ।

ଖ) ଦାୟିତ୍ୱ :- (୧) ମହାସଭାର କାର୍ଯ୍ୟକର୍ତ୍ତା ମାନଙ୍କୁ ଦରକାର ମତେ ସାହାଯ୍ୟ ସହଯୋଗ ଓ ପରାମର୍ଶ ପ୍ରଦାନ କରିବା ।

(୨) ସଂଗଠନର ବିସ୍ତାର ଓ ଦୃଢ଼ୀକରଣ ପାଇଁ ପ୍ରସ୍ତାବ ଦେବା ।

(୩) ମହାସଭାର ଡାକରା ମତେ ପ୍ରତ୍ୟେକ ସଭାରେ ଉପସ୍ଥିତ ରହି ନିଜ ଉପରେ ନ୍ୟସ୍ତ ଦାୟିତ୍ୱ ତୁଲାଇବା ।

(୪) ମହାସଭା ସାଧାରଣ ଅଧିବେଶନ ସମୟରେ ବିଭିନ୍ନ ଦାୟିତ୍ୱ ବହନ ପୂର୍ବକ ଅଧିବେଶନକୁ ଶୃଙ୍ଖଳିତ ଓ ଶାନ୍ତିପୂର୍ଣ୍ଣ ତଥା ସଫଳତାର ସହିତ ସଂପନ୍ନ କରିବାରେ ସାହାଯ୍ୟ କରିବା ।

(୫) ମହାସଭାର ଗୃହୀତ ପ୍ରସ୍ତାବ ଗୁଡ଼ିକ ଯେପରି ନିଜ ଜୋନ୍‌ର ସାଇ ଗୁଡ଼ିକରେ ଠିକ୍ ଭାବରେ ଲାଗୁ ହୁଏ ସେଥିପ୍ରତି ଦୃଷ୍ଟି ଦେବା ।

(୬) ସାଇର କୌଣସି ବିଶେଷ ସମସ୍ୟା ଥିଲେ ମହାସଭାରେ ଉପସ୍ଥାପିତ କରି ତାର ସମାଧାନ ପାଇଁ ଚେଷ୍ଟା କରିବା ।

(୭) ଅସଙ୍ଗଠିତ କୁବେର ପରିବାରମାନଙ୍କ ସହିତ ସଂପର୍କ ରକ୍ଷାକରି ତାଙ୍କୁ ସଙ୍ଗଠିତ କରି ନୂତନ ସାଇ ଗଠନରେ ପ୍ରୟାସ କରି ସେହି ସାଇକୁ ମହାସଭାଭୁକ୍ତ କରି ପଞ୍ଜୀକରଣର ବ୍ୟବସ୍ଥା କରିବା ।

(୮) ନିଜନିଜ ଜୋନ୍‌ରେ ଜୋନାଲ୍ କମିଟୀର ସଦସ୍ୟ ଭାବରେ ସଂପୃକ୍ତ ଜୋନ୍‌ର ଉପ-ସଭାପତି ଓ ସଂପାଦକଙ୍କ ସହିତ ସହଯୋଗ ଓ ସମନ୍ୱୟ ରକ୍ଷାକରି ସେହି ଅଞ୍ଚଳରେ କୁବେର ସମାଜ ସଂଗଠନର ବିସ୍ତାର ଓ ଦୃଢ଼ୀକରଣ ପାଇଁ କାର୍ଯ୍ୟ କରିବା ।

## ଅନ୍ୟାନ୍ୟ କମିଟୀ

୪୦) ଆର୍ଥିକ ସବ୍ କମିଟୀ :- ଆବଶ୍ୟକ ସ୍ଥଳେ ମହାସଭାର ଆର୍ଥିକ ସ୍ୱଚ୍ଛଳତା ପାଇଁ କୋଷାଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ଏକ ଆର୍ଥିକ ସବ୍ କମିଟୀ ଗଠନ କରି ବିଭିନ୍ନ ପଦକ୍ଷେପ ନିଆଯାଇ ପାରେ । ସଂପୃକ୍ତ କମିଟୀ ଅର୍ଥ ସଂଗ୍ରହ ପାଇଁ ବିଭିନ୍ନ ପଦକ୍ଷେପ ନେବା ସଙ୍ଗେ ସଙ୍ଗେ ସମାଜର ପତ୍ରପତ୍ରିକାରେ ବିଜ୍ଞାପନ ଛାପି ଅର୍ଥ ଆଦାୟ କରିପାରିବେ ।

**୪୧) ଶିକ୍ଷା କମିଟୀ :-** ଦରିଦ୍ର ଅସହାୟ ତଥା ବିକଳାଙ୍ଗ ମେଧାବୀ ବିଦ୍ୟାର୍ଥୀମାନଙ୍କର ଉଚ୍ଚ ଶିକ୍ଷା ରେ ସହାୟତା କରିବା ପାଇଁ ତଥା ସମାଜରୁ ନିରକ୍ଷରତା ଦୂରୀକରଣ କରିବା ପାଇଁ ସଭାପତି ନିଜ ସମାଜର ଅଭିଜ୍ଞ ତଥା ଆଗ୍ରହୀ ଶିକ୍ଷାବିତ୍‌ମାନଙ୍କୁ ନେଇ ଏକ ଶିକ୍ଷା କମିଟୀ ମନୋନୀତ କରିପାରନ୍ତି ।

**୪୨) ବୈଷୟିକ ପରାମର୍ଶ ଦାତା କମିଟୀ :-** ଶିଳ୍ପ ଅନୁଷ୍ଠାନ ଓ ବ୍ୟବସାୟ ପ୍ରତିଷ୍ଠାନ ପ୍ରତିଷ୍ଠାରେ ନିଜ ଜାତିଭାଇଙ୍କୁ ଉପଯୁକ୍ତ ଦିଗ୍ ଦର୍ଶନ ଓ ତାଲିମ ପ୍ରଦାନ ପାଇଁ ଏକ ବୈଷୟିକ ପରାମର୍ଶ ଦାତା କମିଟୀ ରଖାଯାଇପାରେ ।

**୪୩) ଉନ୍ନୟନ ପରାମର୍ଶଦାତା କମିଟୀ :-** ସମାଜର ସାମଗ୍ରୀକ ବିକାଶ ପାଇଁ କେଉଁ କେଉଁ ଦିଗରେ କି କି ପଦକ୍ଷେପ ନିଆଯାଇପାରେ ସେଥିର ଯୋଜନା କରି ଆବଶ୍ୟକ ପରାମର୍ଶ ଦେବାକୁ ଜ୍ଞାନୀ ତଥା ଅଭିଜ୍ଞ ବ୍ୟକ୍ତିମାନଙ୍କୁ ନେଇ ଏକ ଉନ୍ନୟନ ପରାମର୍ଶଦାତା କମିଟୀ ଗଠନ କରାଯାଇପାରେ ।

ମହାସଭା ଆବଶ୍ୟକତା ଉପଲବ୍ଧି କଲେ ନିୟମାବଳୀରେ ଆବଶ୍ୟକ ସଂଶୋଧନ କରି ଅନ୍ୟାନ୍ୟ କମିଟୀମାନ ଗଠନ କରାଯାଇପାରେ ।

**୪୪) (କ)ମହାସଭାର ଆର୍ଥିକ ଦିଗ**

**ପାଣ୍ଠି ସଂଗ୍ରହ :**

ମହାସଭାର ବିଭିନ୍ନ କାର୍ଯ୍ୟର ସୁପରିଚାଳନା ପାଇଁ ଅର୍ଥର ନିତାନ୍ତ ଆବଶ୍ୟକ । ଏଥିପାଇଁ ମହାସଭାର ଏକ ନିଜସ୍ୱ ପାଣ୍ଠି ରହିବ । ଯାହାକୁ **କୁବେର ନିଧି** ନାମରେ ନାମିତ କରାଯିବ । କୁବେର ସମାଜ ମହାସଭାର ଆର୍ଥିକ ସ୍ୱଚ୍ଛଳତା ପାଇଁ ନିମ୍ନମତେ ବିଭିନ୍ନ ସୂତ୍ରରୁ ଅର୍ଥ

ସଂଗ୍ରହ କରାଯିବ । ମହାସଭାର କାର୍ଯ୍ୟକାରୀ କମିଟୀର ନିର୍ଦ୍ଧାରଣ ଓ ଗତ ଚନ୍ଦ୍ରପୁର ଠାରେ ଅନୁଷ୍ଠିତ ୮ମ ସାଧାରଣ ଅଧିବେଶନର ଅନୁମୋଦନ କ୍ରମେ ବର୍ତ୍ତମାନ ପାଇଁ ନିମ୍ନମେତେ ଏହା ସଂଗ୍ରହ କରାଯିବ ।

୪୪ (କ) ବିଭିନ୍ନ ସୂତ୍ରରୁ ଆୟ :

(୧) ମହାସଭା ଅନ୍ତର୍ଭୁକ୍ତ ପ୍ରତ୍ୟେକ ସାଇରୁ ଚୂଲାପ୍ରତି (ଡୁଲୁ ପ୍ରତି) ବାର୍ଷିକ ଟ. ୫୦/- ଅଶୂଲି ହେବ ।

(୨) କୁବେର ସମାଜର ପୁତ୍ରକନ୍ୟାମାନଙ୍କ ପ୍ରତି ବିବାହରୁ ଟ. ୧୦୧/- ଲେଖାଏ ଅଶୂଲି ହେବ ।

(୩) ମୃତାହ କାର୍ଯ୍ୟରୁ ଟ. ୧୦୧/- (ଏକ ଶହ ଏକ ଟଙ୍କା) ମାତ୍ର ।

(୪) ଆପତ୍ତି ଅଭିଯୋଗ ଦରଖାସ୍ତ ପ୍ରତି ଫିକ୍ ଟ ୧୦୧/- ।

(୫) ନୂତନ ସାଇ ମହାସଭାଭୁକ୍ତ ହେଲେ ତାର ପଞ୍ଜୀକରଣ ବାବଦ ଦେୟ ଟ. ୫୦୦/- ।

(୬) ବଦାନ୍ୟ ବ୍ୟକ୍ତିଙ୍କଠାରୁ ବ୍ୟକ୍ତିଗତ ଅନୁଦାନ ।

(୭) ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା ପାଇଁ ଅନୁଦାନ ।

(୮) ବିଭିନ୍ନ କାର୍ଯ୍ୟକ୍ରମର ବଳକା ।

(୯) ଯଦି ସମ୍ଭବ ହୁଏ ଆଇନ ସମ୍ମତ ଭାବେ ଲଟେରୀ ଉଠାଣ କରି

(୧୦) ବିଜ୍ଞାପନ ପ୍ରକାଶନରୁ ।

(୧୧) ସରକାରୀ ଅନୁଦାନରୁ (Lad Fund) ରୁ ।

(୧୨) ଅନ୍ୟାନ୍ୟ ସୂତ୍ରରୁ ।

୪୪ (ଖ) ସାଇ ସଭାପତିମାନେ ନିଜ ସାଇରୁ ସଂଗୃହୀତ ବିଭିନ୍ନ ପ୍ରକାରର ମହାସଭା ଦେୟ ମହାସଭା କାର୍ଯ୍ୟକାରି କମିଟୀ ବୈଠକ ସମୟରେ ମହାସଭାର କୋଷାଧ୍ୟକ୍ଷଙ୍କ ପାଖରେ ଜମାଦେବେ । ଏଥିପାଇଁ ଆବଶ୍ୟକ ରସିଦ ବହି ମହାସଭା ତରଫରୁ ଯୋଗାଇ ଦିଆଯିବ । ସମସ୍ତ ସଂଗୃହିତ ଅର୍ଥକୁ କୋଷାଧ୍ୟକ୍ଷ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ

" କୁବେର ନିଧି" ଯୁଗ୍ମ A/C ରେ ଜମାକରିବେ । ଏହି A/C ମହାସଭା ସଭାପତି , ସଂପାଦକ ଓ କୋଷାଧ୍ୟକ୍ଷଙ୍କ ନାମ ରେ ଖୋଲାଯିବ । (ପୂର୍ବରୁ ପ୍ରତିସାଇରୁ ଦିଆଯାଉଥିବା ବାର୍ଷିକ ଟ.୫୦୧/- ମହାସଭା ଦେୟ ଆଉ ଦେବାକୁ ପଡିବ ନାହିଁ । )

**୪୫) କ) ବ୍ୟୟ :-**

କୁବେର ନିଧିରେ ସଂଗୃହିତ ଅର୍ଥ ମହାସଭା ର ଅନୁମୋଦନ କ୍ରମେ ନିମ୍ନ ମତେ ଖର୍ଚ୍ଚ ହେବ ,

(୧) କାର୍ଯ୍ୟାଳୟ ପରିଚାଳନା ରେ ।
(୨) ପ୍ରକାଶନ (ପ୍ରଚାର ଓ ପ୍ରସାର) ରେ ।
(୩) କାର୍ଯ୍ୟାଳୟ ଗୃହ ନିର୍ମାଣ , ରକ୍ଷଣା ବେକ୍ଷଣ ବା ଭଡା ବାବଦରେ ।
(୪) ଆର୍ଥିକ ଦୁର୍ବଳ/ ଭିନ୍ନକ୍ଷମ ମେଧାବୀ ଛାତ୍ରଛାତ୍ରୀଙ୍କ ଶିକ୍ଷାପାଇଁ ସହାୟତା ପ୍ରଦାନରେ ।
(୫) ଦୁଃସ୍ଥ ଅସହାୟ ଭାଇ ଙ୍କ ଚିକିତ୍ସା ସହାୟତାରେ ।
(୬) କାର୍ଯ୍ୟକର୍ତ୍ତା ଙ୍କ ଗସ୍ତବ୍ୟୟରେ
(୭) ମହାସଭା କାର୍ଯ୍ୟକାରୀ ବୈଠକ ବ୍ୟୟ ।
(୮) ମହାସଭାର ବାର୍ଷିକ ବା ଦ୍ୱିବାର୍ଷିକ ଅଧିବେଶନର ଆନୁ ସଙ୍ଗିକ ଖର୍ଚ୍ଚ ।
(୯) ଯୁବା ମଞ୍ଚ ଓ ମାତୃ ମଞ୍ଚର ବିଶେଷ କାର୍ଯ୍ୟକ୍ରମ ଜନିତ ଖର୍ଚ୍ଚ ।
(୧୦) ଆରକ୍ଷିତ ଜମା ।( Reserved fund)

**ମହାସଭା ପାଣ୍ଠି ପରିଚାଳନା**

୪୫ (ଖ) ମହାସଭା ପାଣ୍ଠି ( କୁବେର ନିଧି ) ର ହିସାବ କୋଷାଧ୍ୟକ୍ଷ ଓ ସାଧାରଣ ସଂପାଦକ ଙ୍କ ଦ୍ୱାରା ପରିଚାଳିତ ହେବ । କୋଷାଧ୍ୟକ୍ଷ ସମସ୍ତ ଆୟ ବ୍ୟୟର ହିସାବ ନୟମିତ ଭାବରେ କେଶ ବୁକ୍ (Cash Book)ରେଲିପି ବଦ୍ଧକରିବେ । ସାଧାରଣ ସଂପାଦକ ପ୍ରତି ୩ମାସରେ

ଥରେ ଏହି ହିସାବ ତନଖି କରିବେ। ପ୍ରତିବର୍ଷ ମହାସଭା ସାଧାରଣ ଅଧିବେସନ ପୂର୍ବରୁ ଅନୁଷ୍ଠିତ କାର୍ଯ୍ୟକାରୀ କମିଟୀରେ ମହାସଭାସମୀକ୍ଷକ ମଣ୍ଡଳୀ ଦ୍ୱାରା ପ୍ରସ୍ତୁତ ସମୀକ୍ଷା ରିପୋର୍ଟ ଉପସ୍ଥାପିତ ହୋଇ ଅନୁମୋଦିତ ହେବ ଓ ମହାସଭା ସାଧାରଣ ଅଧିବେଶନରେ ସମସ୍ତଙ୍କ ଅବଗତି ପାଇଁ ଉପସ୍ଥାପିତ କରାଯିବ ।

ଗ) ସାଧାରଣ ସଂପାଦକ ଓ କୋଷାଧ୍ୟକ୍ଷ ଜରୁରୀ ଖର୍ଚ୍ଚ ପାଇଁ ଟ.୫୦୦ ଙ୍କା (ପାଞ୍ଚଶହ ଟଙ୍କା )ମାତ୍ର ପର୍ଯ୍ୟନ୍ତ ହାତଜମା ରଖି ପାରିବେ । ସଭାପତି ନିଜ ହାତରେ ମୋଟେ କିଛି ଅର୍ଥ ରଖିବେ ନାହିଁ ।

## ପରିଶିଷ୍ଟ - ଗ

### ସାମାଜିକ ରୀତି ନୀତି - ୧.

୪୬ (କ) ବିବାହ- ବିଭିନ୍ନ ଜାତିରେ ପ୍ରଚଳିତ ସାମାଜିକ ରୀତିନୀତିରୁ ଗୋଟିଏ ଜାତି ଅନ୍ୟ ଜାତି ଠାରୁ ଭିନ୍ନ ବୋଲି ଜାଣି ହୁଏ । ଏହି ସାମାଜିକ ଚଳଣୀ ଗୁଡ଼ିକ ହେଉଛି ସେହି ଜାତିର ପରିଚୟ । ଏ ଗୁଡ଼ିକ ସାଂଗଠନିକ ନିୟମ କାନୁନ୍ ଠାରୁ ଅଧିକ ପ୍ରଭାବଶାଳୀ ଅଟେ । ସେଥିପାଇଁ କୁହାଯାଏ (Convention is more powerful than rule) । ପ୍ରତ୍ୟେକ ଜାତିରେ ବିବାହ ହେଉଛି ସବୁଠାରୁ ପ୍ରଭାବଶାଳୀ ସାମାଜିକ ଅନୁଷ୍ଠାନ ବା ରୀତି । ଭିନ୍ନ ଭିନ୍ନ ଜାତି ବା ସମାଜରେ ବିଭିନ୍ନ ରୀତି ନୀତି ଅନୁସରଣ ପୂର୍ବକ ଏହା ପାଳିତ ହୋଇଥାଏ । କୁବେର ସମାଜରେ ବିବାହ ର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ରହିଛି । ବିବାହକୁ କୁବେର ସମାଜରେ ଏକ ପବିତ୍ର କାର୍ଯ୍ୟକ୍ରମ ଭାବରେ ଗ୍ରହଣ କରାଯାଇଥାଏ । ଏହା ଆଗାମୀ ପୀଢ଼ିର ଆଗମନ ପାଇଁ ଏକ ପବିତ୍ର ସାମାଜିକ କାର୍ଯ୍ୟକ୍ରମ ଅଟେ । ହିନ୍ଦୁ ସମାଜରେ ବିବାହକୁ ଏକ ଅତୁଟ ତଥା ସ୍ଥାୟୀ ସାମାଜିକ ବନ୍ଧନ ଭାବରେ କେଉଁ ଅନାଦି କାଳରୁ ଗ୍ରହଣ କରାଯାଇ ଆସୁଅଛି । ଏହି ବିବାହ ରୂପକ ବନ୍ଧନ ଦ୍ୱାରା ପତିପତ୍ନୀ ରୂପକ ସମାଜ ରଥର ଦୁଇଟି ଚକ ଏକତ୍ରିତ ହୋଇ ସମାଜ ରଥକୁ ଆଗକୁ ନେବାରେ ସହାୟକ

ହୋଇଥାନ୍ତି । ଅଗ୍ନିକୁ ସାକ୍ଷୀ ରଖି ଉଭୟ ପତିପତ୍ନୀ ସଂକଳ୍ପ ପୂର୍ବକ ଇହ ଓ ପର ଉଭୟ କାଳପାଇଁ ଅତୁଟ ବନ୍ଧନରେ ଆବଦ୍ଧ ହେବାର ଘୋଷଣା କରିଥାନ୍ତି । ଏହି ବନ୍ଧନ ଯେତେ ଦୃଢ଼ ଓ ସ୍ଥାୟୀ ହେବ ପରିବାର ତଥା ଆଗାମୀ ପୀଢ଼ିର ଜୀବନ ସେତିକି ସୁନ୍ଦର ଓ ସରସ ହେବ । ଏହି ପ୍ରେମର ବନ୍ଧନ କୌଣସି ପ୍ରକାର ଦେଣ ନେଣ ବା ପ୍ରଲୋଭନ ଉପରେ ଆଧାରିତ ନ ହୋଇ ଅନାବିଳ ବନ୍ଧୁତା ଉପରେ ଆଧାରିତ ହେଲେ ଅଧିକ ସ୍ଥାୟୀ ହୋଇ ପାରିଥାଏ ।

କନ୍ୟାପକ୍ଷ ଓ ବରପକ୍ଷ ଉଭୟେ ଉଭୟଙ୍କୁ ଭଲ ଭାବରେ ବୁଝିଲା ପରେ ଯାଇ ସ୍ଥିର ଚିତ୍ତରେ ବିଚାର ପୂର୍ବକ ସଂପର୍କ ସ୍ଥାପନ କରିବା ଉଚିତ୍ । କୌଣସି ପ୍ରକାର ବାଧ୍ୟ ବାଧକତା ବା ପ୍ରଲୋଭନର ବଶବର୍ତ୍ତୀ ହୋଇ ସଂପର୍କ ସ୍ଥାପନ କଲେ ତାହା ଅଚିରେ ତୁଟି ଯାଇଥାଏ । ଫଳତଃ ପତିପତ୍ନୀଙ୍କ ଜୀବନ ବିଶେଷ କରି କନ୍ୟାର ଜୀବନ ଅତୀବ ଦୁର୍ବିସହ ହୋଇଥାଏ । ତେଣୁ ସବୁ କଥାକୁ ବୁଝି ବିଚାରି କାର୍ଯ୍ୟକଲେ ପରେ ଆଉ ପସ୍ତେଇବାକୁ ପଡ଼ିବ ନାହିଁ । ଯୌତୁକ କଳଙ୍କ ଯେପରି ବୈବାହିକ କ୍ଷେତ୍ରରେ ବାଧକ ନ ହୁଏ ସେଥି ପ୍ରତି ସମାଜର ସମସ୍ତେ ସତର୍କ ଦୃଷ୍ଟି ରଖିବାକୁ ପଡ଼ିବ । ବିବାହ ପାଇଁ ଯୌତୁକ ଦାବୀକୁ କୁବେର ସମାଜ ତରଫରୁ ପୂରାପୂରି ନିଷେଧ କରାଗଲା । ଯୌତୁକ ଦେଲେ ବା ନେଲେ ତାକୁ ସାମାଜିକ ଅପରାଧ ରୂପେ ଗଣାଯିବ ।

**ଖ) ବିବାହ ବୟସଃ-** ସମାଜର ଶୃଙ୍ଖଳା ତଥା ବରକନ୍ୟାଙ୍କ ସ୍ୱାସ୍ଥ୍ୟ ଦୃଷ୍ଟିରୁ ସେମାନେ ଏକ ନିର୍ଦ୍ଦିଷ୍ଟ ବୟସରେ ବିବାହ କରିବା ଉଚିତ୍ । ବର ହେଉ କି କନ୍ୟା ହେଉ ଅତି ଅଳ୍ପ ବୟସରେ ବା ଅତି ଡେରିରେ ବିବାହ କରିବା ଉଚିତ୍ ନୁହେଁ । ପୁଅ ମାନେ ୨୫ ବର୍ଷରୁ କମ୍ ବୟସରେ ଓ ଝିଅ

ମାନେ ୨୦ବର୍ଷ ରୁ କମ୍ ବୟଷରେ ବିବାହ କରିବା ଉଚିତ୍ ନୁହେଁ । ଶାରିରୀକ ବା ମାନସିକ ଅସୁସ୍ଥତା ଭୋଗୁଥିବା ପୁଅ ବା ଝିଅଙ୍କ ବିବାହ ସର୍ବାଦୌବର୍ଜନୀୟ୍ । ଏପରି ବିବାହ ଅଳ୍ପଦିନ ମଧ୍ୟରେ ବିଚ୍ଛେଦରେ ପରିଣତ ହୋଇଥାଏ । ବର ଓ କନ୍ୟାର ବୟସ ମଧ୍ୟରେ ଅଧିକ ବ୍ୟବଧାନ ରହିବା ଉଚିତ୍ ନୁହେଁ । ଅଧିକ ବୟସର ବର ଅଳ୍ପ ବୟସର କନ୍ୟାମାନଙ୍କୁ ବିବାହ କରିବା ଦ୍ୱାରା ତାଙ୍କ (ବର) ବୟସର କନ୍ୟା ମାନେ ଅଭିଆଡି ରହିବାକୁ ବାଧ୍ୟହୋଇଥାନ୍ତି । କାରଣ ତାଙ୍କୁ ତାଙ୍କ ଠାରୁ କମ୍ ବୟସର ପୁଅମାନେ ବିବାହ କରନ୍ତି ନାହିଁ । ଅନେକ କ୍ଷେତ୍ରରେ ଦେଖାଯାଏ ଅଳ୍ପ ବୟସ୍କା କନ୍ୟାମାନେ ଅଧିକ ବୟସର ଯୁବକ ବା ବୃଦ୍ଧ ମାନଙ୍କୁ ବିବାହ କରି ଅକାଳ ବୈଧବ୍ୟର ଶିକାର ହୁଅନ୍ତି ଓ ସମାଜର ବୋଝ ହୋଇ ନାନା ବିଶୃଙ୍ଖଳାର କାରଣ ହୋଇଥାନ୍ତି । ଏହା ଯେପରି ନ ହୁଏ ସେଥିପ୍ରତି ସମସ୍ତେ ଧ୍ୟାନ ଦେବା ଉଚିତ୍ ।

ଗ) ବିଭିନ୍ନ ପ୍ରକାରର ବିବାହ :- କୁବେର ସମାଜରେ ସାଧାରଣତଃ ସାବାଳକ ବିବାହ ପ୍ରଥା ପ୍ରଚଳିତ । ଏହି ବିବାହରେ ବର ବରଯାତ୍ରୀଙ୍କ ସହିତ ଶୋଭାଯାତ୍ରରେ କନ୍ୟାଘରକୁ ଯାଇଥାଏ । ଯାହାକୁ "ବରଯାତ୍ରା" ବା ବରାନୁଗମନ ବୋଲି କୁହାଯାଏ । ଏହି ବରଯାତ୍ରାରେ ଯାନବାହନ, ବାଜା, ନାଚଗୀତ, ବାଣ, ଆଲୋକ ଶବ୍ଦ ଆଦି ବ୍ୟବସ୍ଥା କରିବାକୁ ପଡ଼ିଥାଏ । ଏଥିପାଇଁ ବରପକ୍ଷକୁ ବହୁଖର୍ଚ୍ଚର ବ୍ୟବସ୍ଥା କରିବାକୁ ପଡ଼ିଥାଏ । କନ୍ୟାଗ୍ରାମରେ ବରଯାତ୍ରୀ ଦଳ ପହଞ୍ଚିବା ପରେ ତାଙ୍କୁ କନ୍ୟାପକ୍ଷରୁ ଉପଯୁକ୍ତ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇ ଜଳପାନରେ ଆପ୍ୟାୟିତ କରାଯାଇଥାଏ । ପରେ ପରେ କନ୍ୟା ଗ୍ରାମରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥାଏ । ବିଭିନ୍ନ ବିଧିବିଧାନ ତଥା ସ୍ୱାଗତ ପରେ କନ୍ୟା ଘରେ ପୁରୋହିତଙ୍କ ଦ୍ୱାରା ବୈଦିକ ରୀତିରେ ଯଥା ବିଧି ବିବାହ କାର୍ଯ୍ୟ ସଂପନ୍ନ ହୋଇଥାଏ । ବେଦୀରେ ବିବାହ କାର୍ଯ୍ୟ ସରିଲା ପରେ କନ୍ୟା

ବିଦାୟ୍ ଅନୁଷ୍ଠିତ ହୁଏ । କନ୍ୟା ବର ସହିତ ବରଘରକୁ ଯାଇଥାଏ । ଏ ପ୍ରକାର ବିବାହ ଦିନକୁ ଦିନ ଖର୍ଚ୍ଚ ବହୁଳ ତଥା ନାନା ବିଶୃଙ୍ଖଳା ସୃଷ୍ଟି କରି ମୁଣ୍ଡବ୍ୟଥାର କାରଣ ହୋଇ ପଡ଼ିଛି । ବରଯାତ୍ରାରେ ବହୁ ବିଶୃଙ୍ଖଳା ସୃଷ୍ଟି ହୋଇ ବନ୍ଧୁ ବନ୍ଧୁ ମଧ୍ୟରେ ଅଯଥା ମନୋମାଳିନ୍ୟ ସୃଷ୍ଟି ହେଉଛି । ଏପରିକି ଅନେକ ସ୍ଥଳରେ ବୈବାହିକ ସଂପର୍କ ଛିନ୍ନ ହେବା ପର୍ଯ୍ୟନ୍ତ କଥା ଯାଉଛି । ଏହାକୁ ଦୃଷ୍ଟିରେ ରଖି ପ୍ରତିକାର ସ୍ୱରୂପ ନିଜ ଜାତିର ଶୃଙ୍ଖଳା ତଥା ସମ୍ମାନ ରକ୍ଷା ଦୃଷ୍ଟିରୁ ନିମ୍ନମତେ କେତେକ ସାବଧାନତା ଅବଲମ୍ବନ ପାଇଁ ଜାତିଭାଇଙ୍କ ଜ୍ଞାତବ୍ୟ ନିମନ୍ତେ କେତୋଟି ସାମାଜିକ ନିର୍ଦ୍ଦେଶ ଦିଆଗଲା ।

୪୬ ଘ) (୧) ବରଯାତ୍ରୀ ଦଳରେ ଅଧିକ ସଂଖ୍ୟକ ବରଯାତ୍ରୀ ଯାଇ ନାନା ବିଶୃଙ୍ଖଳା ଘଟାଇଥାନ୍ତି , ଏଣୁ ବରଯାତ୍ରୀ ଦଳକୁ ୧୦୦ ଜଣ ମଧ୍ୟରେ ସୀମିତ ରଖିବାକୁ ନିର୍ଦ୍ଦେଶ ଦିଆଗଲା ।

(୨) ବରଯାତ୍ରା ସମୟରେ ଉତ୍ତେଜକ ବାଦ୍ୟ ବା ଉଚ୍ଛୃଙ୍ଖଳ ନୃତ୍ୟ ପ୍ରଦର୍ଶନ ନ କରି ଶୃଙ୍ଖଳାର ସହିତ ଶଙ୍ଖ ଓ ବାଜା ବଜାଇ ମାଇକ୍ ଆଦି ବଜାଇ ଯାଇପାରିବେ ।

(୩) ଶୋଭାଯାତ୍ରାରେ ଗ୍ରାମଭିତରେ ଶକ୍ତିଶାଳୀ ବାଣ ଆଦି ଫୁଟାଇବାକୁ ନିଷେଧ କରାଗଲା । ଫୁଲ୍‌ଝରୀ କିମ୍ବା କୁପି ଆଦି ଜଳାଇ ଆଲୋକ ବ୍ୟବସ୍ଥା କରାଯାଇପାରେ ।

(୪) ସତର୍କ ସୂଚନା:- ବରଯାତ୍ରା ସମୟରେ ବରଯାତ୍ରୀ ଦଳରେ ବହୁ ଅଧିକ ଲୋକ ଯାଇ ବିଶୃଙ୍ଖଳ ଆଚରଣ କରି ଯଦି ଗଣ୍ଡଗୋଳ କରନ୍ତି ଉତ୍ତେଜକ ବାଦ୍ୟ କିମ୍ବା ଉଚ୍ଛୃଙ୍ଖଳ ନୃତ୍ୟ ପ୍ରଦର୍ଶନରୁ କିମ୍ବା ବାଣ ଆଦି ଫୁଟାଇବାରେ ଯଦି ଗଣ୍ଡଗୋଳ ହୁଏ ସେଥିପାଇଁ ବରପକ୍ଷ ଦାୟୀ ରହିବେ ଓ ଦରକାର ପଡ଼ିଲେ ଏଥିପାଇଁ ସାମାଜିକ ଦଣ୍ଡ ବିଧାନର ବ୍ୟବସ୍ଥା କରାଯାଇ ପାରେ ।

( ୫ ) ବିବାହ ଭୋଜିରେ ଆମିଷ ଭୋଜନକୁ ନିଷିଦ୍ଧ କରାଗଲା । ଏହାକୁ ଅବମାନନା କରି ଯଦି କେହି ସାମାଜିକ ଭୋଜିରେ ମାଛ, ମାଂସ କିମ୍ବା ଅଣ୍ଡା ଦିଅନ୍ତି ତାକୁ ସାମାଜିକ ଅପରାଧ ରୂପେ ଗଣାଯିବ ଓ ସଂପୃକ୍ତ ବ୍ୟକ୍ତିଙ୍କ ପ୍ରତି ସମାଜ ତରଫରୁ ଉପଯୁକ୍ତ ଦଣ୍ଡର ବ୍ୟବସ୍ଥା କରାଯିବ । ତା.୦୧.୦୩.୧୧ ଦିନ ଠାରୁ ଏହି ଆଦେଶକୁ ଲାଗୁ କରାଗଲା । ନିଜ ନିଜ ସାଇ ସ୍ତରରେ ଏହା ଯେପରି କଡ଼ାକଡ଼ିଭାବରେ ଲାଗୁ ହୁଏ ସେଥିପ୍ରତି ସାଇ ସଭାପତି ମାନେ ଉପଯୁକ୍ତ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦିଆଗଲା ।

**୬) ମନ୍ଦିର ବିବାହ :-** ସାବାଳକ ବିବାହରେ ବରଯାତ୍ରା ଜନିତ ବିଭିନ୍ନ ପ୍ରକାରର ଅଯଥା ଖର୍ଚ୍ଚ ତଥା ବିଶୃଙ୍ଖଳାର ନିୟନ୍ତ୍ରଣ ଦୃଷ୍ଟିରୁ ଆଜିକାଲି ପ୍ରାୟ ଅଧିକାଂଶ ସମାଜରେ ମନ୍ଦିର ବିବାହକୁ ବିକଳ୍ପ ଭାବରେ ଗ୍ରହଣ କରୁଛନ୍ତି । ମନ୍ଦିର ବିବାହରେ ବରଯାତ୍ରୀ ଦଳ ଶୋଭାଯାତ୍ରାରେ କନ୍ୟାଘରକୁ ଯିବାକୁ ପଡ଼େନାହିଁ । ବରପକ୍ଷ ଓ କନ୍ୟା ପକ୍ଷର ସହମତିରେ ଉଭୟ ପକ୍ଷର ସୁବିଧା ମତେ କୌଣସି ଏକ ମନ୍ଦିରରେ ବିବାହ କାର୍ଯ୍ୟ ସଂପନ୍ନ ହୋଇଥାଏ । ଉକ୍ତ ମନ୍ଦିରକୁ ବରପକ୍ଷ ତାଙ୍କର ସୀମିତ ବନ୍ଧୁବାନ୍ଧବଙ୍କ ସହିତ ଅଳ୍ପ ସଂଖ୍ୟକ ଗାଡ଼ିରେ ଯାଇଥାନ୍ତି । ଏହି ବିବାହରେ କୌଣସି ବାଜା ରୋଷଣୀ, ବାଣ, ମାଇକ୍ ଆଦିର ଦରକାର ପଡ଼ି ନଥାଏ । କନ୍ୟାପକ୍ଷ ମଧ୍ୟ ତାଙ୍କର ଅଳ୍ପ ସଂଖ୍ୟକ ବନ୍ଧୁ ବାନ୍ଧବଙ୍କ ସହିତ ସେହି ମନ୍ଦିରକୁ ଯାଇଥାନ୍ତି । ସେହି ମନ୍ଦିର ପରିସରରେ ବୈଦିକ ରୀତିରେ ବିବାହ କାର୍ଯ୍ୟ ସଂପନ୍ନ ହୋଇଥାଏ । ହସ୍ତ ବନ୍ଧନ ପରେ କନ୍ୟାଦାନ କାର୍ଯ୍ୟ ସଂପନ୍ନ ହୋଇଥାଏ । ବିବାହ କାର୍ଯ୍ୟ ସରିବା ପରେ ସେଠାରେ କନ୍ୟାପକ୍ଷ ଦ୍ୱାରା ବା ଉଭୟ ପକ୍ଷଦ୍ୱାରା ନିରାମିଷ ଭୋଜନର ବ୍ୟବସ୍ଥା ହୋଇଥାଏ । ମନ୍ଦିର ପରିସରରେ ପବିତ୍ର ଓ ଶାନ୍ତ ବାତାବରଣ ମଧ୍ୟରେ ଶୃଙ୍ଖଳାର ସହିତ ବିବାହ କାର୍ଯ୍ୟ ସଂପନ୍ନ ହେଉଥିବାରୁ ଉଭୟ

ପକ୍ଷ ବହୁ ମାନସିକ ଅଶାନ୍ତିରୁ ରକ୍ଷା ପାଇଥାନ୍ତି । ଆର୍ଥିକ ଦିଗରୁ ମଧ୍ୟ ଏହା ଉଭୟ ପକ୍ଷଙ୍କୁ ସୁବିଧା ଜନକ ହୋଇଥାଏ ।

**ଚ) ଗଣ ବିବାହ :-** ବର୍ତ୍ତମାନ ସମାଜ ମଧ୍ୟରେ ଦେଖାଯାଉଥିବା ବିବାହ ଜନିତ ବିଭିନ୍ନ ବିଶୃଙ୍ଖଳା ଓ ଅସୁବିଧା ଗୁଡ଼ିକୁ ଏଡ଼ାଇବା ପାଇଁ ଏବଂ ବିଶେଷ କରି ଆର୍ଥିକ ଦୁର୍ବଳ ପରିବାର ମାନଙ୍କ ପୁତ୍ର କନ୍ୟାଙ୍କ ବିବାହ ଯେପରି ବିନା ଆର୍ଥିକ ବୋଝରେ ସଂପନ୍ନ ହୋଇପାରିବ ସେଥି ପ୍ରତି ଦୃଷ୍ଟି ଦେଇ ଅନେକ ଉନ୍ନତ ସମାଜରେ ଗଣ ବିବାହ ପ୍ରଚଳନର ବ୍ୟବସ୍ଥା କରୁଛନ୍ତି । ଗଣ ବିବାହ ପାଇଁ ଆଗରୁ ବର କନ୍ୟା ସ୍ଥିର ହୋଇଥାନ୍ତି । କେତେକ ସାମାଜିକ ସଂଗଠନ ବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ଏକ ନିର୍ଦ୍ଦିଷ୍ଟ ଲଗ୍ନ (ତାରିଖ)ରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଅନେକ ଯୋଡ଼ି ବରକନ୍ୟାଙ୍କ ବିବାହ ବ୍ୟବସ୍ଥା କରାଯାଇଥାଏ । ଅନେକ ସ୍ଥଳରେ କେତେକ ସମର୍ଥ ଲୋକଙ୍କ ପୁଅଝିଅଙ୍କ ବିବାହ ସହିତ ଅନେକ ପିତୃମାତୃହୀନ ତଥା ଅସମର୍ଥ ଲୋକଙ୍କ ପୁଅଝିଅଙ୍କ ବିବାହ ଅନୁଷ୍ଠିତ ହୋଇଥାଏ । ସମସ୍ତ ବରକନ୍ୟାଙ୍କ ବିବାହ ପାଇଁ ଗୋଟିଏ ମଣ୍ଡପ, ଗୋଟିଏ ବାଜାଦଳ, ଗୋଟିଏ ମାଇକ୍, ଜଣେ ବ୍ରାହ୍ମଣ ଏପରିକି ଗୋଟିଏ ଭୋଜିରେ ମଧ୍ୟ ସମସ୍ତଙ୍କ କାମ ଛିଣ୍ଡିଯାଇଥାଏ । ସମସ୍ତ ବିବାହ ପାଇଁ ଉପସ୍ଥିତ ସମସ୍ତେ ଅତିଥିର କାର୍ଯ୍ୟ ସଂପାଦନ କରିଥାନ୍ତି । ଏପରି ବିବାହ ବିଭିନ୍ନ ଦିଗରୁ ସୁବିଧା ଜନକ ହୋଇଥାଏ । ବିଶେଷ କରି ଆର୍ଥିକ ଦୁର୍ବଳ ପରିବାର ପାଇଁ ଏହା ଆଶୀର୍ବାଦ ସ୍ୱରୂପ ହୋଇଥାଏ । ଏପରି ବିବାହପାଇଁ ଗାଡ଼ିମଟର, ବାଜା ରୋଷଣୀ, ବାଣ ଆଦି ଓ ଭୋଜି ଭାତ ପାଇଁ ତଥା ଯୌତୁକ ପାଇଁ ବ୍ୟସ୍ତବିବ୍ରତ ହେବାକୁ ପଡ଼େନାହିଁ । ଆଗାମୀ ଦିନରେ କୁବେର ସମାଜର ଅବିବାହିତ ପୁଅଝିଅ ମାନଙ୍କ ସାମୂହିକ (ଗଣ) ବିବାହ କରାଯିବାର ପ୍ରସ୍ତାବ ରହିଅଛି । ସମାଜର ଶିକ୍ଷିତ ପୁଅଝିଅମାନେ ଏଥିପାଇଁ ଆଗେଇ ଆସିବା ଉଚିତ । ବରକନ୍ୟାଙ୍କ ପିତାମାତା ଏଥିପାଇଁ ଆଗ୍ରହ ତଥା ଅନୁକୂଳ ମତ ପ୍ରକାଶ କଲେ ମହାସଭା

ଦ୍ୱାରା ତାର ବ୍ୟବସ୍ଥା କରାଯାଇ ପାରିବ । ସଂପୃକ୍ତ ସାଇର ସଭାପତି ମାନେ ଏଥିପ୍ରତି ବିହିତ ଦୃଷ୍ଟି ଦେବାକୁ ଅନୁରୋଧ ।

**ଛ) ପଞ୍ଜୀକରଣ ବିବାହ :-** ଅନେକ ସମୟରେ ସମାଜର ପୁଅଝିଅ ବାପାମାଆଙ୍କ ଅଜାଣତରେ ତଥା ତାଙ୍କର ବିନା ସମ୍ମତିରେ ପରସ୍ପର ପ୍ରେମରେ ପଡ଼ି ଗାନ୍ଧର୍ବ ବିବାହ କରିଥାଆନ୍ତି । ନିଜର ଏପରି ସଂପର୍କକୁ ବୈଧ ବୋଲି ସାବ୍ୟସ୍ତ କରିବା ପାଇଁ ସେମାନେ କୋର୍ଟରେ (Contract Marriage)ବା ଠିକା ବିବାହ କରିଥାନ୍ତି । ଯେଉଁଠାରେ ବିବାହ ପରି ପବିତ୍ର ଅନୁଷ୍ଠାନର ପବିତ୍ରତା ନଥାଏ । ଏପରି ବିବାହ କୁବେର ସମାଜ ପାଇଁ ଉପଯୁକ୍ତ ନୁହେଁ । ପାରୁ ପର୍ଯ୍ୟନ୍ତ ସମାଜର ପୁଅଝିଅ ମାନେ ଏଥିରୁ ଦୂରେଇ ରହିବା ଉଚିତ୍ ।

## ୪୭) ଦ୍ୱିତୀୟ ବିବାହ

କେତେକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ପଡ଼ି ପୁରୁଷକୁ ଦ୍ୱିତୀୟ ବିବାହ କରିବାକୁ ପଡ଼ିଥାଏ । ସେ ଗୁଡ଼ିକ ହେଲା -

(୧) ଯଦି ପୁରୁଷ ବା ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣରୁ ଛାଡ଼ପତ୍ର ଦିଆନିଆ ହୋଇଥାଏ । ତେବେ ନିଜର ପରିବାର ଚଳାଇବା ପାଇଁ ପୁରୁଷ ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କରିପାରିବ ।

(୨) ନିଜର ବିବାହିତା ସ୍ତ୍ରୀଙ୍କ ମୃତ୍ୟୁ ହେଲେ ।

(୩) ବିବାହିତା ସ୍ତ୍ରୀଙ୍କ ଗର୍ଭରୁ ଯଦି ସନ୍ତାନ ସନ୍ତତି ନ ହୁଅନ୍ତି ତେବେ ବଂଶ ରକ୍ଷାପାଇଁ ପ୍ରଥମ ପତ୍ନୀଙ୍କ ସହମତି କ୍ରମେ ଦ୍ୱିତୀୟ ପତ୍ନୀ ଗ୍ରହଣ କରିପାରିବେ ।

## ୪୮) ପୁନର୍ବିବାହ

(୧) ବିଭିନ୍ନ କାରଣରୁ ସ୍ତ୍ରୀ ପୁରୁଷ ମଧ୍ୟରେ ଛାଡ଼ ପତ୍ର ହୋଇଥାଏ ।

ଛାଡ଼ ପତ୍ର ପାଇଥିବା ସ୍ତ୍ରୀ ଶାଶୁଘର ଛାଡ଼ି ନିଜ ବାପ ଘରେ ଯାଇ ରହିଥାଏ । ଏହିପରି ସ୍ତ୍ରୀର ଯଦି ବିବାହ ବୟସ ଥାଏ ତେବେ ସେ ଚାହିଁଲେ ପୁନର୍ବିବାହ କରିପାରିବ । ଏଥିପାଇଁ କୌଣସି ସାମାଜିକ ବାଧା ନାହିଁ ।

(୨) ଭଗବାନ ନ କରନ୍ତୁ ସମାଜରେ କାହାରିକୁ ଏପରି ଦୁଃଖରେ ପଡ଼ିବାକୁ ନହେଉ । ଅନେକ ସମୟରେ ନିଜର ପୂର୍ବାଜିତ କର୍ମଫଳରୁ ହେଉ ବା ଅନ୍ୟ କୌଣସି କାରଣରୁ ହେଉ କେତେକ କନ୍ୟାଙ୍କୁ ଅକାଳ ବୈଧବ୍ୟର ଶିକାର ହେବାକୁ ପଡ଼ିଥାଏ । ଏପରି ବିଧବା କନ୍ୟାମାନେ ଚାହିଁଲେ ପୁନର୍ବିବାହ କରିପାରିବେ । ଏଥିପାଇଁ କୌଣସି ସାମାଜିକ ବାଧା ରହିବ ନାହିଁ । ବରଂ ଏପରି ପୁନର୍ବିବାହକୁ କୁବେର ସମାଜ ତରଫରୁ ଉତ୍ସାହିତ କରାଯିବ ।

୪୯) ବିବାହ ପରବର୍ତ୍ତୀ ଅବସ୍ଥାରେ ବିଭିନ୍ନ କାରଣରୁ ସ୍ତ୍ରୀ ପୁରୁଷ ତଥା ବନ୍ଧୁବାନ୍ଧୁ ମଧ୍ୟରେ ମତାନ୍ତର ଓ ମନୋମାଳିନ୍ୟ ଘଟି ଅନେକ ଅସୁବିଧା ସୃଷ୍ଟି ହୁଏ । କଥା ବଢ଼ି ବଢ଼ି କୋର୍ଟ କଚେରୀ ପର୍ଯ୍ୟନ୍ତ ଯାଇଥାଏ । ଏହାର ନିୟନ୍ତ୍ରଣ ପାଇଁ ସମାଜ ତରଫରୁ କେତେକ ପଦକ୍ଷେପ ନିଆଯିବ ।

୧) ବିବାହ ବିବରଣୀ ସାଇର ବିବାହ ପଞ୍ଜୀକରଣ ରେଜିଷ୍ଟର୍‌ରେ ଲିପିବଦ୍ଧ ହୋଇ ରହିବ ।

୨) ବିବାହ ସମୟରେ ବର ଘରେ ଅନୁଷ୍ଠିତ ସାଇ ସଭାରେ ବର କନ୍ୟା ଉପସ୍ଥିତ ହୋଇ ସଭାକୁ ଉପଯୁକ୍ତ ସମ୍ମାନ ଜଣାଇ ସଭାର ଆଶୀର୍ବାଦ ଭିକ୍ଷା କରିବେ ।

୩) ଉଭୟ ବରକନ୍ୟା ସଭା ସମ୍ମୁଖରେ ବିନା ଯୌତୁକ ବା ବିନା କୌଣସି ପ୍ରଲୋଭନର ବଶବର୍ତ୍ତୀ ହୋଇ ସ୍ୱଇଚ୍ଛାରେ ବିବାହ କରୁଥିବାର ଘୋଷଣା କରି ଉଦ୍ଦିଷ୍ଟ ରେଜିଷ୍ଟର୍‌ରେ ସ୍ୱାକ୍ଷର କରିବେ ।

୪) ବିବାହ ସମୟରେ କନ୍ୟାପକ୍ଷ ବରପକ୍ଷକୁ ନିଜର ଶକ୍ତି ସାମର୍ଥ୍ୟ ମତେ ସ୍ୱଇଚ୍ଛାରେ ବିନା ବାଧ୍ୟବାଧକତାରେ ଦେଉଥିବା ଉପହାର ଗୁଡ଼ିକର ୩ କିତା ତାଲିକା କରି ନିଜେ ସ୍ୱାକ୍ଷର କରିବେ । ବରପକ୍ଷମଧ୍ୟ ତାଲିକାରେ ସ୍ୱାକ୍ଷର କରିବେ । ସାଇ ସଭାପତି/ସମ୍ପାଦକ ସେଥିରେ ସ୍ୱାକ୍ଷର କରି ଗୋଟିଏ ସାଇରେ ରଖି ଗୋଟିଏ ବରପକ୍ଷକୁ ଓ ଅନ୍ୟଟି କନ୍ୟାପକ୍ଷକୁ ଦେବେ । ଯାହାକି ଦରକାର ବେଲେ କାମକୁ ଆସିବ ।

ବିବାହ ପୂର୍ବବର୍ତ୍ତୀ ଓ ବିବାହ ସମୟର ତଥା ବିବାହ ପରବର୍ତ୍ତୀ ସମୟରେ ପାଳିତ କେତେକ ଆନୁସାଂଗିକ ବ୍ୟବସ୍ଥା ଓ ସାମାଜିକ ରୀତିନୀତି ସହିତ ଜଡ଼ିତ କେତେକ ପ୍ରଚଳିତ ଶବ୍ଦାବଳୀ ଓ ସେଗୁଡ଼ିକର ପରିଭାଷା ।

୫୦ (କ) **ବୈବାହିକ ସମ୍ବନ୍ଧ ସ୍ଥାପନ:-** ନିଜର ପୁଅ ପାଇଁ ସର୍ବଗୁଣ ସଂପନ୍ନା ବହୁଟିଏ ମିଳୁ କିମ୍ବା ଝିଅ ପାଇଁ ଯୋଗ୍ୟ ବରଟିଏ ମିଳୁବୋଲି ସମସ୍ତଙ୍କର ଆଶା । ଏଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ ।

(ଖ) **କନ୍ୟାଦେଖା :-** ଆମ ଅଞ୍ଚଳରେ ସାଧାରଣତଃ ପୁଅ ଘର କନ୍ୟା ସନ୍ଧାନ ପାଇଁ ପ୍ରଥମେ ପ୍ରୟାସ କରିଥାନ୍ତି । ସେମାନେ ବନ୍ଧୁବାନ୍ଧବ ମାନଙ୍କ ଠାରୁ ଖବର ନେଇ ବା ଅନ୍ୟ କୌଣସି ସୂତ୍ରରୁ ଖବର ନେଇ ସିଧା ସଳଖ ନିଜେ ଯାଇ ବା ମଧ୍ୟସ୍ଥିଙ୍କ ସହାୟତାରେ ସଂପର୍କ ପାଇଁ କଥାବାର୍ତ୍ତା କରିଥାନ୍ତି । ଏଥିପାଇଁ ବରପକ୍ଷକୁ ୨/୩ ଥର କନ୍ୟାଘରକୁ ଯିବାକୁ ପଡ଼ିଥାଏ । ବରପକ୍ଷରୁ କନ୍ୟା ମନୋନୀତ ହେଲେ କନ୍ୟାପକ୍ଷକୁ ବରପକ୍ଷର ଘର ଦେଖିଯିବା ପାଇଁ ଅନୁରୋଧ କରନ୍ତି ।

(ଗ) **ଘର ଦେଖା :-** ଯଦି କନ୍ୟାପକ୍ଷ ବରପକ୍ଷକୁ କନ୍ୟା ଦେବାକୁ ଇଚ୍ଛୁକ ଥାଆନ୍ତି ସେମାନେ ବରଘରକୁ ଯାଇ ଘର ଦେଖିଆସନ୍ତି । କନ୍ୟାପକ୍ଷ ମଧ୍ୟ ବିଭିନ୍ନ ସୂତ୍ରରୁ ବର ତଥା ବରଘରର ଆର୍ଥିକ, ସମାଜିକ ସ୍ଥିତି ଓ ବରର ଚରିତ୍ର ଆଦି ବିଷୟରେ ଖବର ସଂଗ୍ରହ କରନ୍ତି । ସନ୍ତୁଷ୍ଟ

ହେଲେ କନ୍ୟାଦାନ କରିବାକୁ ମତାମତ ଦିଅନ୍ତି । ବୈବାହିକ ସମ୍ବନ୍ଧ ସ୍ଥାପନରେ ବର ଓ କନ୍ୟାର ମତହିଁ ସର୍ବଶେଷ ମତ ଅଟେ। ଏଣୁ ସେମାନଙ୍କ ମତ ନେଇ ସମ୍ବନ୍ଧ ସ୍ଥାପନ କରିବା ଉଚିତ୍ । ବର ବା କନ୍ୟାର ଇଚ୍ଛା ବିରୁଦ୍ଧରେ ସମ୍ବନ୍ଧ ସ୍ଥାପନ କରିବା ଉଚିତ୍ ନୁହେଁ । କନ୍ୟା ଦେଖା ବା ବର ଦେଖାରେ ଯେପରି ଅଧିକ ଥର ଯିବାକୁ ନପଡ଼େ କିମ୍ବା ଅଧିକ ସଂଖ୍ୟକ ଲୋକ ନ ଯାଆନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ ହେବ । ଘରଦେଖା ସମୟରେ କନ୍ୟାପକ୍ଷ ନିଜ ସାଇ ସଭାପତି ବା ତାଙ୍କ ନିର୍ଦ୍ଦେଶ ମତେ ଜଣେ ସାଇ ସଦସ୍ୟଙ୍କୁ ସଙ୍ଗରେ ନେବେ । ଉଭୟ ପକ୍ଷ ସମ୍ବନ୍ଧ ପାଇଁ ରାଜି ହେଲେ ଆଗେ ବରପକ୍ଷ କନ୍ୟାକୁ ଗୁଡ଼ ନଡ଼ିଆ ଧରାଉଥିଲେ । ତା ପରେ ବରପକ୍ଷ କନ୍ୟାକୁ ମୁଦି ପିନ୍ଧାଉଥିଲେ । ଆଜିକାଲି ବରପକ୍ଷ କନ୍ୟାକୁ ଓ କନ୍ୟାପକ୍ଷ ବରକୁ ମୁଦି ପିନ୍ଧାଇବା ପରମ୍ପରା ସୃଷ୍ଟି କରୁଛନ୍ତି । ଏହି ବ୍ୟବସ୍ଥା ରହିବା ଉଚିତ୍ କି ନୁହେଁ ସେ ବାବଦରେ ସମାଜ ତରଫରୁ ଚିନ୍ତା କରାଯାଇ ବିହିତ ପଦକ୍ଷେପ ନିଆଯାଉ । ଘରବର ଦେଖା କିମ୍ବା ନିର୍ବନ୍ଧ ସମୟରେ କନ୍ୟାପକ୍ଷ ବା ବରପକ୍ଷ କେହି କାହାକୁ ଲୁଗାପଟା ଦେବେ ନାହିଁ । ବୈବାହିକ ସମ୍ବନ୍ଧ ସ୍ଥାପନ ପରେ ଯାଇ ପରସ୍ପରକୁ ବନ୍ଧୁ ଵେଭାର ଦେବେ ।

**୫୦ (ଘ) ଲଗ୍ନ ପତ୍ର :-** ଉଭୟ ପକ୍ଷ ବିବାହ ସମ୍ବନ୍ଧ ପାଇଁ ରାଜି ହୋଇଗଲେ ପୁରୋହିତଙ୍କ ଠାରୁ ଲଗ୍ନ ପତ୍ର ମାଗାଯାଏ । ପୁଅ ଓ ଝିଅର ରାଶି ନକ୍ଷତ୍ର ଅନୁସାରେ ଉଭୟ ପକ୍ଷଙ୍କ ସୁବିଧା ମତେ ବିବାହ ଲଗ୍ନ ଧାର୍ଯ୍ୟ କରାଯାଏ । ତଦନୁଯାୟୀ ଅତି କମରେ ବିବାହର ୧୦/୧୫ ଦିନ ଆଗରୁ ବା ଅତି ବେଶୀରେ ୨୦/୨୫ ଦିନ ବା ଏକମାସ ବ୍ୟବଧାନରେ ନିର୍ବନ୍ଧ ତାରିଖ ଧାର୍ଯ୍ୟ କରାଯାଇଥାଏ । ନିର୍ବନ୍ଧ ଅଧିକ ଦିନ ଆଗରୁ କରାଗଲେ ଅନେକ ଅସୁବିଧା ହୁଏ । କାରଣ ନିର୍ବନ୍ଧ ଦିନଠାରୁ ବିବାହ ଶେଷ ପର୍ଯ୍ୟନ୍ତ କିଛି ନିର୍ଦ୍ଦିଷ୍ଟ ନିୟମ ମାନିବାକୁ ହୁଏ । ଯାହା ଅଧିକ ସମୟ ପାଇଁ ପାଳନରେ ଅସୁବିଧା ହୋଇଥାଏ ।

**୫୧) ନିର୍ବନ୍ଧ :** - ନିର୍ବନ୍ଧ ଦିନଠାରୁ ହିଁ ବୈବାହିକ କାର୍ଯ୍ୟର ପ୍ରକୃତ ଅୟମାରମ୍ଭ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହାକୁ ଦିନଧରା ବୋଲି ମଧ୍ୟ କୁହାଯାଏ । ସାଧାରଣ ଭାଷାରେ ଏହାକୁ କନ୍ୟାର ଅଲଙ୍କାରଧାରଣ ବୋଲି କୁହାଯାଇଥାଏ । ଏହା ସାଧାରଣତଃ କନ୍ୟାଘରେ ପୁରୋହିତଙ୍କ ଦ୍ୱାରା ନିର୍ଦ୍ଧାରିତ ଶୁଭଲଗ୍ନରେ ଉଭୟ ପକ୍ଷଙ୍କ ସହମତିରେ ଓ ଉଭୟ ପକ୍ଷଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥାଏ । କେତେକ କ୍ଷେତ୍ରରେ ଉଭୟ ପକ୍ଷଙ୍କ ସମ୍ମତିରେ କୌଣସି ମନ୍ଦିରରେ ମଧ୍ୟ ଏହା ଅନୁଷ୍ଠିତ ହୋଇଥାଏ ।

ବରପକ୍ଷ ନିଜର ସୀମିତ ବନ୍ଧୁବାନ୍ଧବଙ୍କ ସହିତ କନ୍ୟାପାଇଁ ଆୟ୍ ଅଲଙ୍କାର ଓ ଲୁଗାପଟା ଏବଂ ପ୍ରସାଦ ଆଦି ଯଥା-ନଡ଼ିଆ, ମିଠେଇ, ଗୁଡ଼, କଦଳୀ ଓ ଫଳମୂଳ ଆଦି ନେବେ । (ନିର୍ବନ୍ଧ ପାଇଁ ଚୁଡ଼ା, ଖଇ ଓ ମୁଢ଼ି ଆଦି ନେବାକୁ ବାରଣ କରାଗଲା । ) ଯଦି ସମ୍ଭବ ଜଗନ୍ନାଥଙ୍କ ମହାପ୍ରସାଦ ମଧ୍ୟ ନିଆଯିବ ।

କନ୍ୟାପକ୍ଷରୁ ତାଙ୍କର ବନ୍ଧୁବାନ୍ଧବ ଓ ସାଇ ସଭାପତି ତଥା ସଦସ୍ୟ ଏବଂ ଗ୍ରାମର ପୁରୁଷ ଏବଂ ମହିଳାମାନେ ଉପସ୍ଥିତ ହେବେ । ସମସ୍ତଙ୍କ ଉପସ୍ଥିତିରେ ସଂକଳ୍ପ କରି ମନ୍ତ୍ରୋଚ୍ଚାରଣ ପୂର୍ବକ ନିର୍ବନ୍ଧ କାର୍ଯ୍ୟ ସମ୍ପନ୍ନ ହେବ । ସମସ୍ତଙ୍କ ଉପସ୍ଥିତିରେ ବୈବାହିକ ସମ୍ବନ୍ଧ ତଥା ବିବାହ ତିଥି ଆଦି ଘୋଷଣ କରାଯିବ । ସମସ୍ତଙ୍କ ସମ୍ମୁଖରେ ଆୟ୍ ଅଳଙ୍କାର ଆଦି କନ୍ୟାପାଇଁ ଦିଆଯିବ । ଏହି ବୈବାହିକ ସମ୍ବନ୍ଧର ପ୍ରମାଣ ସ୍ୱରୂପ କନ୍ୟାପକ୍ଷରୁ ବରପକ୍ଷକୁ ହଳଦିଆପତ୍ର ପ୍ରଦାନ କରାଯିବ। ହଳଦିଆ ପତ୍ରର ନମୂନା ନିୟମାବଳୀର ପରିଶିଷ୍ଟ ଙ୍‌ ର (୧) ପୃଷ୍ଠା-୮୦ ରେ ଉଲ୍ଲେଖ ଅଛି । ଉକ୍ତ ହଳଦିଆ ପତ୍ରକୁ ଲାଲ୍ କାଳୀରେ ପୂରଣ କାରାଯିବ । ଏଥିରେ କନ୍ୟାପକ୍ଷ ଓ ବରପକ୍ଷ ତଥା ସାଇ ସଭାପତି ବା ସାଇ ସଦସ୍ୟ, ଦୁଇଜଣ ଗ୍ରାମବାସୀ ଓ ପୁରୋହିତ ସ୍ୱାକ୍ଷର କରିବେ। ସେହି ହଳଦିଆ ପତ୍ର ମାନଙ୍କ ରେ ପୁରୋହିତ ମଙ୍ଗଳ

ଉଚ୍ଚାରଣ ପୂର୍ବକ ହଳଦୀ ଲେପନ କରିବେ ଓ ଗୋଟିଏ କପିକୁ ନୂଆଁ ବସ୍ତ୍ରରେ ଗୁଡ଼ାଇ ଏକ ନୂତନ କଂସା/ପିତଳ ପାତ୍ରରେ ତୁଳସୀ ଚଉରା ମୂଳରେ ରଖିଦେବେ । ବରପକ୍ଷ ଖିଆପିଆ ସାରି ବିଦାୟ ନେଇ ନିଜଘରକୁ ଗଲାବେଳେ କନ୍ୟାପକ୍ଷର ମୁରବୀ ସମ୍ମାନର ସହିତ ବରପକ୍ଷର ମୁରବୀଙ୍କୁ ତାହା ଧରାଇ ଦେବେ । ବରପକ୍ଷର ମୁରବୀ ସମ୍ମାନର ସହିତ ତାକୁ ଗ୍ରହଣ କରି ପ୍ରସ୍ଥାନ କରିବେ। ଅବଶିଷ୍ଟ ଦୁଇ କପିରୁ କନ୍ୟାପକ୍ଷ ଗୋଟିଏ କପି ରଖିବେ ଓ ଗୋଟିଏ କପି ଯାଇ କମିଟୀକୁ ଦିଆଯିବ ।

ନିର୍ବନ୍ଧ କାର୍ଯ୍ୟ ସରିଲାପରେ ଯାଇ ବନ୍ଧୁ ନିମନ୍ତ୍ରଣ କାର୍ଯ୍ୟ ଆରମ୍ଭ ହେବ । ନିର୍ବନ୍ଧ ତିଥି ଓ ବିବାହ ତିଥି ମଧ୍ୟରେ ଅତି କମ୍ ବା ଅତି ବେଶୀ ବ୍ୟବଧାନ ରହିବ ନାହିଁ । ନିମନ୍ତ୍ରଣ ପତ୍ର ଆଦି ବଣ୍ଟନ ଓ ଅନ୍ୟାନ୍ୟ ଆନୁସାଂଗିକ କାର୍ଯ୍ୟ ସଂପାଦନ ପାଇଁ କିଛି ଦିନ ସମୟ ଲାଗିବ । ନିର୍ବନ୍ଧ ତିଥିରୁ ବିବାହ ପର୍ଯ୍ୟନ୍ତ କେତେକ ନିର୍ଦ୍ଦିଷ୍ଟ ସାମାଜିକ ନୀତିନିୟମ ମାନିବାକୁ ପଡ଼ିଥାଏ । ନିର୍ବନ୍ଧ ଓ ବିବାହ ତିଥି ମଧ୍ୟରେ ଲମ୍ବା ବ୍ୟବଧାନ ରହିଲେ ଏହା ପାଳନରେ ଅସୁବିଧା ସୃଷ୍ଟି ହୁଏ । ଏଣୁ ଏହି ବ୍ୟବଧାନ ଅତି କମରେ ୧୦/୧୫ ଦିନରୁ ଅତି ବେଶୀରେ ୨୫/୩୦ ଦିନ ମଧ୍ୟରେ ହେବା ବିଧେୟ । ଉଭୟ ପକ୍ଷ ବିଚାର କରି ଏହା ସ୍ଥିର କରିବେ ।

**୫୨ (କ) ବିବାହ ପାଇଁ ବନ୍ଧୁ ନିମନ୍ତ୍ରଣ :-** ବିବାହ ପାଇଁ ବନ୍ଧୁ ବାନ୍ଧବ ମାନଙ୍କୁ ନିମନ୍ତ୍ରଣ କରିବା ପୂର୍ବରୁ ଜଗନ୍ନାଥମହାପ୍ରଭୁ ଓ କୁଳ ଦେବତା କୁବେରଙ୍କୁ ତଥା ଗ୍ରାମର ଦେବାଦେବୀମାନଙ୍କୁ ନିଜ ପୁତ୍ର/କନ୍ୟାର ବିବାହର ମଙ୍ଗଳ କାମନା କରି ନିମନ୍ତ୍ରଣ କରିବା ପରେ ବନ୍ଧୁବାନ୍ଧବମାନଙ୍କୁ ଗୁଆ ଦେଇ ନିମନ୍ତ୍ରଣ କରାଯିବ । ଗୁଆ ସହିତ କାର୍ଡ ମଧ୍ୟ ଦିଆଯାଇପାରେ । ସର୍ବ ପ୍ରଥମେ ମାମୁଘରକୁ ନିମନ୍ତ୍ରଣ କଲାପରେ

ଅନ୍ୟ ବନ୍ଧୁ ବାନ୍ଧବ ମାନଙ୍କୁ ନିମନ୍ତ୍ରଣ କରାଯିବ । ମାମୁଘରକୁ ୧୫ ଗୋଟି ଗୁଆ ଦିଆଯିବ । ଯାହାକୁ ମଉଳା ଗୁଆ ବୋଲି କୁହାଯାଏ । ଅନ୍ୟାନ୍ୟ ବନ୍ଧୁମାନଙ୍କୁ ୧୦ ଗୋଟି ଗୁଆ ଦିଆଯିବ ଏହାକୁ ବନ୍ଧୁ ଗୁଆ କୁହାଯାଏ । ବନ୍ଧୁବାନ୍ଧବମାନଙ୍କୁ ମଧ୍ୟ ଗୁଆ ସହିତ କାର୍ଡ ଦିଆଯିବ । ବନ୍ଧୁ ଭିନ୍ନ ନିଜ ଜାତିର ଲୋକଙ୍କୁ ଓ ନିଜଜାତି ଭିନ୍ନ ଅନ୍ୟ ଜାତିର ଇଷ୍ଟ ମିତ୍ରଙ୍କୁ କାର୍ଡ ଦ୍ୱାରା ନିମନ୍ତ୍ରଣ କରାଯିବ । ସାଇ ଭାଇମାନଙ୍କୁ ବ୍ୟକ୍ତିଗତ ଭାବରେ କାର୍ଡ ଦେଇ ନିମନ୍ତ୍ରଣ କରାଯିବ ନାହିଁ । ସାଇ ସଭାପତି ସେମାନଙ୍କୁ ନିର୍ଦ୍ଦିଷ୍ଟ ଦିନ ଉକ୍ତ ବିବାହରେ ଅନୁଷ୍ଠିତ ସାଇସଭାରେ ଯୋଗ ଦେବାକୁ ଫୋନ ବା ପତ୍ର ମାଧ୍ୟମରେ ଜଣାଇ ଦେବେ । ନିଜର ବଂଶୀୟ ଭାଇମାନଙ୍କୁ ଗୁଆ ବା କାର୍ଡ ଦିଆଯିବ ନାହିଁ । ଉକ୍ତ ବିବାହ ଉତ୍ସବରେ ଯୋଗଦେବାକୁ ସେମାନଙ୍କୁ ମୌଖିକ ଭାବରେ ବା ଫୋନ୍ ମାଧ୍ୟମରେ ଜଣାଇ ଦିଆଯିବ ।

**୫୨ (ଖ) ସାଇ ସ୍ୱୀକାର :-** ନିର୍ବନ୍ଧ ପୂର୍ବରୁ ଝିଅ ଓ ପୁଅର କର୍ତ୍ତା ନିଜର ସାଇ ସଭାପତିଙ୍କ ଠାରୁ ଅନୁଷ୍ଠିତ ହେବାକୁ ଯାଉଥିବା ବିବାହ ପାଇଁ ସ୍ୱୀକାର ନେବେ । ସେହି ସମୟରେ ସେ କାହା ସହିତ ନିଜ ପୁଅ ବା ଝିଅର ବିବାହ ସଂପର୍କ ସ୍ଥାପନ କରୁଛନ୍ତି ତାହାର ବିବରଣୀ ପ୍ରଦାନ କରିବେ । କୁବେର ସମାଜର ପୁଅ ବା ଝିଅଙ୍କ ମଧ୍ୟରେ ବିବାହ ଅନୁଷ୍ଠିତ ହେଉଥିଲେ, ସଭାପତି ସ୍ୱୀକାର ଦେବେ । ଅନ୍ୟଥା ଦେବେ ନାହିଁ । ସାଇସ୍ୱୀକାର ବିନା ଉକ୍ତ ବିବାହକୁ ବୈଧ ବୋଲି ସମାଜ ତରଫରୁ ଗ୍ରହଣ କରାଯିବ ନାହିଁ ।

**୫୨ (ଗ)** ସାଇଠାରୁ ସ୍ୱୀକାର ମାଗିବା ସମୟରେ ସଭାପତିଙ୍କୁ ସମ୍ମାନ ସ୍ୱରୂପ ୧୦ ଗୋଟି ଗୁଆ କିଛି ଗୁଡ ଓ ଟ.୫ (ପାଞ୍ଚଟଙ୍କା) ମାତ୍ର ଦିଆଯିବ ।

**୫୩ (କ) ବରଧରା**

ବରଯାତ୍ରା ପୂର୍ବରୁ କନ୍ୟାଘର ବରଘରକୁ ଯାଇ "ବରବରଣ ବା ବରଧରା" କରିବା ବ୍ୟବସ୍ଥା ରହିଛି । ଏତଦ୍ଦ୍ୱାରା ଦୁଇଗୋଟି କାର୍ଯ୍ୟ ସଂପନ୍ନ ହୋଇଥାଏ । ୧) ବରବରଣ ୨) ବରପକ୍ଷର ବରଯାତ୍ରା

ସଂକ୍ରାନ୍ତୀୟ ବିବରଣୀ ସଂଗ୍ରହ । ଯଥା ୧) କେତେବେଳେ ବରଯାତ୍ରା ବାହାରିବ, ୨) କେତେବେଳେ କନ୍ୟା ଗ୍ରାମରେ ପହଞ୍ଚିବ, ୩) ବରଯାତ୍ରାରେ କେତେଜଣ ଆସିବେ, ୪) କି କି ସାଜସଜ୍ଜା, ବାଜା, ନାଚ ଆଦି ଯିବ । ଏ ସବୁ ଜାଣିବା ଦ୍ୱାରା କନ୍ୟାଘରେ ଆଗୁଆ ପ୍ରସ୍ତୁତ ହୋଇ ତଦନୁଯାୟୀ ବିଭିନ୍ନ ବ୍ୟବସ୍ଥା କରିଥାନ୍ତି । ଆଗେ ପୂର୍ବାଞ୍ଚଳରେ କୁବେର ସମାଜର ଜାତିଭାଇ ମାନେ ବହୁଳ ଭାବରେ ନିକଟବର୍ତ୍ତୀ ଗ୍ରାମ ଗୁଡ଼ିକରେ ରହୁଥିଲେ । ଏବଂ ସେହି ସେହି ଗ୍ରାମର ପୁଅଝିଅଙ୍କ ମଧ୍ୟରେ ବୈବାହିକ ସଂପର୍କ ସ୍ଥାପିତ ହେଉଥିଲା । ଅତି ବେଶୀରେ ୧୫/ ୨୦ କି.ମି ମଧ୍ୟରେ ସଂପର୍କ ସ୍ଥାପିତ ହେଉଥିଲା । ସେତେବେଳେ ଯୋଗାଯୋଗ ବ୍ୟବସ୍ଥା ସେତେ ଉନ୍ନତ ନଥିବାରୁ କନ୍ୟାପକ୍ଷ ବରଧରା ନାଁରେ ବରଘରକୁ ଯାଇ ବିଭିନ୍ନ ଖବର ଆଗତୁରା ସଂଗ୍ରହ କରୁଥିଲେ । ବର୍ତ୍ତମାନ ପଶ୍ଚିମ ଓଡ଼ିଶା ବା ଛତିଶଗଡ଼ରେ କୁବେର ସମାଜର ଜାତିଭାଇମାନେ ଦୂର ଦୂର ସ୍ଥାନରେ ରହୁଛନ୍ତି । ଏପରି କି ଟିଟିଲ୍ଲାଗଡ଼ କିମ୍ବା ଜୁନାଗଡ଼ର ପୁଅଝିଅ ପାଇଁ ଛତିଶଗଡ଼ର ରାୟଗଡ଼ ଜିଲ୍ଲାର ପୁଅଝିଅଙ୍କ ସହିତ ବୈବାହିକ ସଂପର୍କ ସ୍ଥାପିତ ହେଉଅଛି । ଯାହାକି ୨୦୦/୩୦୦ କି.ମି. ରୁ ବି ଦୂର । ଏତେ ଦୂର ବାଟ ବରଧରା କରିଯିବା ପାଇଁ ସମ୍ଭବ ବା ସୁବିଧା ଜନକ ହେଉ ନାହିଁ । ପୁନର୍ବାର ଆଧୁନିକ ଯୁଗରେ ଯୋଗାଯୋଗ ବ୍ୟବସ୍ଥା ଏତେ ଉନ୍ନତ ହେଲାଣି ଯେ, କେଇ ମିନିଟ୍ ମଧ୍ୟରେ ହଜାର ହଜାର କି.ମି. ଦୂରର ଖବର ସଙ୍ଗେ ସଙ୍ଗେ ଜାଣି ହେଉଛି । ଏପରି ସ୍ଥଳେ ବରଧରା କାର୍ଯ୍ୟ ବରଘରେ ହେବ କି କନ୍ୟାଘରେ ହେବ ତାହା ଉଭୟ ପକ୍ଷ ସ୍ଥିର କରିବେ । ଯଦି କନ୍ୟାର ଗାଁରେ ହେବ ତେବେ ବରଯାତ୍ରା କନ୍ୟା ଗ୍ରାମରେ ପହଞ୍ଚିଲା ପରେ ଶୋଭାଯାତ୍ରା ପୂର୍ବରୁ ବରଧରା କାର୍ଯ୍ୟ ଶେଷ କରିବାକୁ ପଡ଼ିବ ।

**୫୩(ଖ) ବରଧରା ପାଇଁ ଆବଶ୍ୟକ ସାମଗ୍ରୀ :-**

୧) ଧୋତି ଓ ଗାମୁଛା ୧ ଯୋଡ଼ା

୨) ନଡ଼ିଆ ୧ଗୋଟି
୩) ସିନ୍ଦୁର, ଚନ୍ଦନ, ଫୁଲ, ଫୁଲମାଳା ଇତ୍ୟାଦି ।
୪) ବସିବା ପାଇଁ ଗୋଟିଏ ଆସନ (ପଟି)
୫) ପିତ୍ତଳ ନିର୍ମିତ ପାତ୍ର ୧ ଗୋଟି ।

ବରପକ୍ଷରୁ କନ୍ୟାପକ୍ଷକୁ ମଧ୍ୟ ପ୍ରତିବଦଳରେ ବସ୍ତ୍ରରେ ସମ୍ମାନିତ କରାଯିବ ।

**୫୪) ବରଯାତ୍ରା :-**

ବରଯାତ୍ରାରେ ଗଲାବେଳେ ନିମ୍ନମତେ କେତେକ ସାମାଜିକ ରୀତିମାନିବାକୁ ପଡ଼ିବ ।

୧) ବର ଉପଯୁକ୍ତ ସାଜସଜ୍ଜାରେ ବରଯାତ୍ରାରେ ଯିବ । ସେହି ସମୟରେ ହାତରେ ଗୋଟିଏ ଗୁଆକାତି ଓ ନଡ଼ିଆ ଧରି ଯିବ ।

୨) ବର ସହିତ ତାର ସାନଭାଇ (ଯଦି ନିଜର ସାନଭାଇ ନ ଥାନ୍ତି ତେବେ ସଂପର୍କୀୟ ସାନଭାଇ) ବରଭାଇ ଭାବରେ ସଜ୍ଜିତ ହୋଇ ବର ସାଥୀରେ ଯିବ ।

୩) ବର, ବରଯାତ୍ରାରେ ଗଲାବେଳେ ମୁକୁଟ ଧାରଣ କରିବ ନାହିଁ । ମୁଣ୍ଡରେ କେବଳ ପଗଡ଼ି ବାନ୍ଧି ଯିବ । କନ୍ୟାଘରେ ଉପଯୁକ୍ତ ସମୟରେ ପୁରୋହିତ ମନ୍ତ୍ରୋଚ୍ଚାରଣ ଦ୍ୱାରା ମନ୍ତ୍ରପୂତ କରି ଉଭୟ ବର ଓ କନ୍ୟାକୁ ମୁକୁଟ ପିନ୍ଧାଇବାକୁ ନିର୍ଦ୍ଦେଶ ଦେଲେ ଯାଇ ଏହା ପିନ୍ଧାହେବ ।

**୫୫ (କ) ସଭା ବରଣ :-** ବରଯାତ୍ରୀ ଦଳ କନ୍ୟା ଗ୍ରାମରେ ପହଞ୍ଚିବା ପରେ ପ୍ରଥମେ କନ୍ୟା ପକ୍ଷରୁ ବରଧରା କରାଯିବ (ଯଦି ଆଗରୁ ଏହା ହୋଇ ନ ଥିବ) ତତ୍‌ପରେ ବର ପକ୍ଷରୁ ୫/୭ ଜଣ ଯାଇ କନ୍ୟା ପକ୍ଷର ସାଇ ସଭାରେ ଉପସ୍ଥିତ ହୋଇ ଏକ ଗାଇଗୁଆ ତଥା ଏଗାର ଟଙ୍କା ସଭାମାନ୍ୟ ଦେଇ ଉପସ୍ଥିତ ସାଇ ସଭା ପ୍ରତି ତଥା ସଦସ୍ୟମାନଙ୍କୁ

ଉପଯୁକ୍ତ ସମ୍ମାନ ପ୍ରଦର୍ଶନ ପୂର୍ବକ ବରକୁ ଶୋଭାଯାତ୍ରାରେ କନ୍ୟା ଘରକୁ ଆଣିବାକୁ ଅନୁମତି ଭିକ୍ଷା କରିବେ । କନ୍ୟା ସାଇରୁ ଏଥିପାଇଁ ଅନୁମତି ଦେବା ସଙ୍ଗେ ସଙ୍ଗେ ନିଜେ ମଧ୍ୟ ଶୋଭାଯାତ୍ରାରେ ସାମିଲ ହେବେ ।

**୫୫ (ଖ) ବାଟ ବରଣ :-** ଜଳଯୋଗ କଲାପରେ ବରଯାତ୍ରୀ ଦଳ ଉପଯୁକ୍ତ ଶୃଙ୍ଖଳାର ସହିତ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବେ । କନ୍ୟାଘର ଅତି ଅଳ୍ପଦୂର ଥିବା ପରେ ବାଟ ବରଣ କରାଯିବ । କନ୍ୟା ପକ୍ଷର ଜଣେ ମୁରବି (କନ୍ୟାର ପିତା, ମାମୁ, ବଡ଼ଭାଇ ବା କାକା) ଆସି ଉପଯୁକ୍ତ ସମ୍ମାନର ସହିତ ବରକୁ ବରଣ କରି କନ୍ୟାଘରକୁ ନେବେ ।

**ଆବଶ୍ୟକ ସାମଗ୍ରୀ :-**

୧) ଗୋଟଏ ପିଣ୍ଡା, ୨) ତାଳେ ପାଣି, ୩) ଫୁଲମାଳ , ୪) ଧୋତି ଗାମୁଛା ୧ ଯୋଡ଼ା ।

**୫୬) ବର ବନ୍ଦାଣ :-** ବର କନ୍ୟାଘରକୁ ପ୍ରବେଶ କରିବା ପୂର୍ବରୁ ଘରର ମହିଳାମାନେ କଳସ ସ୍ଥାପନ କରି ଦୀପ ଜଳାଇ ବରକୁ ସମ୍ମାନର ସହିତ ବନ୍ଦାଇବେ । ବନ୍ଦାଣ ପରେ ବରକୁ ନେଇ ଏକ ସ୍ୱତନ୍ତ୍ର ସ୍ଥାନରେ ଜାଗା ଦେବେ । ବନ୍ଦାଣ ବେଳେ କୁଲା ଓ ସପ୍ତମୁଖୀ ଦୀପ ବ୍ୟବହୃତ ହେବ ।

**୫୭ ଗୁଆଳି ସଭା :-** ବିବାହ ଦିନ କନ୍ୟାଘରେ ଗୁଆଳି ସଭାର ଆୟୋଜନ କରାଯିବ । ଏହି ସଭାରେ ଉଭୟ ପକ୍ଷର ସାଇ ସଦସ୍ୟ ତଥା ବନ୍ଧୁବାନ୍ଧବ ଉପସ୍ଥିତ ରହିବେ । ଏହି ସଭାରେ କନ୍ୟାପକ୍ଷରୁ ଗୁଆ ବଣ୍ଟାଯିବ । ଉଭୟ ପକ୍ଷରୁ ଛନ୍ଦାବନ୍ଧା ଗ୍ରହଣ କରାଯିବ । ବରପକ୍ଷରୁ ଆସିଥିବା ମିଠେଇ, କଦଳୀ, ନଡ଼ିଆ ସଭାରେ ବଣ୍ଟନ କରାଯିବ । ଏହି ସଭାରେ ଉଭୟ ସାଇ ବସି ଉଭୟ ବନ୍ଧୁଙ୍କ ମଧ୍ୟରେ ପ୍ରଥମ ଗୁଆ ଆଦାନ ପ୍ରଦାନ କରାଯିବ । ସାମାଜିକ ସ୍ତରରେ ଏହା ଉଭୟ ବନ୍ଧୁଙ୍କ ମଧ୍ୟରେ ପ୍ରଥମ ବନ୍ଧୁତା ପ୍ରତିଷ୍ଠା କହିଲେ ଚଳେ । ଉଭୟ ବନ୍ଧୁଙ୍କ ମଧ୍ୟରେ ପ୍ରଥମ ଗୁଆ ଦିଆନିଆ ହେଉଥିବାରୁ ଏହାକୁ ଗୁଆଳି ସଭା କୁହାଯାଏ ।

**୫୮) ବିବାହ କାର୍ଯ୍ୟ :-** ଲଗ୍ନପତ୍ରର ବ୍ୟବସ୍ଥା ଅନୁସାରେ ଉପଯୁକ୍ତ ଲଗ୍ନରେ କନ୍ୟାଘରେ ବା ନିର୍ଦ୍ଦିଷ୍ଟ ମନ୍ଦିରରେ ବା କୌଣସି ମଣ୍ଡପରେ ପୁରୋହିତଙ୍କ ଦ୍ୱାରା ବୈଦିକ ରୀତିରେ ବିବାହ କାର୍ଯ୍ୟ ସଂପନ୍ନ ହେବ । ବିବାହ ବେଦୀରେ ବରକନ୍ୟାଙ୍କ ହସ୍ତବନ୍ଧନ ଅନୁଷ୍ଠିତ ହେବ । କନ୍ୟାର ପିତା ଓ ମାତା କନ୍ୟା ସମର୍ପଣ କରିବେ । ବର ପିତା ଓ କନ୍ୟା ପିତାଙ୍କ ମଧ୍ୟରେ ବନ୍ଧୁ ମିଳନ (ସମୁଦି ଭେଟ) ଅନୁଷ୍ଠିତ ହେବ । ପରସ୍ପର ପରସ୍ପରଙ୍କୁ ସମ୍ମାନର ସହିତ ଆଲିଙ୍ଗନ ପୂର୍ବକ ନବବସ୍ତ୍ର କାନ୍ଧରେ ପକାଇ ସମ୍ମାନିତ କରିବେ ।

**୫୯) ଶଳାବିଧା :-** ପୂର୍ବ ପ୍ରଚଳିତ ପ୍ରଥା ଅନୁସାରେ କନ୍ୟା ଓ କନ୍ୟାର ଭ୍ରାତା ମଧ୍ୟରେ ରହିଥିବା ଅତୁଟ ସ୍ନେହ ଶ୍ରଦ୍ଧା ଓ ସମ୍ମାନର ଚିହ୍ନ ସ୍ୱରୂପ ଶଳାବିଧା ଅନୁଷ୍ଠିତ ହେବ । ଅନେକ କ୍ଷେତ୍ରରେ କନ୍ୟାର ଭାଇ ପ୍ରଚଳିତ ପ୍ରଥାନୁସାରେ ବରକୁ ଜୋର୍ ରେ ବିଧାଏ ମାରୁଥିଲା ମାତ୍ର ଏହି ବିଧା ମାରିବାକୁ ଉଠାଇ ଦିଆଗଲା । ଏଣୁ ଏଣିକି କନ୍ୟାର ଭାଇ ନିଜ ଭଉଣୀଙ୍କୁ ବରକୁ ସମର୍ପଣ କରିବାର ଘୋଷଣା କରି ବର ଓ କନ୍ୟାଙ୍କ ହସ୍ତ ବନ୍ଧନ ଖୋଲି ଉଭୟଙ୍କୁ ସଭକ୍ତି ପ୍ରଣାମ କରିବ । ବର ପକ୍ଷରୁ ତାଙ୍କୁ ନବବସ୍ତ୍ରରେ ସମ୍ମାନିତ କରାଯିବ ।

**୬୦) କନ୍ୟା ବିଦାୟ :-** ବିବାହ କାର୍ଯ୍ୟ ସରିବା ପରେ କନ୍ୟାପକ୍ଷ କନ୍ୟାକୁ ବରଯାତ୍ରୀ ଦଳଙ୍କ ସହିତ ବରଗ୍ରାମକୁ ଯିବାକୁ ବିଦାୟ ଦେବେ । ସେହି ସମୟରେ କନ୍ୟାପକ୍ଷରୁ ବର ଘରକୁ ବିଭିନ୍ନ ମାଙ୍ଗଳିକ କାର୍ଯ୍ୟରେ ଭାଗନେବାକୁ ଯିବେ ।

**୬୧) କାଇ ରଗଡ଼ା :-** ନିର୍ବନ୍ଧ କାର୍ଯ୍ୟ ସରିଲା ପରେ ଶୁଭବେଳାରେ ଉଭୟ କନ୍ୟା ଓ ବର ଘରେ ସାତ ଜଣ ସଧବା ସ୍ତ୍ରୀ ଲୋକଙ୍କ ଦ୍ୱାରା କିଛି ମୁଗକୁ ଏକ ଯନ୍ତାରେ ରଗଡ଼ା ଯାଏ । କାଇରଗଡ଼ା ପରେ ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣ କରାଯାଏ । ପ୍ରଥମେ ମାମୁଁ ଘରକୁ ନିମନ୍ତ୍ରଣ କରାଯାଏ ।

୬୨) ମଙ୍ଗଳ କୃତ୍ୟ :- (ମଙ୍ଗନ) ବିବାହ କାର୍ଯ୍ୟରେ ସର୍ବପ୍ରଥମେ ଦେବପିତୃ ନିମନ୍ତ୍ରଣ ନିମନ୍ତେ ମଙ୍ଗନ ହାଣ୍ଡି (ପୋଡ଼ା ହୋଇ ନ ଥିବା ଏକ ମାଟି ପାତ୍ରକୁ) ଦେଇ ପିଣ୍ଡିରେ ସ୍ଥାପନ କରି ଉକ୍ତ ହାଣ୍ଡିରେ ବିରିଡାଲି, ଚାଉଳ, ମିଠେଇ, ପିଠା ଇତ୍ୟାଦି ରଖାଯାଏ । ବିବାହ ବେଦୀ ପକାଇ ତହିଁରେ କାଣ୍ଡ କଳସୀ ସ୍ଥାପନ କରାଯାଏ । ଉଭୟ ବର ଓ କନ୍ୟା ଘରେ ଏହି ବିଧି ପାଳନ କରାଯାଏ । ଏହି ଦିନ ଠାରୁ ଚଉଠୀ ଓ ସପ୍ତମଙ୍ଗଳା ପାଳନ ବିଧି ହିସାବ କରାଯାଏ ।

୬୩) ମଙ୍ଗଳପାକ :- ବିବାହର ପୂର୍ବଦିନ ବା ଅସୁବିଧା ସ୍ଥଳେ ବିବାହ ଦିନ (ସକମଙ୍ଗନ) ମଙ୍ଗଳକୃତ୍ୟ କରାଯାଏ । ଏହି ଦିନ ବର ଓ କନ୍ୟା ଉଭୟ ଘରେ କ୍ଷୀରି ପିଠା ଆଦି କରାଯାଇ ଜାତି ଭାଇ ଓ ବନ୍ଧୁବାନ୍ଧବ ମାନଙ୍କୁ ଆପ୍ୟାୟିତ କରାଯାଏ । ଏହାକୁ ମଙ୍ଗଳପାକ କୁହାଯାଏ ।

୬୪) କୋଇଲି ବୁଡ଼ :- ସ୍ଥାନୀୟ ଦେବତା ମନ୍ଦିରକୁ ଯାଇ ପୂଜାରୀ (ଝାଙ୍କର) ଦ୍ୱାରା ଦେବତା ପୂଜା ପରେ ଘରର ମହିଳାମାନେ ପଡ଼ୋଶୀ ସାତ ଘର ବୁଲି ସାତ ଘରୁ ୭ ଲୋଟା ପାଣି ସଂଗ୍ରହ କରିବେ । ଏହି ପାଣି ଘରର ଜଣେ ସଧବା ମହିଳା ବୋହିଥିବା କାଣ୍ଡ କଳସୀରେ ସଂଗ୍ରହ କରି ନିଜ ଘରକୁ ଅଣାଯିବ । ଘରେ ସେହି ପାଣିରେ ବର ବା କନ୍ୟାକୁ ୭ ଜଣ ସଧବା ମହିଳା ଗାଧୋଇ ଦେବେ । ଏହାକୁ କୋଇଲି ବୁଡ଼ କୁହାଯାଏ । କୋଇଲି ବୁଡ଼ ପରେ ବର ବା କନ୍ୟା ନୂତନ ବସ୍ତ୍ର ଧାରଣ ପୂର୍ବକ ପୁରୋହିତ ବା ଗୁରୁଙ୍କ ଠାରୁ କର୍ଣ୍ଣମନ୍ତ୍ର ବା ଗୁରୁମନ୍ତ୍ର ଗ୍ରହଣ କରିବେ ।

୬୫) ବିବାହ ବେଦୀ :-
ପ୍ରତ୍ୟେକ ଜାତିର ବିବାହ କାର୍ଯ୍ୟରେ ବେଦୀର ବିଶେଷ ଭୂମିକା ରହିଛି । ବେଦୀର ସାଜସଜ୍ଜା ଆଦିରୁ ବିଭିନ୍ନ ଜାତିର ସ୍ୱତନ୍ତ୍ରତା ବାରିହୁଏ ।

କୁବେର ସମାଜର ଉଭୟ ବର ଓ କନ୍ୟା ଘରେ ବେଦୀ ତିଆରି କରାଯାଇଥାଏ। ବେଦୀର ଚାରି କୋଣରେ ୪ ଖଣ୍ଡ ଗବ (ଜଡ଼ା) କାଣ୍ଡ (ଡାଙ୍ଗ) ପୋତା ଯାଇ ଉପରେ ମଧ୍ୟ କେତେ ଖଣ୍ଡ ଡାଙ୍ଗ ଦେଇ କଦଳୀ ପତ୍ର ଦ୍ୱାରା ବେଦୀକୁ ଆଚ୍ଛାଦିତ କରାଯାଇଥାଏ । ବେଦୀରେ ଖଣ୍ଡେ ବାଉଁଶ ଡାଳ ପୋତା ଯାଏ । ଏକ ମାଟି କଳସୀରେ ଏକ ଶର ରଖାଯାଇ ତାକୁ ବେଦୀରେ ରଖାଯାଏ । ଏହାକୁ **କାଣ୍ଡ କଳସୀ** ବୋଲି କୁହାଯାଏ । ବେଦୀରେ ୫ କଡ଼ା ସମୁଦ୍ର କଉଡ଼ି ପୋତାଯାଏ । ଉକ୍ତ ବେଦୀରେ ଅନ୍ୟାନ୍ୟ ସାମଗ୍ରୀ ସହିତ ଏକ କୁଲା ଓ ସାତ ମୁହାଁ ଦୀପ ରଖାଯାଏ । ଏଣୁ ଏଣିକି ବେଦୀରେ କୁଳ ଦେବତା କୁବେରଙ୍କ ଫଟୋ ରଖି ତାଙ୍କର ପୂଜା କାରାଯିବ । ମଙ୍ଗଳା ଚରଣ ସମୟରେ ପୁରୋହିତ କୁବେରଙ୍କ ନାମ ମଧ୍ୟ ଉଚ୍ଚାରଣ କରିବେ । ତାଙ୍କୁ ସାକ୍ଷୀରଖି ବିବାହ କାର୍ଯ୍ୟ ସମ୍ପନ୍ନ ହେବ।

ଏହି ବେଦୀରେ ବିବାହ ପୂର୍ବର ବିଭିନ୍ନ ଆନୁସଙ୍ଗିକ କାର୍ଯ୍ୟ ସହିତ କନ୍ୟାଘରେ ବିବାହ କାର୍ଯ୍ୟ, ହସ୍ତବନ୍ଧନ, କନ୍ୟାଦାନ ଆଦି ସଂପନ୍ନ ହୋଇଥାଏ । ପତିପତ୍ନୀଙ୍କ ମଧ୍ୟରେ କଉଡ଼ି ଖେଳ ମଧ୍ୟ ଅନୁଷ୍ଠିତ ହୋଇଥାଏ ।

### ୬୬ (କ) ଗୁଆ ଓ ଏହାର ଗୁରୁତ୍ୱ :-

ସାମାଜିକ କାର୍ଯ୍ୟ ବିଶେଷ କରି ବୈବାହିକ କାର୍ଯ୍ୟରେ ଗୁଆର ପ୍ରଚଳନ ସହିତ ପ୍ରାୟ ସମସ୍ତେ ପରିଚିତ । କୁବେର ସମାଜରେ ଗୁଆର ବିଶେଷ ଭୂମିକା ରହିଛି । ଏହାକୁ ପୂଜା କାର୍ଯ୍ୟରେ ତ ବ୍ୟବହାର କରାଯାଏ । ତା ବାହାରେ ବନ୍ଧୁତାର ନିଦର୍ଶନ ସ୍ୱରୂପ ମଧ୍ୟ ବ୍ୟବହାର କରାଯାଏ । ବନ୍ଧୁ ବାନ୍ଧବ ମାନଙ୍କୁ ଗୁଆ ଦ୍ୱାରା ନିମନ୍ତ୍ରଣ କରାଯାଏ । ବୈବାହିକ କାର୍ଯ୍ୟ ହେଲାବେଳେ ଯେଉଁ ସାମାଜିକ ସଭା ଅନୁଷ୍ଠିତ ହୁଏ ସେଠାରେ ଉପସ୍ଥିତ ଥିବା ଲୋକଙ୍କୁ ନିମ୍ନ ପ୍ରକାରେ ୪ ପ୍ରକାର ଗୁଆ ଦିଆଯାଏ ।

୧ ) ମଉଳା ଗୁଆ - ୧୫ଟି
୨ ) ବନ୍ଧୁ ଗୁଆ - ୧୦ ଟି
୩ ) ଉପସ୍ଥିତ ସାଇଭାଇମାନଙ୍କୁ ଭାଇଗୁଆ - ୧୦ ଟି
୪ ) ନିଜ ସାଇ ବ୍ୟତୀତ ଅନ୍ୟସାଇରୁ କୌଣସି ନୂଆଁ ଲୋକ (ଯିଏ କି ବନ୍ଧୁ ନୁହନ୍ତି )ଙ୍କୁ ଅପୂର୍ବୀଗୁଆ ୧୦ଟି ଦିଆଯାଏ ।

ଖ ) ଗୁଆ କଟା :-

୧ )ଯଦି କୌଣସି ବନ୍ଧୁ ଏପରି ବିବାହ କାର୍ଯ୍ୟରେ କୌଣସି ଅନିବାର୍ଯ୍ୟ କାରଣରୁ ଉପସ୍ଥିତ ନ ହୁଅନ୍ତି ବା ବନ୍ଧୁ ବେଭାର୍ ନ ପଠାନ୍ତି ତେବେ ସବୁ ଦିନ ପାଇଁ ତାଙ୍କର ବନ୍ଧୁଗୁଆ କଟିଯିବ । ଅର୍ଥାତ୍ ଉଭୟ୍ ବନ୍ଧୁଙ୍କ ମଧ୍ୟରେ ବନ୍ଧୁ ବିଚ୍ଛେଦ ଘଟିଲା ବୋଲି ଧରାଯିବ । ଏହା ବନ୍ଧୁ ପ୍ରତି ଏକ ଅପମାନ ଅଟେ ।

୨ ) କୌଣସି ସାଇ ଭାଇ ମଧ୍ୟ ସାମାଜିକ ସଭାରେ ଅନୁପସ୍ଥିତ ରହିଲେ ତାଙ୍କର ଭାଇଗୁଆ ପାଇବାରୁ ବଞ୍ଚିତ ହେବେ । ଯାହାକି ତାଙ୍କ ପ୍ରତି ଏକ ଅପମାନ ବୋଲି ଗଣାଯିବ ।

**୬୨. ନିଷେକ ବା ବନ୍ଦାପଣା :-** ନିଷେକ ବା ବନ୍ଦାପଣା ସାଧାରଣତଃ ବରଘରେ ଅନୁଷ୍ଠିତ ହୁଏ । କନ୍ୟା ବରଘରକୁ ଆସିଲା ପରେ ଶୁଭ ଲଗ୍ନ ଦେଖି ଚଉଠୀ ଦିନ ଏହା କରାଯାଏ । ଯଦି ସେହି ଦିନକିଛି ଅସୁବିଧା ହୁଏ ତେବେ ଦିନେ ଦୁଇଦିନ ପରେ କରାଯାଏ । ଚଉଠୀ ଦିନର କାର୍ଯ୍ୟକ୍ରମ ବା ବନ୍ଦାପଣା ପାଇଁ କନ୍ୟାଘରୁ ଉପଯୁକ୍ତ ବେଭାର ଆସିଥାଏ । ବନ୍ଦାପଣା ପାଇଁ କନ୍ୟା ଘରୁ ନିମ୍ନ ମତେ ଲୁଗା ଦିଆଯିବ । କନ୍ୟା ପାଇଁ ହୋମ ଲୁହା ଓ ହୋମପାଳଟା ଲୁଗା, ବର୍ ପାଇଁ ମଧ୍ୟ ହୋମଲୁଗା ଓ ହୋମପାଳଟା ଲୁଗା ଦିଆଯିବ । ଚଉଠୀ ଦିନ ବର୍ ପକ୍ଷର ସାଇ ସଭା ପାଇଁ କନ୍ୟା ଘରୁ ଏକ ହାଣ୍ଡି ବା ଟୋକେଇ ରେ ନଡ଼ିଆ, କଦଳୀ,

ମିଠେଇ, ଗୁଡ଼ ଇତ୍ୟାଦି ପଠାଯିବ । ସାଇ ସଭାରେ ଏହା ଭୋଗ ଲଗାଇ ବଣ୍ଟା ହେବ । ଉକ୍ତ ଟୋକେଇ ବା ହାଣ୍ଡି କୁ **ଫେଣାହାଣ୍ଡି** ବୋଲି କୁହାଯାଏ । ନିଷେକ କାର୍ଯ୍ୟ ପୁରୋହିତଙ୍କ ଦ୍ୱାରା ଯଥା ବିଧି ପାଳିତ ହେବ । ଉକ୍ତ ଦିନ **ମଧୁଶଯ୍ୟାର** ବ୍ୟବସ୍ଥା କରାଯିବ । ଚଉଠୀ ଦିନ ବରଘରେ ସାଇ ସଭା ଅନୁଷ୍ଠିତ ହେବ । ଉକ୍ତ ସଭାରେ ଯଥାବିଧି ଭାଗବତ ପୂଜନ ପଠନ ସହିତ କୁବେର ଦେବତାଙ୍କ ପୂଜା ଓ ଜୟ ଧ୍ୱନି କରାଯିବ । ବରପକ୍ଷରୁ ସଭାରେ ଉପସ୍ଥିତ ବନ୍ଧୁ ବାନ୍ଧବ ଓ ସାଇଭାଇ ମାନଙ୍କୁ ଗୁଆ ବଣ୍ଟାଯିବ । ସାଇ ସଭାପତିଙ୍କୁ ଖଣ୍ଡେଧୋତି ଦେଇ ସମ୍ମାନିତ କରା ଯିବ । ଉକ୍ତ ଦିନ ସଭାରେ ବର କନ୍ୟା ଉପସ୍ଥିତ ହୋଇ ଭାଗବତ ଗ୍ରନ୍ଥ ତଥା କୁବେର ଦେବତା ଓ କୁବେର ସମାଜକୁ ସମ୍ମାନ ଜଣାଇ ସମସ୍ତଙ୍କୁ ଦଣ୍ଡପ୍ରଣାମ ପୂର୍ବକ ସଭାର ଆଶୀର୍ବାଦ ଭିକ୍ଷା କରିବେ । ତତ୍ ସହିତ ଉଭୟ ବରକନ୍ୟା ଘୋଷଣା କରିବେ ଯେ ସେମାନେ କାହାରି ବିନା ବାଧ୍ୟବାଧକତା ବା କୌଣସି ପ୍ରକାର ପ୍ରଲୋଭନରେ ନ ପଡ଼ି ସ୍ୱଇଚ୍ଛାରେ ପରସ୍ପରକୁ ପତିପତ୍ନୀ ରୂପେ ଗ୍ରହଣ କରୁଛନ୍ତି । ଏହା ପରେ ଉଭୟେ ଉଦ୍ଦିଷ୍ଟ ରେଜିଷ୍ଟରରେ ସ୍ୱାକ୍ଷର କରିବେ ।

**୬୮. ଅଷ୍ଟ ମଙ୍ଗଳା :-** ପରମ୍ପରା ଅନୁସାରେ ମଙ୍ଗନର ଅଷ୍ଟମ ଦିନ ବରକନ୍ୟା ମୁହଁ ଚାହାଁଚାହିଁ ହେବା ନିଷେଧ । ତେଣୁ ସେ ଦିନ ବଡ଼ି ଭୋରରୁ କନ୍ୟାକୁ ବାପ ଘର ଲୋକେ ନିଜ ଘରକୁ ନେଇ ସନ୍ଧ୍ୟାରେ ବର ଘରକୁ ପହଞ୍ଚାଇବାର ବିଧି ରହିଛି । ଯଦି ବାପ ଘର ଦୂରରେ ଥାଏ ବା କନ୍ୟାକୁ ନେବା ଆଣିବାର ଅସୁବିଧା ହୁଏ ତେବେ ବର ଘର ଗ୍ରାମର ବା ପାଖ ଗ୍ରାମର କୌଣସି ବନ୍ଧୁ ବା ସଂପର୍କୀୟ ଘରକୁ ବାପ ଘର ବିବେଚନା କରି ଏହି ବିଧି ପାଳନ କରାଯିବ ।

**ସାମାଜିକ ରୀତି ନୀତି (୨) :**

**କେତେକ ଅଶୌଚ/ଅଶୁଦ୍ଧ ପ୍ରକରଣ ଓ ସେ ଗୁଡ଼ିକର ସଂସ୍କାର ତଥା ପ୍ରତିକାର ବ୍ୟବସ୍ଥା ।**

**୬୯. ଜନ୍ମ ପ୍ରକରଣ :-** କୌଣସି ସାଇ ଭାଇଙ୍କ ପରିବାରରେ ଶିଶୁଟିଏ ଜନ୍ମ ହେଲେ ଉକ୍ତ ପରିବାରକୁ ସାମାଜିକ ଦୃଷ୍ଟିରୁ ଅଶୌଚ ବୋଲି ଗଣା ଯାଏ । ଏହାକୁ **ସୁତୁକିଆ** ବୋଲି କୁହାଯାଏ । ଏଥିପାଇଁ ନିମ୍ନମତେ ସଂସ୍କାର ବ୍ୟବସ୍ଥା କରାଯାଏ ।

୧) ଶିଶୁ ଜନ୍ମର ପଞ୍ଚମ ଦିନ ପଞ୍ଚମ ରାତ୍ର ।
୨) ଷଷ୍ଠ ଦିନ ଷଷ୍ଠୀ ପୂଜା ।
୩) ସପ୍ତମ ଦିନ ଉଠିଆରୀ
୪) ଦ୍ୱାଦଶ ଦିନ ସୁତୁକିଆ ସମାପନ କରି ଶୁଦ୍ଧ ହେବେ ।

ଉକ୍ତ ଦିନ ଲୁଗାପଟା ସଫାକରି ଘର ଦ୍ୱାର ଘଷି ପରିଷ୍କାର ପରିଚ୍ଛନ କରିବେ । ଦ୍ୱାଦଶ ଦିନ ସାଇର ମୁଖ୍ୟ ବ୍ୟକ୍ତିମାନଙ୍କୁ ଡାକି ନୂତନ ପାକରେ ଭୋଜନ କରାଇବେ । ସୁତୁକିଆ ନ ଉଠିବା ପର୍ଯ୍ୟନ୍ତ ଦେବ ମନ୍ଦିର ଆଦିରେ ପ୍ରବେଶ କରିବେ ନାହିଁ ବା ନିଜ ଘରେ ମଧ୍ୟ ଦେବ ପୂଜା ଆଦି କରିବେ ନାହିଁ । ଉକ୍ତ ୧୨ ଦିନ ମଧ୍ୟରେ ନିଜ ପରିବାରରେ ଆମିଷ ରନ୍ଧନ ବା ଆମିଷ ଭୋଜନ ନିଷେଧ ଅଟେ ।

**୭୦. ମୃତ୍ୟୁ ପ୍ରକରଣ :-** ସାଇର କୌଣସି ବ୍ୟକ୍ତିର ମୃତ୍ୟୁ ଘଟିଲେ ସାଇ ଭାଇ ଉକ୍ତ ବ୍ୟକ୍ତିର ଶବ ସଂସ୍କାର କାର୍ଯ୍ୟରେ ସହଯୋଗ କରିବେ । ଯଦି ମୃତ ବ୍ୟକ୍ତିର ପରିବାର ସହିତ ସାଇର ବା କୌଣସି ଭାଇଙ୍କର କୌଣସି କାରଣରୁ ମନୋମାଳିନ୍ୟ ଥାଏ ତାର ବିଚାର ପଛକୁ ରଖି ଶବ ସଂସ୍କାର କାର୍ଯ୍ୟ ନିଶ୍ଚିତ ଭାବରେ ତୁଲାଇବେ । ମୃତ ବ୍ୟକ୍ତିର ଶୁଦ୍ଧିକ୍ରିୟା ନିମ୍ନ ପ୍ରକାରେ କରାଯିବ ।

୧) ମୃତ୍ୟୁର ତୃତୀୟ ଦିନ ଚିଟାଉକଟା ବା ଚିଠି ଦିଆ କାର୍ଯ୍ୟ କରାଯିବ । ଅନେକ କ୍ଷେତ୍ରରେ ଚିଠି ଦ୍ୱାରା ଖବର ପଠାଇବାରେ ମୃତ ବ୍ୟକ୍ତିର ପରିବାର ବହୁ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ତାର ବିକଳ୍ପ ବ୍ୟବସ୍ଥା ସ୍ୱରୂପ ଫୋନ ମାଧ୍ୟମରେ ମଧ୍ୟ ମୃତାହ ଖବର ନିଜର ବନ୍ଧୁ ବାନ୍ଧବମାନଙ୍କୁ ଦିଆ ଯିବାକୁ ସ୍ଥିର କରାଗଲା ।

୨) ମୃତ୍ୟୁର ନବମ ଦିନ ପାଣିଘର ଅନୁଷ୍ଠିତ ହେବ । ଏହି ଦିନ ସାଇ ସଭାପତି ବା ଅନ୍ୟ କୌଣସି ସାଇ ଭାଇ ମୃତ ବ୍ୟକ୍ତିଙ୍କ ଘରକୁ ଆସି ପାଣି ଘର କାର୍ଯ୍ୟ ତୁଲାଇବେ । ଉକ୍ତ ଦିନ ମୃତାହ୍ ବ୍ୟକ୍ତିଙ୍କ ଘରେ ଉପସ୍ଥିତ ସାଇ ଭାଇଙ୍କ ଜଳଯୋଗର ବ୍ୟବସ୍ଥା କରାଯିବ ।

୩) ମୃତ୍ୟୁର ଦଶମ ଦିନ ବ୍ରାହ୍ମଣଙ୍କ ସହାୟତାରେ ଦଶାହ କାର୍ଯ୍ୟ ସମାପନ କରାଯିବ । ଘରର ପୁରୁଷ ଲୋକମାନେ କ୍ଷୌରକର୍ମ ସମାପନ କରି ଓ ମହିଳାମାନେ ନଖ ଆଦି କାଟିଲା ପରେ ସ୍ନାନ ପାଇଁ ଯିବେ । ପୁରଷମାନେ ପୁରୋହିତଙ୍କ ସହିତ ନଦୀ ବା ପୋଖରୀ ତୁଠକୁ ଯାଇ ଦଶତୁଠ କାର୍ଯ୍ୟ ସମାପନ ପୂର୍ବକ ଶୁଦ୍ଧ ହେବେ । ମାମୁଁ ଘରୁ ବା ଶ୍ୱଶୁର ଘରୁ ଆସି ଥିବା ନୂଆଁ ଲୁଗା ପିନ୍ଧି ତୁଠରୁ ଘରକୁ ଆସିବେ ।

୪) ଏକାଦଶ ଦିନ ଏକାଦଶାହ କାର୍ଯ୍ୟ କରାଯିବ । ପୁରୋହିତ ଶାସ୍ତ୍ର ବିଧାନ ମତେ ଏହି କାର୍ଯ୍ୟ ସମ୍ପନ୍ନ କରିବେ । ପୁରୋହିତଙ୍କ ଦ୍ୱାରା ହୋମକାର୍ଯ୍ୟ ଶେଷ ହେଲା ପରେ ହୋମରୁ କିଛି ଘିଅ ଆଣି ଓ ସେଥିରେ କିଛି ମହୁ ମିଶାଇ ସାଇ ସଭାପତି ବା ତାଙ୍କ ଦ୍ୱାରା ଆଦିଷ୍ଟ ସାଇର ଅନ୍ୟ କୌଣସି ସଦସ୍ୟ ପରିବାରର ସମସ୍ତଙ୍କୁ ତଥା ତାଙ୍କର ଝିଅ ଜୋଇଁମାନଙ୍କୁ ପ୍ରଦାନ କରିବେ । ଘିଅ ମହୁ ପାଇଲା ପରେ ଯାଇ ଉକ୍ତ ପରିବାରର ସମସ୍ତେ ଶୁଦ୍ଧ ହେଲେ ବୋଲି ଧରାଯିବ ।

୫) ଉକ୍ତ ଦିନ ମୃତ ବ୍ୟକ୍ତିଙ୍କ ଘରେ ସାଇ ସଭା ଅନୁଷ୍ଠିତ ହୋଇ ଉକ୍ତ ସଭାରେ ବିଧି ପୂର୍ବକ ଭାଗବତ ପୂଜନ ଓ ପଠନ ତଥା କୁବେର ଦେବତାଙ୍କ ପୂଜା କରାଯାଇ ଜୟଧ୍ୱନୀ କରାଯିବ ।

୬) ଉକ୍ତ ସାଇ ସଭାରେ ମୃତ ବ୍ୟକ୍ତିଙ୍କ ପାଇଁ ଏକ ଶୋକ ପ୍ରସ୍ତାବ ଆଣାଯାଇ ଉପସ୍ଥିତ ସମସ୍ତେ ଦଣ୍ଡାୟମାନ ହୋଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ ନୀରବ ପ୍ରାର୍ଥନା କରିବେ । ଉକ୍ତ ସଭାରେ ମୃତ ବ୍ୟକ୍ତିଙ୍କ ପରିବାର ତଥା ତାଙ୍କର ବନ୍ଧୁବାନ୍ଧବମାନେ ଉପସ୍ଥିତ ରହିବେ । ଉକ୍ତ ପରିବାର ତରଫରୁ ସମାଜକୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ

କରାଯିବ । ସମାଜ ତରଫରୁ ଉକ୍ତ ପରିବାରକୁ ସମବେଦନା ଜଣାଇ ଜଣେ ବା ଦୁଇ ଜଣ ଶାନ୍ତ୍ୱନା ମୂଳକ କିଛି କହିବେ ।

୭) ପରିବାରର ଲୋକେ ଘିଅ ମହୁ ପାଇଲା ପରେ ବ୍ରାହ୍ମଣ ଭୋଜନର ବ୍ୟବସ୍ଥା କରାଯିବ ।

୮) ବ୍ରାହ୍ମଣ ଭୋଜନ ପରେ ଉପସ୍ଥିତ ଜାତି ଭାଇ ତଥା ବନ୍ଧୁବାନ୍ଧବ ଓ ଅନ୍ୟ ସମସ୍ତଙ୍କ ପାଇଁ ନିରାମିଷ ସାତ୍ତ୍ୱିକ ଭୋଜନର ବ୍ୟବସ୍ଥା କରାଯିବ ।

## ସାମାଜିକ ଚାଲିଚଳନ -୩

## ବିଭିନ୍ନ ପାତକ ଓ ତାର ପ୍ରାୟଶ୍ଚିତ ବିଧି :

**୬୧. ଗୋବଧ :** କୌଣସି କୁବେର ପରିବାରର କେହି ଯଦି ଗୋହତ୍ୟା ପାପ କରି ଦୋଷୀ ହୁଅନ୍ତି ତେବେ ଶାସ୍ତ୍ର ମତରେ ପ୍ରାୟଶ୍ଚିତ୍ତ କରାଯିବ । ଦୋଷ ଅନୁସାରେ କେବଳ ଜାତି ଭାଇ ବା ସାଇ ସଭା ଦ୍ୱାରା ତାହାର ପ୍ରାୟଶ୍ଚିତ୍ତ କରାଯାଇ ପାରେ କିମ୍ବା ପଣ୍ଡିତଙ୍କ ଦ୍ୱାରା କୌଣସି ଦେବାଳୟରେ ପ୍ରାୟଶ୍ଚିତ କରିବା ସହିତ ସାଇ ସଭା ଦ୍ୱାରା ମଧ୍ୟ ତାର ପ୍ରାୟଶ୍ଚିତ୍ତ କରି ପାପମୁକ୍ତ ହେବାକୁ ପଡ଼ିବ ।

**୬୨. ମାଛିଆ ପାତକ କର୍ମ :** କାହାରି ଘରେ ଏପରି ଅଘଟଣ ଘଟିଲେ ଏହା ମଧ୍ୟ ଗୋବଧ କର୍ମ ପରି ଶାସ୍ତ୍ର ବିଧାନ ମତେ ପାଳନ କରାଯିବ ।

## ପରିଶିଷ୍ଟ- ଘ

## ଅନ୍ୟାନ୍ୟ

**୬୩) ଜାତିଭାଇଙ୍କ ପାଳନୀୟ କେତୋଟି ମୌଳିକ କର୍ତ୍ତବ୍ୟ :**

ନିଜର, ନିଜ ପରିବାର ତଥା ନିଜ ସମାଜ ଓ ନିଜ ରାଷ୍ଟ୍ରର ସମ୍ମାନ ରକ୍ଷା ପାଇଁ ପ୍ରତ୍ୟେକ କୁବେର ସନ୍ତାନ ନିମ୍ନମତେ କେତୋଟି ମୌଳିକ କର୍ତ୍ତବ୍ୟ ପାଳନ କରିବେ ।

୧) କୁବେର ସମାଜର ପ୍ରତ୍ୟେକ ଜାତିଭାଇ ନିଜ ନିଜର ସନ୍ତାନ ମାନଙ୍କୁ ଉଚ୍ଚ ଶିକ୍ଷିତ କରାଇବାକୁ ଯତ୍ନବାନ ହେବେ । ନିଜ ନିଜର କନ୍ୟା ସନ୍ତାନ

ମାନଙ୍କ ଶିକ୍ଷା ପ୍ରତି ଅବହେଳା ପ୍ରଦର୍ଶନ କରିବେ ନାହିଁ ।
୨) ନିଜ ପରିବାରର ସଦସ୍ୟ/ସଦସ୍ୟା ମାନଙ୍କ ମଧ୍ୟରେ ନୈତିକ ମୂଲ୍ୟବୋଧ ତଥା ଧାର୍ମିକ ଭାବନାର ବିକାଶ ନିମନ୍ତେ ପ୍ରତ୍ୟହ ନିଜ ନିଜ ପରିବାର ମଧ୍ୟରେ ଭାଗବତ ଆଦି ଧର୍ମ ଗ୍ରନ୍ଥ ପଠନର ବ୍ୟବସ୍ଥା କରିବେ ।
୩) ପ୍ରତି ପରିବାରରେ କୁବେର ଦେବତାଙ୍କ ମୂର୍ତ୍ତି ରଖି ପୂଜା କରିବେ ।
୪) କୁବେର ସମାଜ ମହାସଭାର ଅନୁମତି ବିନା ସାଇ ତ୍ୟାଗ କରିବେ ନାହିଁ ବା ନୂତନ ସାଇ ଗ୍ରହଣ କରିବେ ନାହିଁ ।
୫) ପ୍ରତ୍ୟେକ ସାଇଭାଇ ନିଜ ଜାତିର ନୀତି ନିୟମ ଗୁଡ଼ିକୁ ଉପଯୁକ୍ତ ସମ୍ମାନ ଜଣାଇ କାୟମନୋ ବାକ୍ୟରେ ପାଳନ କରିବେ ।
୬) ସମାଜରୁ ବାସନ୍ଦ ହୋଇଥିବା ଜାତିଭାଇଙ୍କୁ ସଂଶୋଧନ ତଥା ସଂସ୍କାର କରାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ଚେଷ୍ଟା କରିବେ ।
୭) ନିଜର ବ୍ୟକ୍ତିଗତ ଜୀବନରୁ କିଛି ସମୟ ତଥା ସମ୍ଭବ ହେଲେ କିଛି କିଛି ଅର୍ଥ ବଞ୍ଚାଇ ସମାଜ ସେବାରେ ଲଗାଇବାକୁ ଚେଷ୍ଟା କରିବେ ।
୮) ନିଜ ଜାତି ନିଜ ଧର୍ମ ବା ନିଜ ରାଷ୍ଟ୍ରର ଅସମ୍ମାନ ହେଲା ଭଳିଆ କୌଣସି କାର୍ଯ୍ୟ କରିବେ ନାହିଁ ।
୯) ଜଣେ ରାଷ୍ଟ୍ର ଭକ୍ତ ନାଗରିକ ଭାବରେ ଦେଶର ଆଇନ କାନୁନ୍‌କୁ ସମ୍ମାନର ସହିତ ପାଳନ କରିବେ ।
୧୦) ନିଜକୁ କୁବେର ଦେବତାଙ୍କ ଉପଯୁକ୍ତ ଦାୟାଦ ଭାବରେ ମନେ ରଖି ତାଙ୍କର ଆଦର୍ଶକୁ ଗ୍ରହଣ ପୂର୍ବକ ନିଜ ସମାଜକୁ ଏକ ପରମ ବୈଭବଶାଳୀ ଆଦର୍ଶ ସମାଜରେ ପରିଣତ କରିବା ପାଇଁ ଆପ୍ରାଣ ଚେଷ୍ଟା କରିବେ ।

**୬୪. କ) ସାମାଜିକ ସଭା ଓ ସଭାର ପାଳନୀୟ ନିୟମ :** କୌଣସି ଭାଇ ବା ଭାଇ ମାନଙ୍କ କୌଣସି ଜାତିଆଣ କାର୍ଯ୍ୟ ନିର୍ବାହ ପାଇଁ କୌଣସି ଭାଇ ବା ଭାଇ ମାନଙ୍କ ଅନୁମୋଦନକ୍ରମେ କିମ୍ବା ନିମନ୍ତ୍ରଣକ୍ରମେ ସଭାପତି ବା ସଂପାଦକଙ୍କ

ଭାପତିଙ୍କ ଆଦେଶ କ୍ରମେ ସଂପାଦକଙ୍କ ଦ୍ୱାରା ଡକାଯାଇଥିବା ୈଠକରେଉପସ୍ଥିତ ହେବାକୁ ବା ବିନା କାହାରି ଡାକରାରେ ଧ୍ୟଅନେକ ଭାଇ ଉପସ୍ଥିତ ହୋଇ ସାମାଜିକ କାର୍ଯ୍ୟନିର୍ବାହ କରିବାକୁ ନୁଷ୍ଠିତ ବୈଠକକୁ ସଭା କୁହାଯିବ ।

) ସଭା ସାଧାରଣତଃ ଏକ ପରିଷ୍କାର ପରିଚ୍ଛନ୍ନ ତଥା ସ୍ୱାସ୍ଥ୍ୟକର ରିବେଶରେ ଅନୁଷ୍ଠିତ ହେବ । ବସିବା ପାଇଁ ପରିଷ୍କୃତ ଆସନ ପଡ଼ିବ । ଭା ଆରମ୍ଭରେ କଳସ ସ୍ଥାପନ ଓ କୂଳଦୀପ ପ୍ରଜ୍ୱଳନ ପୂର୍ବକ ଭାଗବତ ଜନ ଓ ପଠନ କରାଯିବ । ସଭାରେ କୁବେର ଦେବତାଙ୍କ ଛୋଟିଆ ର୍ତ୍ତି କିମ୍ବା ଫଟୋ ରଖି ପୂଜା ତଥା ତାଙ୍କର ଜୟଗାନ କରାଯିବ । ଭାରେ ଉପସ୍ଥିତ ହୋଇଥିବା ସଦସ୍ୟ/ ସଦସ୍ୟାଙ୍କୁ ନିମ୍ନମତେ କେତେକ ିୟମ ମାନିବାକୁ ପଡ଼ିବ ।

) ୧) କୌଣସି ସଦସ୍ୟ/ ସଦସ୍ୟା ମାଦକ ଦ୍ରବ୍ୟ ସେବନ କରି ଭାରେ ବସିବେ ନାହିଁ ।

) ସଭା ବାହାରେ ନିଜ ନିଜର ପାଦୁକା ତ୍ୟାଗ କରି ନମ୍ରତାର ସହିତ ସଭାରେ ପ୍ରବେଶ କରିବେ ।

) କେହି ଲୁଙ୍ଗି ପିନ୍ଧି ସଭାରେ ବସିବେ ନାହିଁ । ଧୋତି ବା ପେଣ୍ଟ ସାର୍ଟ ପିନ୍ଧି ବସିବେ ।

୪) ସଭାରେ ପ୍ରବେଶ କରିବା ପୂର୍ବରୁ ନିଜ ମଧ୍ୟରେ ଥିବା ଛନ୍ଦ କପଟ ରାଗ ଦ୍ୱେଷ ଆଦିକୁ ପାଦୁକା ତ୍ୟାଗ କଲାପରି ତ୍ୟାଗ କରି ଶୁଦ୍ଧପୂତ ମନରେ ସଭାରେ ଯାଇ ବସିବେ ।

୫) ସଭାରେ ପ୍ରବେଶ ମାତ୍ରେ ଶ୍ରୀ ଜଗନ୍ନାଥଭଗବାନଙ୍କୁ ଓ କୁବେର ଦେବତାଙ୍କୁ ସ୍ମରଣ କରି ଶ୍ରୀମଦ୍ଭାଗବତ ଗ୍ରନ୍ଥ ସାମନାରେ ଯୋଡ଼ ହସ୍ତରେ ଦଣ୍ଡାୟମାନ ହେବେ । ଭାଗବତ ଗ୍ରନ୍ଥ ଓ ସଭାକୁ ଦଣ୍ଡପ୍ରଣାମ କଲାପରେ ସଭାରେ ବସିବେ ।

୬) ସଭା ଖାତାରେ ଶୃଙ୍ଖଳାର ସହିତ ନିଜର ସ୍ୱାକ୍ଷର କରିବେ ।

୭) ସଭାପତିଙ୍କ ଅନୁମତି କ୍ରମେ ଆଲୋଚନାରେ ଅଂଶଗ୍ରହଣ କରିବେ । ଆଲୋଚନା ସମୟରେ ମିଷ୍ଟଭାଷୀ ହେବେ । କାହାରିକୁ ଆକ୍ଷେପ କରି ମନ୍ତବ୍ୟ ଦେବେ ନାହିଁ ।

୮) ଅନ୍ୟ ବକ୍ତା ମାନଙ୍କୁ କହିବାକୁ ସୁଯୋଗ ଦେଇ ତାଙ୍କ ବକ୍ତବ୍ୟକୁ ମନଯୋଗ ସହକାରେ ଶୁଣିବେ ।

୯) ସଭାରେ ସତ୍ୟ ପ୍ରକାଶ କରିବାକୁ କୁଣ୍ଠାବୋଧ କରିବେ ନାହିଁ ।

୧୦) ସଭାରେ ନୀରବତା ଓ ଶୃଙ୍ଖଳା ରକ୍ଷା କରିବେ ।

୧୧) ସଭାରେ ଉପସ୍ଥିତ ହେବା ମାତ୍ରେ ଶେଷ ପର୍ଯ୍ୟନ୍ତ ରହିବାକୁ ଚେଷ୍ଟା କରିବେ । ଯଦି ନିହାତି ଦରକାର ପଡ଼େ ତେବେ ସଭାପତିଙ୍କ ଆଦେଶ ନେଇ ସଭା ତ୍ୟାଗ କରିବେ ।

୧୨) ସଭାର ନିଷ୍ପତ୍ତିକୁ ନତମସ୍ତକ ହୋଇ ଗ୍ରହଣ କରିବେ ।

**୬୪. (ଘ)** ସମ୍ପାଦକ ସଭା ଆରମ୍ଭରେ ଗତ ବୈଠକର ବିବରଣୀ ପାଠ କରି ଦୃଢୀକରଣ କରାଇବେ । ଚଳିତ ବୈଠକର ଧାରାବିବରଣୀ ବା ଗୃହୀତ ପ୍ରସ୍ତାବକୁ ସଭା ବହିରେ ଲିପିବଦ୍ଧ କରି ନିଜେ ସ୍ୱାକ୍ଷର କରି ସଭାପତି ତଥା ଉପସ୍ଥିତ ସଦସ୍ୟ/ ସଦସ୍ୟା ମାନଙ୍କ ସ୍ୱାକ୍ଷର କରାଇବେ । ସଭା ଶେଷ ପରେ ସମସ୍ତେ ଭାଗବତ ପୁରାଣ ଓ କୁବେର ଦେବତାଙ୍କୁ ଦଣ୍ଡପ୍ରଣାମ ପୂର୍ବକ ଜୟଧ୍ୱନି କରି ସଭାତ୍ୟାଗ କରିବେ ।

## ସମ୍ବିଧାନ ସଂଶୋଧନ :

**୬୫)** ଆଦର୍ଶ ସମ୍ବିଧାନର ଏକ ବିଶେଷ ଗୁଣ ହେଉଛି ତାର ନମନୀୟତା । ଅର୍ଥାତ୍ ଆବଶ୍ୟକ ସ୍ଥଳେ ସମ୍ବିଧାନର କୌଣସି ଅଂଶର ପରିବର୍ତ୍ତନ ପରିବର୍ଦ୍ଧନ ବା ସଂଶୋଧନ କରାଯାଇ ପାରିବ । ସମୟର ଗତି ସହିତ ସମାଜର ଆବଶ୍ୟକତା ବଦଳିଯାଇଥାଏ । ତଦନୁଯାୟୀ ନିୟମାବଳୀରେ ମଧ୍ୟ ଆବଶ୍ୟକ ସଂଶୋଧନ ଜରୁରୀ ହୋଇ ପଡ଼ିଥାଏ ।

ଯଦି ଏହାର ସଂଶୋଧନ କରା ନ ଯାଏ । ତେବେ ତାହା ଯୁଗୋପଯୋଗୀ ହୋଇପାରେ ନାହିଁ ଏବଂ ତାହାର ଗୁରୁତ୍ୱ ହରାଇଥାଏ । ନିମ୍ନମତେ ଏହି ନିୟମାବଳୀର (ସମ୍ବିଧାନର) ସଂଶୋଧନ କରାଯାଇ ପାରିବ ।

୧) ନିୟମାବଳୀ (ସମ୍ବିଧାନ) ର କୌଣସି ଧାରା ଉପଧାରା ବା ଏହାର ଅଂଶବିଶେଷକୁ ସଂଶୋଧନ କରିବା ପାଇଁ ପ୍ରଥମେ ମହାସଭା କାର୍ଯ୍ୟକାରୀ କମିଟୀରେ ପ୍ରସ୍ତାବ ଅଣାଯାଇ ପାରିବ । କାର୍ଯ୍ୟକାରୀ କମିଟୀରେ ଗୃହୀତ ହେଲାପରେ ତାହା ମହାସଭାର ବାର୍ଷିକ ସାଧାରଣ ସଭାରେ ଉପସ୍ଥାପିତ ହେବ । ସେଠାରେ ବହୁମତରେ ଗୃହୀତ ହେଲାପରେ ସଂଶୋଧନ ପ୍ରସ୍ତାବ ଲାଗୁ ହେବ ।

୨) ଯେକୌଣସି ସାଇର ସଭାପତି ବା କେତେକ ସାଇର ସଭାପତି ମାନେ ମିଳିତ ଭାବରେ ବା ମହାସଭାର କାର୍ଯ୍ୟକାରୀ କମିଟୀର ସଦସ୍ୟମାନେ ସଂଶୋଧନ ପ୍ରସ୍ତାବ ଆଣିପାରିବେ ।

୩) କାର୍ଯ୍ୟକାରୀ କମିଟୀ ଦ୍ୱାରା ଗୃହୀତ ସଂଶୋଧନ ପ୍ରସ୍ତାବ ସାଧାରଣ ସଭାରେ ଉପସ୍ଥାପିତ ହୋଇ ଆଲୋଚନା କରାଯିବ । ଆଲୋଚନା ପରେ ସଭାରେ ଉପସ୍ଥିତ ଅର୍ଦ୍ଧାଧିକ ସଦସ୍ୟ/ସଦସ୍ୟାଙ୍କ ସମର୍ଥନ କ୍ରମେ ଗୃହୀତ ହେବ ।

୪) ସଂଶୋଧନ ପ୍ରସ୍ତାବ ସାଧାରଣ ସଭାରେ ଅନୁମୋଦିତ ହେଲା ମାତ୍ରେ ସଙ୍ଗେ ସଙ୍ଗେ ଲାଗୁ ହୋଇଯିବ । ଯଦିଓ ପତ୍ର ମଧ୍ୟମରେ ସମସ୍ତ ସାଇକୁ ଜଣାଇବାରେ କିଛି ଦିନ ଲାଗିଯିବ ।

୫)ନିୟମାବଳୀର କୌଣସି ଅଂଶ ଯଦି ସମାଜ ପାଇଁ ଅଦରକାରୀ ବା ସମାଜ ସଂଗଠନର ଅଗ୍ରଗତିରେ ବାଧକ ହୁଏ ତେବେ ଉପରୋକ୍ତ ପ୍ରକ୍ରିୟାରେ ତାକୁ ସଂପୂର୍ଣ୍ଣ ରୂପେ ଉଚ୍ଛେଦ କରାଯାଇ ପାରିବ ।

୬) ଯଦି ସମ୍ବିଧାନର କୌଣସି ଅଂଶ ଦ୍ୱିଅର୍ଥ ବୋଧକ ଜଣାପଡ଼େ ବା କୌଣସି ଅଂଶର ସ୍ପଷ୍ଟୀକରଣ ଦରକାର ପଡ଼େ ତେବେ କୁବେର ସମାଜ ପଶ୍ଚିମାଞ୍ଚଳ ମହାସଭାର ମତ ହିଁ ଚୂଡ଼ାନ୍ତ ମତ ବୋଲି ଧରାଯିବ ।

୬୬) ଅଭିଯୋଗ :-

୧) କେବଳ ଜାତିଗତ ସମସ୍ୟା ସଂପର୍କିତ ଅଭିଯୋଗ ବିଚାର ପାଇଁ ଗ୍ରହଣ କରାଯିବ ।

୨) ମହାସଭା ପାଇଁ ଉଦ୍ଦିଷ୍ଟ ଅଭିଯୋଗ ଦରଖାସ୍ତ ପାଇ ସଭାପତିଙ୍କ ମନ୍ତବ୍ୟ ସହ ମହାସଭାକୁ ପ୍ରେରଣ କରାଯିବ । ଅଭିଯୋଗ କର୍ତ୍ତା ଏଥିପାଇଁ ଆବଶ୍ୟକ ଫିକ୍ ଟ. ୧୦୧/- ଦେବେ । ଉକ୍ତ ଅଭିଯୋଗ ଦରଖାସ୍ତର ଦୁଇଟି କପି ଦେବାକୁ ପଡ଼ିବ । ଗୋଟିଏ କପି ପାଇରେ ରହିବ ଓ ଅନ୍ୟଟି ମହାସଭାକୁ ପଠାଯିବ ।

୩) ମହାସଭା ସାଧାରଣ ଅଧିବେଶନ ସମୟରେ ଅନୁଷ୍ଠିତ ବିଚାର ମଞ୍ଚର ବୈଠକରେ ଅଭିଯୋଗ ଦରଖାସ୍ତର ବିଚାର କରାଯିବ । ଏଣୁ ସାଧାରଣ ବୈଠକ ଆଗରୁ ଦରଖାସ୍ତ କରିବାକୁ ପଡ଼ିବ ।

୪) ମହାସଭା ସାଧାରଣ ଅଧିବେଶନ ବ୍ୟତୀତ ଅନ୍ୟ ସମୟରେ ବିଚାର ମଞ୍ଚର ବୈଠକ ବସି ବିଚାର କଲେ ଅଭିଯୋଗ କର୍ତ୍ତା କିମ୍ବା ଉଭୟ ପକ୍ଷ ବୈଠକର ସମସ୍ତ ଖର୍ଚ୍ଚ ତଥା ବିଚାର ମଞ୍ଚ ସଦସ୍ୟ ମାନଙ୍କର ଗସ୍ତ ଖର୍ଚ୍ଚ ବହନ କରିବେ ।

୬୭) ବାଛନ୍ଦ ବ୍ୟବସ୍ଥା :-

କ) ସମାଜ ବ୍ୟବସ୍ଥାରେ ବାଛନ୍ଦ ହେଉଛି ସବୁଠାରୁ ବଡ଼ଦଣ୍ଡ । ତେଣୁ କରି କୁହାଯାଇଛି " Banishment is the last punishment" ବିଭିନ୍ନ କାରଣରୁ ସାମାଜିକ ସଂଗଠନର ଶୃଙ୍ଖଳା ରକ୍ଷା ଦୃଷ୍ଟିରୁ ବାରମ୍ବାର ଚେଷ୍ଟା ସତ୍ତ୍ୱେ ବି ଯଦି କୌଣସି ସଦସ୍ୟ/ସଦସ୍ୟା ନିଜ ଆଚରଣରେ ସଂଶୋଧନ ନ କରନ୍ତି ସଂଗଠନ ବାଧ୍ୟ ହୋଇ ଅନିଚ୍ଛା ସତ୍ତ୍ୱେ ଏପରି ସଦସ୍ୟ/ ସଦସ୍ୟାମାନଙ୍କ ପ୍ରତି ବାଛନ୍ଦ ପରି କଠୋର ବ୍ୟବସ୍ଥା ଲାଗୁ କରିବାକୁ ବାଧ୍ୟ ହୋଇଥାଏ । ଯଦି କୌଣସି ସଦସ୍ୟ/ସଦସ୍ୟା ସମାଜକୁ ଅମାନ୍ୟ କରି :-

୧) ସାମାଜିକ ରୀତିନୀତି ଉଲ୍ଲଂଘନ କରନ୍ତି,
୨) ସାଇ ବୈଠକରେ ଠିକ୍ ସମୟରେ ଯୋଗ ନ ଦିଅନ୍ତି (ବାରମ୍ବାର ଜଣାଇବା ସତ୍ତ୍ୱେ)
୩) ସାଇ ବା ମହାସଭାର ଦେୟ ଠିକ ସମୟରେ ନ ଦିଅନ୍ତି । ଏ ସବୁର ପୁନରାବୃତ୍ତି ନ କରି ନିଜକୁ ସଂଶୋଧନ କରିବାକୁ ସଂପୃକ୍ତ ସଦସ୍ୟ/ସଦସ୍ୟାଙ୍କୁ ବାରମ୍ବାର ତାଗିତ୍ କରାଯିବା ସତ୍ତ୍ୱେ ବି ଯଦି ସେ ନିଜର ଭୁଲ୍ କୁ ଅନୁଭବ କରି ସଂଶୋଧିତ ନ ହୁଅନ୍ତି ଓ ସମାଜ ପ୍ରତି ବେଖାତିର୍ ପ୍ରଦର୍ଶନ କରି ପୁନରାବୃତ୍ତି କରିଚାଲନ୍ତି ତେବେ ସମାଜର ଶୃଙ୍ଖଳା ରକ୍ଷା ଦୃଷ୍ଟିରୁ ତାଙ୍କ ଉପରେ ଶୃଙ୍ଖଳା ଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଏହି ବାଛନ୍ଦ ବ୍ୟବସ୍ଥା ଲାଗୁ କରାଯିବ ।
୪) ଅନ୍ୟ କେତେକ ଗୁରୁତର ସାମାଜିକ ଅପରାଧ ପାଇଁ ବାଛନ୍ଦ ବ୍ୟବସ୍ଥା ଲାଗୁ କରାଯାଇଥାଏ ।
ଯଥା- ନିଜର ପୁଅଝିଅଙ୍କ ପାଇଁ କୁବେର ସମାଜ ବ୍ୟତୀତ ଅନ୍ୟ ଜାତିରେ ବୈବାହିକ ସମ୍ବନ୍ଧ ସ୍ଥାପନ କଲେ ।
୫) ଗୋ ହତ୍ୟା ଓମାଛିଆ ପାତକ ଆଦି ଦୋଷରେ ଦୋଷୀ ହୋଇ ଆବଶ୍ୟକ ପ୍ରାୟଶ୍ଚିତ ନକଲେ ତାଙ୍କୁ ସାଇରୁ ବହିଷ୍କାର କରାଯିବ । ଯେ କୌଣସି କାରଣ ପାଇଁ ହେଉନା କାହିଁକି ଯଦି କାହାରିକୁ ବାଛନ୍ଦ କରାଯାଏ ତେବେ ଏହା ମହାସଭା ଦ୍ୱାରା ଅନୁମୋଦିତ ହେଲେ ଯାଇ ଲାଗୁ ହେବ ।
୬) ସାମାଜିକ ବାଛନ୍ଦ ଦଣ୍ଡ ଭୋଗୁଥିବା ବ୍ୟକ୍ତି କୌଣସି ସାମାଜିକ ସଭାରେ ବସିପାରିବ ନାହିଁ ବା ସାମାଜିକ ଭୋଜିଭାତରେ ଅଂଶଗ୍ରହଣ କରି ପାରିବ ନାହିଁ ।
୭) ସେ କୌଣସି ପ୍ରକାର ସାମାଜିକ ସଂଗଠନର କାର୍ଯ୍ୟକର୍ତ୍ତା ନିର୍ବାଚନରେ ଭାଗ ନେଇପାରିବ ନାହିଁ ।

୮) ଅନ୍ୟ ସାଇଭାଇ ମାନେ ମଧ୍ୟ ଏପରି ବ୍ୟକ୍ତି ସହିତ ସଂପର୍କ ରଖିବା ନିଷେଧ ।

୯) ଯଦି କୌଣସି କୁବେର ଭାଇ ଏପରି ବାଛନ୍ଦ ହୋଇଥିବା ସଦସ୍ୟ/ ସଦସ୍ୟାଙ୍କ ସହିତ ସାମାଜିକ ସଂପର୍କ ଯାପନ କରନ୍ତି ସେ ମଧ୍ୟ ବାଛନ୍ଦ ହେଲେ ବୋଲି ଧରାଯିବ ।

ଗ) କାହାରି ବିରୁଦ୍ଧରେ ବାଛନ୍ଦ ବ୍ୟବସ୍ଥା ସ୍ଥାୟୀ ବ୍ୟବସ୍ଥା ନୁହେଁ । ବାଛନ୍ଦ ଦଣ୍ଡ ଭୋଗୁଥିବା ବ୍ୟକ୍ତି ନିଜର ଭୁଲ୍ ତ୍ରୁଟି ଯଦି ଅନୁତାପ ବା ପ୍ରାୟଶ୍ଚିତ କରି ସମାଜ ଠାରୁ କ୍ଷମା ମାଗି ଶରଣ ପଶେ ତେବେ ତାର ବିଚାର କରାଯାଇ ତାକୁ ପୁନର୍ବାର ସମାଜଭୁକ୍ତ କରାଯାଇପାରେ । ଏ କ୍ଷେତ୍ରରେ ମଧ୍ୟ ତାର ଆବେଦନ ମହାସଭା ଦ୍ୱାରା ଅନୁମୋଦିତ ହେବା ଜରୁରୀ ଅଟେ ।

୬୮) ସାମାଜିକ କଳଙ୍କ ଯୌତୁକ :-

ଯୌତୁକ ଯେ କୌଣସି ସମାଜରେ ପ୍ରଚଳିତ ଏକ ଘୃଣ୍ୟ ସାମାଜିକ କଳଙ୍କ ଅଟେ । ବଡ଼ ଦୁଃଖର ବିଷୟ ଯେ, ଆଧୁନିକ ଯୁଗରେ ନିଜକୁ ଶିକ୍ଷିତ ତଥା ଧନୀ ବୋଲି ଡିଣ୍ଡିମ ପିଟୁଥିବା ତଥା କଥିତ ସଭ୍ୟ ସମାଜରେ ଏହା ଦୂର ହେବା ପରିବର୍ତ୍ତେ ଦିନ କୁ ଦିନ ଅଧିକରୁ ଅଧିକ ପ୍ରଭାବ ବିସ୍ତାର କରିବାରେ ଲାଗିଛି । ଯାହାକି ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବ୍ୟକ୍ତିଙ୍କ କନ୍ୟାମାନଙ୍କ ବିବାହରେ ପ୍ରତିବନ୍ଧକ ସୃଷ୍ଟି କରୁଛି । କେତେକ କ୍ଷେତ୍ରରେ ଯୌତୁକ ଯୋଗୁଁ ବିବାହର ପରବର୍ତ୍ତୀ ଜୀବନରେ ବିବାହିତା କନ୍ୟାମାନେ ନିର୍ଯ୍ୟାତିତା ହେଉଛନ୍ତି ଓ ଯୌତୁକ ଜନିତ ହତ୍ୟାମାନ ଅନୁଷ୍ଠିତ ହେଉଛି, ଯାହାକି ଅତି ନିନ୍ଦନୀୟ ଅଟେ ।

ବିବାହ ପାଇଁ କନ୍ୟା ସହିତ ଅନ୍ୟାନ୍ୟ ଜିନିଷ ଯଥା ଟି.ଭି. କୁଲର୍, ରେଫ୍ରିଜେରେଟ୍, ଗାଡ଼ି, ସୁନା କିମ୍ବା ଅର୍ଥ ଦାବୀ କରିବାକୁ ଯୌତୁକ ରୂପେ ବିଚାର କରାଯିବ । ଯାହାକି ଭାରତୀୟ ସମ୍ବିଧାନରେ ଧର୍ତ୍ତବ୍ୟ ଅପରାଧ

ରୂପେ ପରିଗଣିତ । କୁବେର ସମାଜ ସଂଗଠନ ତରଫରୁ ମଧ୍ୟ ଯୌତୁକ ଦାବୀକୁ ଅତି ଗର୍ହିତ ସାମାଜିକ ଅପରାଧ ରୂପେ ଗଣାଯିବ । ଯିଦି କେହି ବିବାହ ପୂର୍ବରୁ ବା ପରେ ଯୌତୁକ ଦାବୀ କରିବାର ଜଣାପଡ଼େ ତେବେ ତା ବିରୁଦ୍ଧରେ ସାମାଜିକ ଦଣ୍ଡର ବ୍ୟବସ୍ଥା କରାଯିବା ସଂଗେ ସଂଗେ ଆଇନ ଗତ ଦଣ୍ଡର ବ୍ୟବସ୍ଥା ପାଇଁ ବିଚାରାଳୟର ଆଶ୍ରୟ ନିଆଯିବ । କେବେ ବି ଯୌତୁକ ଦେବା ବା ନେବାକୁ କୁବେର ସମାଜ ସଂଗଠନ ତରଫରୁ ପ୍ରୋତ୍ସାହିତ କରାଯିବ ନାହିଁ ।

ଶିକ୍ଷିତା ଝିଅମାନେ ଯୌତୁକ ଲୋଭୀ ବରକୁ କେବେବି ବିବାହ ନ କରିବାକୁ ଶପଥନେବାର ବେଳ ଉପଗତ ହୋଇଅଛି । ଝିଅମାନଙ୍କୁ ଶିକ୍ଷିତା ହେବା ସଙ୍ଗେ ସଙ୍ଗେ ଦୃଢ଼ମନା ହୋଇ ଏତାଦୃଶ ସାମାଜିକ କଳଙ୍କର ବିରୋଧ କରିବାକୁ ପଡ଼ିବ ।

୭୯) ଛାଡ଼ପତ୍ର :-

ଛାଡ଼ପତ୍ର ମଧ୍ୟ ସମାଜରେ ପ୍ରଚଳିତ ଏକ କଳଙ୍କ ସଦୃଶ ଅଟେ । ବିଭିନ୍ନ କାରଣରୁ ବରକନ୍ୟାଙ୍କ ମଧ୍ୟରେ ବିବାହ ପରେ ମନୋମାଳିନ୍ୟ ଘଟି ବିବାହ ବିଚ୍ଛେଦ ଘଟିଥାଏ । ଏହାକୁ ଛାଡ଼ ପତ୍ର କୁହାଯାଏ । ଅଧିକାଂଶ କ୍ଷେତ୍ରରେ ଯୌତୁକ ଲୋଭ ହିଁ ବିବାହ ବିଚ୍ଛେଦର କାରଣ ହୋଇଥାଏ । ବରଘରର ଯୌତୁକ ଦାବୀ କନ୍ୟା ପକ୍ଷ ପୂରଣ କରିବାରେ ଅସମର୍ଥ ହେଲେ ବରପକ୍ଷ କନ୍ୟା ଉପରେ ନାନା ପ୍ରକାର ନିର୍ଯ୍ୟାତନା ଦେଇଥାନ୍ତି ।

ଯାହା ସହି ନପାରି କନ୍ୟା ଶାଶୁଘର ତ୍ୟାଗ କରି ବାପଘରକୁ ଚାଲିଯାଏ ଓ ପରିଶେଷରେ ଛାଡ଼ପତ୍ର ପରି ଗର୍ହିତ କାର୍ଯ୍ୟକୁ ଆପଣେଇବାକୁ ବାଧ୍ୟ ହୋଇଥାଏ । ଆଧୁନିକତାର ନାମରେ ହେଉ କି ପାଶ୍ଚାତ୍ୟ ଅପସଂସ୍କୃତିର କୁପ୍ରଭାବରେ ହେଉ ଭାରତୀୟ ପାରିବାରିକ ଜୀବନରେ ଛାଡ଼ପତ୍ର ସଂକ୍ରାମକ ରୋଗ ପରି ବ୍ୟାପୀବାରେ ଲାଗିଛି ।

ଯାହା ଫଳରେ ସମାଜମଧ୍ୟରେ ନାନା ବିଶୃଙ୍ଖଳା ଓ ଅଶାନ୍ତି ସୃଷ୍ଟି ହେଉଛି । ଅନ୍ୟ କେତେକ କ୍ଷେତ୍ରରେ କନ୍ୟାର ବିଭିନ୍ନ ପ୍ରକାର ଭୁଲ ପାଇଁ ବର ତାକୁ ଛାଡ଼ପତ୍ର ଦେଇଥାଏ ।

୧)ଯଦି ଛାଡ଼ପତ୍ର ପାଇଁ ବରପକ୍ଷ ହେଉ ବା କନ୍ୟାପକ୍ଷ ହେଉ ସମାଜ ସଭାର ଦ୍ୱାରସ୍ଥ ହୁଅନ୍ତି ତେବେ ସମାଜ ସଂଗଠନ ଉଭୟ ପକ୍ଷଙ୍କ ମଧ୍ୟରେ ଆପୋଷ ସମାଧାନ କରି ଏଥିରୁ ବିରତ କରିବାକୁ ଚେଷ୍ଟା କରିବ। କୁବେର ସମାଜ ତରଫରୁ ଛାଡ଼ ପତ୍ର ପାଇଁ କୌଣସି ପକ୍ଷକୁ ପ୍ରୋତ୍ସାହିତ କରାଯିବ ନାହିଁ । ଯଦି କୌଣସି ପ୍ରକାରେ ସମସ୍ୟାର ସମାଧାନ ନ ହୁଏ କିମ୍ବା ଅନିବାର୍ଯ୍ୟ କାରଣ ବଶତଃ ଛାଡ଼ପତ୍ର ଦରକାର ପଡ଼େ ତେବେ ବିଚାରାଳୟ ଦ୍ୱାରା ତାହା ଚୂଡ଼ାନ୍ତ କରାଯାଇ ପାରେ ।

୨)ବର୍ତ୍ତମାନ ମହିଳାମାନଙ୍କର ଉପରେ ନିଜର ସ୍ୱାମୀ ହେଉ ବା ପରିବାରର ଅନ୍ୟ କେହି ଯୌତୁକ ପାଇଁ ବା ଅନ୍ୟ କୌଣସି କାରଣ ପାଇଁ ନିର୍ଯ୍ୟାତନା ଦେଉଥାନ୍ତି ତେବେ ପ୍ରତିକାର ପାଇଁ ଆଜିକାଲି ଏତାଦୃଶ ନିର୍ଯ୍ୟାତନା ବିରୋଧୀ ଆଇନ ସବୁ ଗଢ଼ା ହେଲାଣି । କୁବେର ସମାଜ ତରଫରୁ ସେଥିପ୍ରତି ନାରୀ ସମାଜରେ ସଚେତନତା ଓ ଜାଗରଣ ସୃଷ୍ଟି କରାଯିବାର ବ୍ୟବସ୍ଥା କରାଯିବ । ଯଦ୍ୱାରା ସେମାନେ ଦରକାର ବେଳେ ଉକ୍ତ ଆଇନର ଆଶ୍ରୟ ନେଇ ନିଜକୁ ରକ୍ଷା କରିପାରିବେ ।

୩)ଯଦି କୌଣସି ମହିଳା ଯୌତୁକ ବା ଅନ୍ୟ କୌଣସି ନିର୍ଯ୍ୟାତନା ଯୋଗୁଁ ଛାଡ଼ପତ୍ରର ସମ୍ମୁଖୀନ ହୋଇଥାନ୍ତି ଦରକାର ପଡ଼ିଲେ ସେ କ୍ଷେତ୍ରରେ ସମାଜ ତରଫରୁ ସଂପୃକ୍ତ ମହିଳାଙ୍କ ସପକ୍ଷରେ ବିଚାରାଳୟରେ ସାକ୍ଷ୍ୟ ପ୍ରମାଣ ଯୋଗାଇ ଦୋଷୀ ପ୍ରତି ଉପଯୁକ୍ତ ଦଣ୍ଡର ବ୍ୟବସ୍ଥାରେ ସାହାଯ୍ୟ କରାଯିବ ।

## କାର୍ଯ୍ୟକର୍ତ୍ତାମାନଙ୍କର ଅପସାରଣ :

୮୦.(କ) ସଭାପତି

ନିମ୍ନଲିଖିତ କାରଣ ଗୁଡ଼ିକ ଯୋଗୁଁ ମହାସଭାର ସଭାପତିଙ୍କୁ ତାଙ୍କ ପଦବୀରୁ ଅପସାରିତ କରାଯାଇ ପାରେ

୧) ସେ ଯଦି କୌଣସି କାରଣରୁ ଦୀର୍ଘ ଦିନ ଧରି ଅନୁପସ୍ଥିତ ରହି ନିଜର ସାଂଗଠନିକ ଦାୟିତ୍ୱ ପରିଚାଳନାରେ ଅସମର୍ଥ ହୁଅନ୍ତି ।

୨) ସେ ଯଦି ନିଜର ଶାରୀରିକ ବା ମାନସିକ ଅସୁସ୍ଥତା ଯୋଗୁଁ ସାଂଗଠନିକ ଦାୟିତ୍ୱ ନିର୍ବାହ କରିବାରେ ଅସମର୍ଥ ହୁଅନ୍ତି ।

୩) କୁବେର ସମାଜ ସଂଗଠନର ମୁଖ୍ୟ ହୋଇ ଯଦି ସାମାଜିକ ନିୟମ କାନୁନ୍ କୁ ଭ୍ରୂକ୍ଷେପ ନକରି ମନଇଚ୍ଛା କାର୍ଯ୍ୟ କରନ୍ତି ।

ଖ) ନିମ୍ନ ଲିଖିତ ପ୍ରକ୍ରିୟାରେ ତାହାଙ୍କୁ ଅପସାରିତ କରାଯିବ । ଯଦି ପ୍ରଥମେ ତାଙ୍କର ଅପସାରଣ ସଂପର୍କିତ ଅଭିଯୋଗ କାର୍ଯ୍ୟକାରୀ କମିଟୀରେ ବହୁମତରେ ଗୃହୀତ ହୁଏ ତେବେ ଏହା ପ୍ରସ୍ତାବ ଆକାରରେ ମହାସଭାର ସାଧାରଣ ଅଧିବେଶନରେ ଉପସ୍ଥାପିତ ହେବ । ଉପସ୍ଥିତ ସଦସ୍ୟ/ ସଦସ୍ୟାମାନନଙ୍କ ମଧ୍ୟରୁ ଯଦି ଦୁଇ ତୃତୀୟାଂଶ ସଂଖ୍ୟା ତାକୁ ସମର୍ଥନ କରନ୍ତି ତେବେ ଏହା କାର୍ଯ୍ୟକାରୀ ହେବ ।

ଏ କ୍ଷେତ୍ରରେ ସଭା ଚାହିଁଲେ ବରିଷ୍ଠ ଯୋଗ୍ୟ ଦକ୍ଷ ଉପସଭାପତିଙ୍କୁ କାମଚଳା ସଭାପତି ରୂପେ ଦାୟିତ୍ୱ ଦେଇପାରେ ବା ଅବଧି ଶେଷ ପର୍ଯ୍ୟନ୍ତ ଅନ୍ୟ ଜଣକୁ ସଭାପତି ରୂପେ ନିର୍ବାଚିତ କରି ଦାୟିତ୍ୱ ଦେଇପାରେ ।

ଗ) ଅନେକ ସମୟରେ ସଭାପତି ନିଜର ଶାରୀରିକ, ମାନସିକ ଦୁର୍ବଳତା ଯୋଗୁଁ ବା ଅନ୍ୟ କୌଣସି କରାଣରୁ ନିଜ ତରଫରୁ ଇସ୍ତଫା ଦେଇ ଦାୟିତ୍ୱ ମୁକ୍ତ ହେବାକୁ ଚାହାନ୍ତି । ଏପରି ସ୍ଥଳେ କାର୍ଯ୍ୟକାରୀ କମିଟୀ ତାଙ୍କର ଇସ୍ତଫାକୁ ଗ୍ରହଣ କରି ସାଧାରଣ ସଭାର ଅନୁମୋଦନ ପାଇଁ ପଠାଇବ ଏବଂ ଜଣେ ଉପ ସଭାପତିଙ୍କୁ କାମଚଳା ସଭାପତି ଭାବରେ

ନିଯୁକ୍ତ କରିପାରିବ। (ଏହା ମଧ୍ୟ ସାଧାରଣ ସଭାରେ ଅନୁମୋଦିତ ହେବ) ।

ଏହି ନିଯୁକ୍ତି ସାଧାରଣ ସଭାରେ ଅନୁମୋଦିତ ହେବା ଜରୁରୀ ଅଟେ । ସାଧାରଣ ସଭା ସଂପୃକ୍ତ ନିଯୁକ୍ତିକୁ ଅନୁମୋଦନ ପୂର୍ବକ କାମଚଳା ସଭାପତିଙ୍କୁ ଅବଧି ଶେଷ ପର୍ଯ୍ୟନ୍ତ ରଖିପାରେ ବା ଉପନିର୍ବାଚନ କରି ସଭାପତି ପଦବୀ ପୂରଣ କରି ପାରେ ।

**୮୧ - ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତାଙ୍କ ଅପସାରଣ :-**

କ) ସଭାପତିଙ୍କ ବ୍ୟତୀତ ମହାସଭାର ଅନ୍ୟ କୌଣସି କର୍ମକର୍ତ୍ତାଙ୍କ ବିରୁଦ୍ଧରେ କୌଣସି ଗୁରୁତର ଅଭିଯୋଗ ଆସି ତାଙ୍କୁ ବହିଷ୍କାର କରିବା ପର୍ଯ୍ୟନ୍ତ କଥା ଗଲେ , ୧- ସେ ଯଦି ଜଣେ ମନୋନୀତ କାର୍ଯ୍ୟକର୍ତ୍ତା ହୋଇଥାନ୍ତି ତେବେ ସଭାପତି ନିଜେ ଉକ୍ତ ଅଭିଯୋଗର ସତ୍ୟାସତ୍ୟ ଅନୁସନ୍ଧାନ କରିପାରନ୍ତି ବା ବିଚାର ମଞ୍ଚ ଦ୍ୱାରା ଏହାର ବିଚାର କରାଇ ଅଭିଯୋଗ ସତ୍ୟ ବୋଲି ପ୍ରମାଣିତ ହେଲେ ଅଭିଯୁକ୍ତ କର୍ମକର୍ତ୍ତାଙ୍କୁ ମହାସଭା କାର୍ଯ୍ୟକାରୀ କମିଟୀର ପରାମର୍ଶ କ୍ରମେ ବହିଷ୍କାର କରି ପାରିବେ । ଉକ୍ତ ବହିଷ୍କାର ଆଦେଶକୁ ମହାସଭାର ଅନୁମୋଦନ ପାଇଁ ଜଣାଇ ଦେବେ ।

ଖ) ଅନ୍ୟାନ୍ୟ ନିର୍ବାଚିତ କର୍ମକର୍ତ୍ତାଙ୍କ ବିରୁଦ୍ଧରେ ଲିଖିତ ଅଭିଯୋଗ ସଭାପତିଙ୍କୁ ବା କାର୍ଯ୍ୟକାରୀ କମିଟୀକୁ ଦିଆଯାଇ ପାରେ । ଏପରି କ୍ଷେତ୍ରରେ ସଭାପତି ଅଭିଯୋଗର ସତ୍ୟତା ଉପଲବ୍ଧି କଲେ ଅଭିଯୁକ୍ତ କର୍ମକର୍ତ୍ତାଙ୍କୁ ବହିଷ୍କାର କରି କାର୍ଯ୍ୟକାରୀ କମିଟୀକୁ ଜଣାଇ ଦେବେ । କାର୍ଯ୍ୟକାରୀ କମିଟୀ ଏହି ଆଦେଶକୁ ମହାସଭାରେ ଅନୁମୋଦିତ କରାଇ ନେବେ, କାର୍ଯ୍ୟକାରୀ କମିଟୀ ମଧ୍ୟ ଅଭିଯୋଗର ବିଚାର କରି ବହୁ ମତରେ ପ୍ରସ୍ତାବ ଗ୍ରହଣ କରି ସାଧାରଣ ସଭାରେ ପକାଇବେ । ସାଧାରଣ ସଭାରେ ୨/୩ ମତରେ ଏହା ଗୃହୀତ ହେଲେ କାର୍ଯ୍ୟକାରୀ ହେବ ।

ଗ)ଅଭିଯୁକ୍ତ ମନୋନୀତ ସଦସ୍ୟ/ ସଦସ୍ୟାଙ୍କ ଅପସାରଣ ଯୋଗୁଁ ସୃଷ୍ଟି ହେଇଥିବା ଖାଲିସ୍ଥାନ ସଭାପତି ମନୋନୟନ ପ୍ରତିକ୍ରିୟାରେ ସଂଗେ ସଂଗେ ପୂରଣ କରି ମହାସଭାର ଅନୁମୋଦନ କରାଇନେବେ । ନିର୍ବାଚିତ ପ୍ରତିନିଧିଙ୍କ ଅପସାରଣ ଯୋଗୁଁ ଯଦି କୌଣସି ପଦବୀ ଖାଲି ହୁଏ ତେବେ ମନୋନୟନ ଦ୍ୱାରା କାର୍ଯ୍ୟକାରୀ କମିଟୀର ଅନୁମୋଦନ କ୍ରମେ ଉକ୍ତ ପଦବୀ ପୂରଣ କରି ପାରିବେ । ଯଦି କମିଟୀ ଉପଯୁକ୍ତ ମନେକରେ ତେବେ ଅବଧିର ଅବଶିଷ୍ଟ ସମୟ ଶେଷ ପର୍ଯ୍ୟନ୍ତ ତାଙ୍କୁ ରଖିପାରେ ବା ଉପନିର୍ବାଚନ ଦ୍ୱାରା ଉକ୍ତ ପଦବୀ ପୂରଣ କରିବା ପାଇଁ ସାଧାରଣ ସଭାକୁ ସୁପାରିଶ କରିପାରେ ।

**୮୨) ସଂଗଠନର କାର୍ଯ୍ୟକର୍ତ୍ତା ଚୟନ:-**

ଦୁଇଟି ଉପାୟରେ ମହାସଭା ଓ ସାଇସଭା ତଥା ଜୋନାଲ କମିଟୀର କେତେକ କାର୍ଯ୍ୟକର୍ତ୍ତାଙ୍କ ଚୟନ କରାଯିବ ।

୧) **ନିର୍ବାଚନ ଦ୍ୱାରା :** ମହାସଭା କାର୍ଯ୍ୟକାରଣୀର ସମସ୍ତ ସଦସ୍ୟ ଯଥା- ସଭାପତି, ଉପସଭାପତି, ସାଧାରଣ ସମ୍ପାଦକ, ସମ୍ପାଦକ କୋଷାଧ୍ୟକ୍ଷ ତଥା କାର୍ଯ୍ୟକାରୀ କମିଟୀ ସଦସ୍ୟମାନଙ୍କୁ କୁବେର ସମାଜ ମହା ସଭାର ସାଧାରଣ ଅଧିବେସନରେ ୪ ବର୍ଷରେ ଥରେ ପ୍ରତ୍ୟକ୍ଷ ନିର୍ବାଚନରେ ସାବାଳକ ଭୋଟପ୍ରଥାରେ ବହୁମତରେ ନିର୍ବାଚିତ କରାଯିବ । ସାଇ ସଭାର କାର୍ଯ୍ୟକର୍ତ୍ତାମାନଙ୍କୁ ମଧ୍ୟ ସାଇ ସଭାର ସାଧାରଣ ବୈଠକରେ ସାବାଳକ ଭୋଟ ପ୍ରଥାରେ ବହୁମତରେ ନିର୍ବାଚିତ କରାଯିବ ।

୨) **ମନୋନୟନ ପ୍ରକ୍ରିୟାରେ :-** ଏପରି କେତେକ ପଦବୀ ଅଛି ଯେଉଁଥି ପାଇଁ ଅଭିଜ୍ଞ ତଥା ବିଶେଷ ଜ୍ଞାନ ସଂପନ୍ନ ବ୍ୟକ୍ତିଙ୍କ ଆବଶ୍ୟକତା ହୋଇଥାଏ । ଏପରି ବ୍ୟକ୍ତି ନିର୍ବାଚନର ସମ୍ମୁଖୀନ ହେବାକୁ ଚାହାନ୍ତି ନାହିଁ ବା ଅନେକ କ୍ଷେତ୍ରରେ ପ୍ରତ୍ୟକ୍ଷ ନିର୍ବାଚନ ଦ୍ୱାରା ତାଙ୍କୁ ବାଛିବା ସହଜ ନୁହେଁ । ଏଣୁ ସେ କ୍ଷେତ୍ରରେ ମନୋୟନ ପଦ୍ଧତି ଅନୁସରଣ କରାଯାଇଥାଏ ।

ମହାସଭା ବିଚାର ମଞ୍ଚର ସଦସ୍ୟ/ ସଦସ୍ୟା ଓ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ/ ସଦସ୍ୟା , ସମୀକ୍ଷକ ମଣ୍ଡଳୀର ସଦସ୍ୟ , ବିଧି ଉପଦେଷ୍ଟା , ମାତୃ ମଞ୍ଚର ସଭାନେତ୍ରୀ, ଯୁବାମଞ୍ଚର ସଭାପତିଙ୍କୁ ମହାସଭାର ସଭାପତି କାର୍ଯ୍ୟକାରୀ କମିଟୀର ପରାମର୍ଶ କ୍ରମେ ମନୋନୀତ କରିବେ ।

ମାତୃମଞ୍ଚର ସଭାନେତ୍ରୀ , ମାତୃମଞ୍ଚର ସଂପାଦକ ଓ ସଦସ୍ୟମାନଙ୍କୁ ଓ ଜୋନାଲ କମିଟୀର ମାତୃମଞ୍ଚ ସଂଯୋଜିକାଙ୍କୁ ମନୋନୀତ କରିବେ । ଯୁବାମଞ୍ଚର ସଭାପତି ଯୁବା ମଞ୍ଚର ସଂପାଦକ ଓ ସଦସ୍ୟମାନଙ୍କୁ ତଥା ଜୋନାଲ କମିଟୀର ସଂଯୋଜକଙ୍କୁ ମନୋନୀତ କରିବେ ।

## ୮୩. (କ) ୧. ନିର୍ବାଚନ ପାଇଁ ନାମାଙ୍କନ :

ନିର୍ବାଚନ ପାଇଁ ପ୍ରାର୍ଥୀମାନଙ୍କ ନାମାଙ୍କନ ଦୁଇଟି ଉପାୟରେ ଆସି ପାରିବ ।

୧) କୌଣସି ପଦବୀ ପାଇଁ ଜଣେ ସଦସ୍ୟ (ପ୍ରସ୍ତାବକ) ଅନ୍ୟ ଜଣଙ୍କର ନାମ ପ୍ରସ୍ଥାବ କରିବେ ତାକୁ ଅନ୍ୟ ଦୁଇ ଜଣ ବ୍ୟକ୍ତି (ସମର୍ଥକ) ସମର୍ଥନ କରିବେ ।

୨) ପ୍ରାର୍ଥୀ ନିଜ ଆଡ଼ୁ ସିଧାସଳଖ କୌଣସି ପଦବୀ ପାଇଁ ନିଜର ନାମ ପ୍ରସ୍ତାବ ଆକାରରେ ଆଗତ କରି ପାରନ୍ତି । ଏ କ୍ଷେତ୍ରରେ ମଧ୍ୟ ତାଙ୍କୁ ଦୁଇ ଜଣ ବ୍ୟକ୍ତି ସମର୍ଥନ କରିବା ଆବଶ୍ୟକ ।

## ୮୩. (ଖ) ନାମାଙ୍କନ ପାଇଁ ପ୍ରାର୍ଥୀଙ୍କ ଯୋଗ୍ୟତା

୧)ପ୍ରାର୍ଥୀ ମହାସଭା ଅଧୀନସ୍ଥ ଯେ କୌଣସି ସାଇର ଜଣେ ଯୋଗ୍ୟ ସଦସ୍ୟ/ ସଦସ୍ୟା ହୋଇଥିବେ ।

୨)ତାଙ୍କ ନାମରେ କୌଣସି ସାମାଜିକ ଅଭିଯୋଗ ନ ଥିବ ।

୩) ସେ କୌଣସି ବିଶୃଙ୍ଖଳ ଆଚରଣ ପାଇଁ ବାଛନ୍ଦ ହୋଇ ନ ଥିବେ ।

୪) ସେ ଲେଖିପଢ଼ି ଜାଣିଥିବେ ।

## ୮୩.(ଗ) ପ୍ରସ୍ତାବକ ଓ ସମର୍ଥକ ତଥା ଭୋଟରଙ୍କ ଯୋଗ୍ୟତା:

୧) କୌଣସି ପ୍ରାର୍ଥୀଙ୍କ ପ୍ରସ୍ତାବକ ବା ସମର୍ଥକ ବା ଭୋଟର୍ ମହାସଭା ଅଧୀନସ୍ଥ କୌଣସି ସାଇର ଯୋଗ୍ୟ ସଦସ୍ୟ/ ସଦସ୍ୟା ହୋଇଥିବେ।

୨) ତାଙ୍କ ନାମରେ କୌଣସି ସାମାଜିକ ଅଭିଯୋଗ ନ ଥିବ ।

୩) ସେ କୌଣସି ସାମାଜିକ ଦୋଷରୁ ବାସନ୍ଦ ହୋଇ ନ ଥିବେ ।

୪) ତାଙ୍କ ନାମରେ କୌଣସି ସାମାଜିକ ଦେୟ୍ ବାକି ନ ଥିବ ।

## ୮୪.(କ) ନିର୍ବାଚନ ଅଧିକାରୀ :-

ମହାସଭାର ବିଭିନ୍ନ ପଦବୀ ପାଇଁ ହେଉଥିବା ନିର୍ବାଚନକୁ ନିରପେକ୍ଷ ଭାବରେ ପରିଚାଳନା କରିବା ପାଇଁ ଜଣେ ସଦସ୍ୟ/ ସଦସ୍ୟାଙ୍କୁ ସଭାପତି କାର୍ଯ୍ୟକାରୀ କମିଟୀର ପରାମର୍ଶ କ୍ରମେ ନିର୍ବାଚନ ଅଧିକାରୀ ଭାବରେ ମନୋନୀତ କରିବେ । ସେ ନିର୍ବାଚନ ପରିଚାଳନା କରି ଫଳାଫଳ ଘୋଷଣା କରିବେ ।

## ୮୪. ଖ) ନିର୍ବାଚନ ଅଧିକାରୀଙ୍କ ଯୋଗ୍ୟତା :-

୧) ନିର୍ବାଚନ ପରିଚାଳନା ପାଇଁ ନିଯୁକ୍ତ ସଦସ୍ୟ/ ସଦସ୍ୟା ମହାସଭା ଅଧୀନସ୍ଥ ଯେ କୌଣସି ସାଇର ଜଣେ ଯୋଗ୍ୟ ସଦସ୍ୟ/ ସଦସ୍ୟା ହୋଇଥିବେ ।

୨) ତାଙ୍କ ନାମରେ କୌଣସି ପ୍ରକାର ସାମାଜିକ ଅଭିଯୋଗ ନ ଥିବ ।

୩) ସେ କୌଣସି ପ୍ରକାର ବାଛନ୍ଦ ହୋଇ ନ ଥିବେ ।

୪) ସେ ଲେଖି ପଢ଼ି ଜାଣିଥିବେ ।

୫) ସେ ନିରପେକ୍ଷ ନିଷ୍ପତ୍ତି ନେଇ ପାରୁଥିବେ ।

୬) ଅନୁଷ୍ଠିତ ନିର୍ବାଚନରେ ସେ ନିଜେ ବା ତାଙ୍କର କୌଣସି ସଂପର୍କୀୟ ପ୍ରାର୍ଥୀ ହୋଇ ନ ଥିବେ ।

## ୮୪.(ଗ) ନିର୍ବାଚନ ଅଧିକାରୀଙ୍କ ଦାୟିତ୍ୱ :-

୧) ସେ ସମସ୍ତ ପ୍ରାର୍ଥୀମାନଙ୍କ ଯୋଗ୍ୟତା ତନଖି କରି ତାଙ୍କର ଯୋଗ୍ୟତା ବା ଅଯୋଗ୍ୟତା ଘୋଷଣା କରିବେ । (ଉଭୟ ନିର୍ବାଚନ ଲଢୁଥିବା ପ୍ରାର୍ଥୀ ଓ ମନୋନୀତ ପ୍ରାର୍ଥୀ )

୨) ଅନୁଷ୍ଠିତ ନିର୍ବାଚନ ସଭାରେ ଉପସ୍ଥିତ ସଦସ୍ୟ/ସଦସ୍ୟାମାନେ ହାତ ଟେକି ସମର୍ଥନ ଜଣାଇ ପାରନ୍ତି ବା ଗୁପ୍ତଭୋଟ୍ ମାଧ୍ୟମରେ ସମର୍ଥନ ଜଣାଇ ପାରିନ୍ତି । (ନିର୍ବାଚନ ଅଧିକାରୀ ଏହା ସ୍ଥିର କରିବେ)

୩) ସେ ଭୋଟ ଗଣନା କରି ଫଳାଫଳ ଘୋଷଣା କରିବେ ।

୪) ଭୋଟ ଆରମ୍ଭ ହେବା ପୂର୍ବରୁ ପ୍ରାର୍ଥୀମାନେ ସଂପୃକ୍ତ ପଦବୀ ପାଇଁ (ଯେଉଁ ପଦପାଇଁ ଅନ୍ୟମାନେ ତାଙ୍କ ନାମ ପ୍ରସ୍ତାବ କରିଥିବେ ।) ଇଚ୍ଛୁକ ଅଟନ୍ତି କି ନାହିଁ ତାହା ଘୋଷଣା କରିବାକୁ ନିର୍ଦ୍ଦେଶ ଦେବେ ।

୫) ଦରକାର ପଡ଼ିଲେ ନିର୍ବାଚନ ପରିଚାଳନାରେ ସାହାଯ୍ୟ କରିବା ପାଇଁ ସେ ଜଣେ ସାହାଯ୍ୟକାରୀ ଦେବାକୁ ସଭାପତିଙ୍କୁ ଅନୁରୋଧ କରିବେ ।

୬) ସେ ନିଜେ ଭୋଟ ଦାନରେ ଭାଗ ନେଇ ପାରିବେ ନାହିଁ ।

**୮୪.(ଘ)** ଯଦି କୌଣସି ପଦବୀ ପାଇଁ ଜଣେ ମାତ୍ର ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ ହୋଇ ଥାଏ ଓ ତାହା ବୈଧ ହୋଇଥାଏ ତେବେ ସେ କ୍ଷେତ୍ରରେ ନିର୍ବାଚନ କରା ନ ଯାଇ ସଂପୃକ୍ତ ପ୍ରାର୍ଥୀଙ୍କୁ ନିର୍ଦ୍ୱନ୍ଦରେ ନିର୍ବାଚିତ ହେଲେ ବୋଲି ଘୋଷଣା କରାଯିବ ।

## ୮୪.ଙ) କର୍ମକର୍ତ୍ତାମାନଙ୍କ ଶପଥ ଗ୍ରହଣ :-

ନିର୍ବାଚନ ଫଳ ଘୋଷଣା ସରିବା ପରେ ସଭାପତିଙ୍କ ତରଫରୁ ଜଣେ ବିଶିଷ୍ଟ ଅଭିଜ୍ଞ ସଦସ୍ୟ/ସଦସ୍ୟାଙ୍କ ଦ୍ୱାରା ନିର୍ବାଚିତ ତଥା ମନୋନୀତ ସମସ୍ତ କର୍ମକର୍ତ୍ତାଙ୍କୁ ବ୍ୟକ୍ତିଗତ/ସାମୁହିକ ଶପଥପାଠ କରାହେବ । ଶପଥପାଠର ନମୂନା ପରିଶିଷ୍ଟ ଙ (୬) ପୃଷ୍ଠା-୮୫ ଦ୍ରଷ୍ଟବ୍ୟ । ଶପଥପାଠ ପରେ ପରେ ସମସ୍ତ ନୂତନ ସଦସ୍ୟ/ସଦସ୍ୟାଙ୍କୁ ସଭା ତରଫରୁ ଉପଯୁକ୍ତ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ ।

# ପରିଶିଷ୍ଟ -ଡ

## ବିଭିନ୍ନ ପ୍ରକାର ଆବଶ୍ୟକ ଫର୍ମର ନମୁନା

## (କ) ହଳଦିଆ ପତ୍ର



ଓଁ

ଶ୍ରୀ ଶ୍ରୀ ପ୍ରଜାପତୟେ ନମଃ

ଶ୍ରୀ ଶ୍ରୀ କୁବେରାୟ ନମଃ



## କୁବେର ସମାଜ ପଶ୍ଚିମାଞ୍ଚଳ, ଓଡ଼ିଶା ଓ ଛ.ଗ.

### ହଳଦିଆ ପତ୍ର

ଆମ୍ଭେ ଶ୍ରୀ .................................... ନି....................................

ପୋ.ଅ. .................................... ସାଇ ....................

ଜି.................................... ଅଦ୍ୟ ତା.................. ରିଖ ଦିନ

ଏହି ଶୁଭ ନିର୍ବନ୍ଧ ସମୟରେ ଜାତିଭାଇ ତଥା ଗ୍ରାମବାସୀଙ୍କ ଉପସ୍ଥିତିରେ କୁଳ ଦେବତା

କୁବେରଙ୍କୁ ସାକ୍ଷୀ ରଖି ପବିତ୍ର ମନରେ ସଂକଳ୍ପ ଗ୍ରହଣ ପୂର୍ବକ ଆମ୍ଭର ..............

ଆୟୁଷ୍ମତୀ.................... ବୟସ.... ବର୍ଷଙ୍କୁ ଆୟୁଷ୍ମାନ....................

ବୟସ .............. ବର୍ଷ, ପିତା ....................................

ନି.................... ପୋ.ଅ.................... ସାଇ....................

ଜି.................... ଙ୍କୁ ପ୍ରଦାନ କରିବାକୁ ଘୋଷଣା କରୁଅଛୁ ।

ଆଗାମୀ ତା.................. ରିଖ ..................ମାସ ..............

.............. ତିଥି .................. ବାର ଦିନ .................... ସମୟରେ

ବିବାହ କାର୍ଯ୍ୟ ସମ୍ପନ୍ନ ହେବାକୁ ଲଗ୍ନ ସ୍ଥିରୀକୃତ ହୋଇ ଅଛି ।

ବରପିତା/ଅଭିଭାବକଙ୍କ ସ୍ୱାକ୍ଷର

କନ୍ୟାପିତା/ଅଭିଭାବକଙ୍କ ସ୍ୱାକ୍ଷର

ସାଇ ସଭାପତି/ସଦସ୍ୟଙ୍କ ସ୍ୱାକ୍ଷର

ପୁରୋହିତଙ୍କ ସ୍ୱାକ୍ଷର

୨ଜଣ ଗ୍ରାମବାସୀଙ୍କ ସ୍ୱାକ୍ଷର
୧.
୨.

ବି.ଦ୍ର : କନ୍ୟାପକ୍ଷ ନିଜ ପାଖରେ ଏକକିତା ରଖି ଏକକିତା ବରପକ୍ଷକୁ ଦେବେ ଏବଂ ତୃତୀୟ କିତା ସାଇ ସଭାପତିଙ୍କ ପାଖରେ ରହିବ ।